




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୬ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 26 MAY 2022
Vol.No. 33 ■ No. 137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧





ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ରୁଷ ପ୍ରତିରକ୍ଷାମନ୍ତ୍ରୀଙ୍କ ନୂଆ ବୟାନ: ଲକ୍ଷ୍ୟ ହାସଲ ଯାଏଁ ଚାଲିବ ଆକ୍ରମଣ

ନୂଆଦିଲ୍ଲୀ, ୨୫/୦୫ : ରୁଷ-ୟୁକ୍ରେନ ଯୁଦ୍ଧକୁ ପୂରିଛି ୯୧ ଦିନ । ଆକ୍ରମଣ କରିଚାଲିଛନ୍ତି ରୁଷ ସେନା, ଧ୍ୱଂସ ମୁହଁରେ ପୂରା ୟୁକ୍ରେନ । ଏହା ଭିତରେ ରୁଷ ପୁଣି ଥରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି ଓ କହିଛି ଯେଉଁ ପର୍ଯ୍ୟନ୍ତ ସେ ନିଜର ଲକ୍ଷ୍ୟ ପୂରା କରିନି ସେପର୍ଯ୍ୟନ୍ତ ଜାରି ରହିବ ସେନାକାର୍ଯ୍ୟାନୁଷ୍ଠାନ । ସେପଟେ ୟୁକ୍ରେନକୁ ଦେଇଥିବା ଆମେରିକାର ଶକ୍ତିଶାଳୀ ଯୁଦ୍ଧାସ୍ତ୍ରକୁ ନଷ୍ଟ କରି ୟୁକ୍ରେନ ଛାତିରେ ମାଡିଚାଲିଛି କ୍ରେମଲିନ । ସମସ୍ତ ଲକ୍ଷ୍ୟ ହାସଲ ହେବା ପର୍ଯ୍ୟନ୍ତ ୟୁକ୍ରେନରେ ରୁଷସେନାର ଆକ୍ରମଣ ଜାରି ରଖିବ ବୋଲି ସ୍ପଷ୍ଟ କରିଛନ୍ତି ପୁଟିନଙ୍କ ପ୍ରତିରକ୍ଷାମନ୍ତ୍ରୀ ସୋର୍ଗେଇ ସୋଇଗୁ । ନିରାପତା ରାଜିନାମା ସଂଗଠନର ପ୍ରତିରକ୍ଷା ମନ୍ତ୍ରୀ ପରିଷଧ ବୈଠକରେ ସୋଇଗୁ



କହିଛନ୍ତି ଯେ ୟୁକ୍ରେନକୁ ପାଶ୍ଚାତ୍ୟ ଦେଶର ସହାୟତା ଓ ରୁଷ ଉପରେ କଟକଣା ଚାପ ସତ୍ତ୍ୱେ ପୁଟିନ ବାହାନୀ ନିଜ ଲକ୍ଷ୍ୟ ପଥରେ ଆଗଉଛନ୍ତି । ଯେଉଁପର୍ଯ୍ୟନ୍ତ ଲକ୍ଷ୍ୟହାସଲ ହୋଇନି ସେଯାଏଁ ଚାଲିବ ସ୍ୱତନ୍ତ୍ର ସାମରିକ ଅଭିଯାନ । ସେପଟେ ପୂର୍ବ ୟୁକ୍ରେନରେ ଘମାଘୋଟ ଆକ୍ରମଣ କରି ଡୋନବାସକୁ କବଜା କରିବା ଲକ୍ଷ୍ୟରେ ଆଗେଇଚାଲିଛି ରୁଷ ସେନା । ୟୁକ୍ରେନରେ ନରସଂହାର କରୁଥିବା ଅଭିଯୋଗ ଆସିବା ପରେ ରୁଷ ନିଜ ସଫେଇ ରଖିଛି । ରୁଷ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ସାଧାରଣ ନାଗରିକଙ୍କ ମୃତ୍ୟୁକୁ ଏଡାଇବା ପାଇଁ ରୁଷ ୟୁକ୍ରେନରେ ସାମୟୀକ ଅସ୍ତ୍ରବିରତି ▶▶ପୃଷ୍ଠା ୭

## ବିକାଶ ନାମରେ ପବିତ୍ର ଧାମର ଅସ୍ତିତ୍ୱ ଓ ଆଦର୍ଶର ବିଲୋପର ମାର୍ଗ ପ୍ରସ୍ତୁତ କରାଯାଉଛି : ଶଙ୍କରାଚାର୍ଯ୍ୟ

ପୁରୀ, ୨୫/୦୫ (ନି.ପ୍ର.): ବିକାଶ ନାମରେ ପବିତ୍ର ଧାମର ଅସ୍ତିତ୍ୱ ଓ ଆଦର୍ଶର ବିଲୋପର ମାର୍ଗ ପ୍ରସ୍ତୁତ କରାଯାଉଛି ବୋଲି କହିଛନ୍ତି ପୁରୀର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ । ସେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଯେ 'ପୁରୀରେ ବିକାଶ ନାମରେ ଯେଉଁ ହାହୋଲ୍ଲା ହେଉଛି ତାହା ଏହି ପବିତ୍ର ଧାମର ଅସ୍ତିତ୍ୱ ଓ ଆଦର୍ଶର ବିଲୋପର ମାର୍ଗ ପ୍ରସ୍ତୁତ କରୁଛି। ଶାସନତନ୍ତ୍ରର ଏହା ଦାୟିତ୍ୱ ଯେ ତୀର୍ଥସ୍ଥଳୀକୁ ଭୋଗସ୍ଥଳୀର ରୂପ ପ୍ରଦାନ ନକରୁ। ମୁଁ ବିକାଶକୁ ସମର୍ଥନ କରେ। ମାତ୍ର ବିକାଶ



ନାମରେ ତୀର୍ଥସ୍ଥାନର ଅସ୍ତିତ୍ୱ ଓ ଆଦର୍ଶ ବିଲୁପ୍ତ ହୋଇଯିବ ଏହାକୁ ସମର୍ଥନ କରେ ନାହିଁ। ସେ ଆହୁରି କହିଛନ୍ତି ଯେ ଶାସନତନ୍ତ୍ର ପରମ୍ପରାଗତ ମଠଗୁଡ଼ିକୁ ରାସ୍ତାକୁ ବିସ୍ତୃତ କରିବା ଉଦେଶ୍ୟରେ ଭାଙ୍ଗିସାରିଛି । ଏପରିକି ଦେବାଦେବୀଙ୍କ ସ୍ଥାନକୁ ବି ବିଲୁପ୍ତ କରି ଦିଆଯାଇଛି। ଶାସନତନ୍ତ୍ର ଏହା ନଭାବୁ ଯେ ସେ ଖୁବ୍ ଶକ୍ତିଶାଳୀ। ଲୋକମତ କେବେ ବି ବିପରୀତ ହୋଇପାରେ। ଓଡ଼ିଶାର ଜନସାଧାରଣ ବର୍ଷ ବର୍ଷ ଧରି ଯେଉଁ ରାଜନେ?ତିକ ଦଳକୁ ଶାସନ କରିବାର ସୁଯୋଗ ଦେଇ ଆସିଛନ୍ତି ସେହି ଜନସାଧାରଣଙ୍କୁ ମୁଁ କହିବାକୁ ଚାହିଁବି କି ପୁରୀର ଧାର୍ମିକ ଆଦର୍ଶକୁ ବିକୃତ ଓ ବିଲୁପ୍ତ କରିବାର ପ୍ରୟାସ କରାଯାଉଛି। ଧାର୍ମିକସ୍ଥଳକୁ ପ୍ରଦର୍ଶନୀସ୍ଥଳ ବା ପିକ୍‌ନିକ୍ କେନ୍ଦ୍ର ବନାଇବା ଉଚିତ ନୁହେଁ। ତପସ୍ଥଳୀକୁ ଭୋଗସ୍ଥଳୀ କରିବା କଦାପି ଉଚିତ ନୁହେଁ।'

## ଆତଙ୍କବାଦୀ ୟାସୀନ ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡ

ନୂଆଦିଲ୍ଲୀ, ୨୫/୦୫ : ଆଜି ଏନଆଇଏ କୋର୍ଟ ଆତଙ୍କବାଦୀ ୟାସୀନ ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାସହ କୋର୍ଟ ତାଙ୍କୁ ୧୦ ଲକ୍ଷ ଟଙ୍କାର ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୭ ରେ ଆତଙ୍କବାଦୀ ୟାସୀନ ମଲ୍ଲିକ କାଶ୍ମୀରରେ ଆତଙ୍କବାଦ ଗତିବିଧି କୁ ପ୍ରୋତ୍ସାହିତ କରିବା ସହ ଅନ୍ୟ କିଛି ଗମ୍ଭୀର ଅପରାଧରେ ସଂପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା । କେବଳ ସେତିକି ନୁହେଁ ୟାସୀନ ମଲ୍ଲିକ ଜମ୍ମୁ-କାଶ୍ମୀରରେ ଯୁବକଙ୍କମାନଙ୍କୁ ଆତଙ୍କବାଦ ପ୍ରତି ଆକୃଷ୍ଟ କରିବା, ଜଣେ ବାୟୁସେନା ଅଧିକାରୀଙ୍କୁ ହତ୍ୟା କରିବା ସହ ଆତଙ୍କବାଦୀ



ହାଫିଜ୍ ସଇଦ ସହ ସଂପର୍କ ରଖିବା ଭଳି ଗୁରୁତର ଅଭିଯୋଗ ରହିଥିଲା । ସେପଟେ ଏହାର ବିଚାର ଚାଲିଥିବା ବେଳେ ୟାସୀନ ମଲ୍ଲିକ କୋର୍ଟକୁ କହିଥିଲେ କି, ସେ ୟୁଏପିଏ ଧାରା ୧୬ (ଆତଙ୍କବାଦୀ ଗତିବିଧି), ୧୭ (ଆତଙ୍କବାଦୀ ଗତିବିଧି ପାଇଁ ଅର୍ଥ ଯୋଗାଡ କରିବା), ୧୮ (ଆତଙ୍କବାଦୀ ଆକ୍ରମଣ ପାଇଁ ଷଡଯନ୍ତ୍ର କରିବା), ୨୦ (ଆତଙ୍କବାଦୀ ସଂଗଠନର ସଦସ୍ୟ ହେବା) ଓ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୦(ବି) (ଅପରାଧିକ ଷଡଯନ୍ତ୍ର), ୧୨୪ (ଏ) (ଦେଶଦ୍ରୋହ) ଅଭିଯୋଗ ଉପରେ ଚ୍ୟାଲେଞ୍ଜ କରିବେ ନାହିଁ । କହିରଖୁ କି ବିଚ୍ଛିନତାବାଦୀ ନେତା ୟାସୀନ ମଲ୍ଲିକ ଜମ୍ମୁ-କାଶ୍ମୀର ଲିବରସେନ ଫ୍ରଣ୍ଟ ସହିତ ଜଡିତ ଥିଲେ । ସେପଟେ ୨୦୧୯ ମସିହାରେ କେନ୍ଦ୍ର ସରକାର ଏହି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ହେଲେ ୧୯୯୦ ମସିହାରେ ୟାସୀନ ମଲ୍ଲିକ ବାୟୁସେନାର ୪ ଜଣ ଯବାନଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହି ମାମଲାରେ ୟାସୀନଙ୍କ ସମେତ ତାଙ୍କର ୬ ଜଣ ସହଯୋଗୀ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇସାରିଛନ୍ତି । କେବଳ ସେତିକି ନୁହେଁ ତତ୍କାଳୀନ ଗୃହମନ୍ତ୍ରୀ ମୁଫତି ମହମ୍ମଦଙ୍କ କନ୍ୟା ରୁବିୟା ସଇଦଙ୍କୁ ଅପହରଣ କରିବା ଭଳି ଅପରାଧରେ ସଂପୃକ୍ତ ଅଛନ୍ତି ୟାସୀନ ମଲ୍ଲିକ ।

## ସାଇବର ଥାନାକୁ ଗଲେ ବର୍ଷା ପ୍ରିୟଦର୍ଶିନୀ



ଭୁବନେଶ୍ୱର, ୨୫/୦୫ (ନି.ପ୍ର): ସାଂସଦ ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ବର୍ଷା ଆଜି ସାଇବର ଥାନାରେ ଅନୁଭବଙ୍କ ବିରୋଧରେ ଏତଲା ଦେଇଛନ୍ତି । ଏଥିରେ କହିଛନ୍ତି ସୋସିଆଲ ମିଡିଆରେ ଭିଡିଓ ଅପଲୋଡ କରି ତାଙ୍କ ଉପରେ ବିଭ୍ରାନ୍ତକାରୀ ଏବଂ ଅସମ୍ମାନଜନକ ଟିପ୍ପଣୀ ଦେଉଛନ୍ତି । ତେଣୁ ଏହାକୁ ଏକ ସାଇବର ଅପରାଧ ଭାବେ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଆବେଦନ କରିଛନ୍ତି । ବର୍ଷା ତାଙ୍କ ଏଫଆଇଆରରେ ଅନୁଭବ ମହାନ୍ତି ରିଅଲ ହିରୋ ଅଫ କେନ୍ଦ୍ରାପଡା ନାଁରେ ତିଆରି ହୋଇଥିବା ଫେସବୁକ ପୋଷ୍ଟ କଥା ଉଲ୍ଲେଖ କରିଛନ୍ତି । ସେପଟେ ସୋସିଆଲ ମିଡିଆରେ ଘୁରି ବୁଲୁଛି ବର୍ଷା ପ୍ରିୟଦର୍ଶିନୀଙ୍କୁ ସମର୍ଥନ କରି ବର୍ଷା ଫ୍ୟାନ୍ସ କ୍ଲବ ନାଁରେ ଏକାଧିକ ପୋଷ୍ଟ । ଯାହାକୁ ବର୍ଷା ନିଜେ ପରିଚାଳନା କରୁଥିବା ଅଭିଯୋଗ କରି ପ୍ରତିକ୍ରିୟା ରଖିଛନ୍ତି ଅନୁଭବ ।

## ଉତ୍ତରପ୍ରଦେଶ ରାଜନୀତିରେ ନୂଆ ମୋଡ
## ହାତ ଛାଡିଲେ ବରିଷ୍ଠ ନେତା କପିଲ ସିବଲ

ନୂଆଦିଲ୍ଲୀ, ୨୫/୦୫ : ଜାତୀୟ ରାଜନୀତିର ସବୁଠୁ ପୁରୁଣା ଦଳ କଂଗ୍ରେସର ସ୍ଥିତି ବର୍ତମାନ ଦୟନୀୟ ରହିଥିବା ବେଳେ ଏବେ ଦଳକୁ ଲାଗିଛି ଆଉ ଏକ ବଡ ଝଟକା । ଦଳୀର ବରିଷ୍ଠ ନେତା କପିଲ ଶିବଲ ଦଳ ଛାଡିଥିବା ନେଇ ଘୋଷଣା କରିବା ସହ ସମାଜବାର୍ଦି ପାର୍ଟି ସର୍ମଥନରେ ରାଜ୍ୟସଭା ପାର୍ଥୀ ପାଇଁ ନାମାଙ୍କନ ଦାଖଲ କରିଛନ୍ତି । ଏହି ଘୋଷଣା କେବଳ ଦଳକୁ ଚକିତ କରିନି ବଂର ଜାତୀୟ ରାଜନୀତିରେ ମଧ ହଇଚଇ ସୃଷ୍ଟି କରିଛି । କଂଗ୍ରେସକୁ ବଡ ଝଟକା । ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କପିଲ ସିବଲ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ବୁଧବାର ଲକ୍ଷ୍ନୌରେ ଥିବା ସପା ମୁଖ୍ୟାଳୟରେ ପହଁଚି ଦଳର ମୁଖ୍ୟ ଅଖିଳେଶ ଯାଦବଙ୍କୁ ଭେଟିଥିଲେ ସିବଲ । ପରେ ଗୋଟିଏ କାରରେ



ଏକାଠି ବସି ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପାଇ ଆସିଥିଲେ । କପିଲ ସିବଲ ସମାଜବାଦୀ ପାର୍ଟିର ସର୍ମଥନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ରୁପେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ଏହି ସମୟରେ ସପା ମୁଖ୍ୟ ଅଖିଳେଶ ଯାଦବ ଓ ବରିଷ୍ଠ ନେତା ରାମଗୋପାଳ ଯାଦବଙ୍କୁ ମଧ ଦେଖିବାକୁ ମିଳିଥିଲା । ନାମାଙ୍କନ ଭରିବା ପରେ ସିବଲ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସ୍ୱାଧୀନ ପ୍ରତିନିଧୀ ହେବା ଗୁରୁତ୍ୱପୂର୍ଣ୍ଣ କଥା । ମୁ ସବୁବେଳେ ସ୍ୱାଧୀନ ପ୍ରତିନିଧୀ ହେବାକୁ ଚାହୁଁଛି । ସଂସଦର ଏକ ସ୍ୱତନ୍ତ୍ର ସ୍ୱର ରହିବା ଜରୁରୀ । ସେହିପରି ମେ ୧୬ ତାରିଖରୁ ସେ କଂଗ୍ରେସରୁ ଇସ୍ତଫା ମଧ ଦେଇସାରିଥିବା କହିଛନ୍ତି ସିବଲ । ଦୀର୍ଘଦିନ ଧରି କଂଗ୍ରେସ ହାଇ କମାଣ୍ଡଙ୍କ ବିରୋଧରେ ସ୍ୱର ଉତୋଳନ ▶▶ପୃଷ୍ଠା ୭

## ଶସ୍ତା ହେବ ଖାଇବା ତେଲ, ଆଜିଠୁ ଶୁଳ୍କମୁକ୍ତ ଆମଦାନୀ

ନୂଆଦିଲ୍ଲୀ, ୨୫/୦୫ : ମହଙ୍ଗା ମାଡ଼ରେ ଅତିଷ୍ଠ ହେଲେଣି ସାଧାରଣ ଲୋକ। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶ ଛୁଆଁ ଦର ଯୋଗୁ ବିଗିଡ଼ି ଯାଉଛି ଘରର ବଜେଟ। ଏହାକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। କିଛି ଦିନ ପୂର୍ବେ ପେଟ୍ରୋଲ ଓ ଡିଜେଲ ଦର ହ୍ରାସ କରିଥିବା କେନ୍ଦ୍ର ସରକାର ଏବେ ଖାଇବା ତେଲ ଦରକୁ କମାଇବାକୁ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ▶▶ପୃଷ୍ଠା ୭

## କଳିଙ୍ଗା ଘାଟିରେ ପଶ୍ଚିମବଙ୍ଗର ପର୍ଯ୍ୟଟକ ବସ ଓଲଟି ୬ ମୃତ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ମଙ୍ଗଳବାର ବିଳମ୍ବିତ ରାତ୍ରୀରେ କନ୍ଧମାଳ ସୀମାନ୍ତ ଦୁର୍ଗାପ୍ରସାଦ ନିକଟ କଳିଙ୍ଗା ଘାଟିରେ ପଶ୍ଚିମ ବଙ୍ଗର ଏକ ପର୍ଯ୍ୟଟକ ମାନଙ୍କୁ ନେଇ ଯାଉଥିବା ବସ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ଟି ୬ଜଣଙ୍କ ଜୀବନ ଯାଇଛି ବେଳେ ଅନେକ ଯାତ୍ରୀ ଆହତ ହୋଇଛି । ମିଳିଥିବା ସୂଚନା ଅନୁସାରେ ଦୁର୍ଘଟଣାପରେ ପୁଲିସ ଓ ଦମକାଳବାହିନୀ ସହାୟତାରେ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇଛି । ଆହତ ହୋଇଥିବାବେଳେ ୧୪ ଜଣଙ୍କୁ ଗୁରୁତର ଅବସ୍ଥାରେ ମେକେସିଜିରେ ଭର୍ତ୍ତି କରାଯାଇଥିବାବେଳେ ୧୬ଜଣଙ୍କୁ ଭଞ୍ଜନଗର





ହସପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ବିଶାଖାପାଟଣା ଅଭିମୁଖେ ଯାଉଥିବା ବେଳେ କଳିଙ୍ଗା ଘାଟିରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସଟି ଓଲଟି ପଡିଥିଲା। ଦମକଳବାହିନୀ ଓ ପୁଲିସ ସହ ସ୍ଥାନୀୟ ଲୋକ ମାନେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସମସ୍ତ ଯାତ୍ରୀ ପଶ୍ଚିମବଙ୍ଗର ବୋଲି ପୁଲିସ ସୂଚନା ଦେଇଛି। ମୃତକଙ୍କ ପରିଚୟ ଜଣାପଡିନାହିଁ। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଏନ୍‌କାଉଣ୍ଟରରେ ଟଳିଲେ ୩ ପାକିସ୍ତାନୀ ଆତଙ୍କବାଦୀ

ଶ୍ରୀନଗର, ୨୫/୦୫ (ନି.ପ୍ର): ଜମ୍ମୁ-କଶ୍ମୀର ବାରାମୁଲାରେ ସେନାକୁ ମିଳିଲା ବଡ଼ ସଫଳତା। ଏନ୍?କାଉଣ୍ଟର ବେଳେ ଟଳିଲେ ୩ ପାକିସ୍ତାନୀ ଆତଙ୍କବାଦୀ। ଆଜି ସକାଳେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ସେନା ଗୁଳିରେ ୩ ଜଣଙ୍କ ଆତଙ୍କବାଦୀ ନିହତ ହୋଇଥିବା ଜଣାପଡିଛି। ସେପଟେ ଏହି ଗୁଳିବିନିମୟରେ ଜଣେ ପୁଲିସ କର୍ମୀ ମଧ ସହିଦ ହୋଇଥିବା ସୂଚନା ମିଳିଛି। କଶ୍ମୀର ଆଇଜିପି ବିଜୟ କୁମାରଙ୍କ କହିବା ମୁତାବକ, ଆଜି ସକାଳୁ ବାରାମୁଲାର କ୍ରିରି ଅଞ୍ଚଳରେ ଥିବା ନଜିଭଟ ଛକ ନିକଟରେ ଆତଙ୍କବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ଏନ୍‌କାଉଣ୍ଟରରେ ୩ ଜଣ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ସେହିପରି ଜମ୍ମୁକଶ୍ମୀର ପୁଲିସର ଜଣେ ଯବାନ ମଧ ସହିଦ ହୋଇଛନ୍ତି। ଏନ୍‌କାଉଣ୍ଟର ପରେ ମୃତ ଆତଙ୍କବାଦୀଙ୍କ ନିକଟରୁ ବିପୁଳ ପରିମାଣର ଗୁଳିଗୋଳା ଜବତ ହୋଇଛି। ଏବେବି ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଥିବା ସେ କହିଛନ୍ତି। ଅନ୍ୟପଟେ ଜମ୍ମୁ କଶ୍ମୀର ପୁଲିସ ସୋମବାର ଅତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବାର ୫ ସ୍ଥାନୀୟ ହାଇବ୍ରିଡ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏଥିରୁ ୨ ଜଣଙ୍କୁ ଶ୍ରୀନଗରରୁ ଓ ୩ ଜଣଙ୍କୁ ବାରାମୁଲାରୁ ପୁଲିସ ଧରିଥିଲା। ଗିରଫ ଆତଙ୍କବାଦୀଙ୍କ ନିକଟରୁ ବନ୍ଧୁକ ଓ ଗୁଳିଗୋଳା ମଧ ଜବତ ହୋଇଛି। ବାରାମୁଲାରୁ ଗିରଫ ହୋଇଥିବା ୩ ଜଣଙ୍କ ଆତଙ୍କବାଦୀ ଏପ୍ରିଲ ମାସରେ ଘାଟିରେ ସରପଞ୍ଚଙ୍କୁ କରାଯାଇଥିବା ହତ୍ୟା ମାମଲାରେ ସାମିଲ ଥିବା ପୁଲିସ କହିଛି।

## ଜାତିଗତ ଜନଗଣନା ପାଇଁ ଶରଦ ପାୱାରଙ୍କ ଦାବି

ନୂଆଦିଲ୍ଲୀ, ୨୫/୦୫ : ବୁଧବାର ଜାତିଗତ ଜନଗଣନା ପାଇଁ ଏନସିପି ମୁଖ୍ୟ ଶରଦ ପାୱାର ଦାବି କରିଛନ୍ତି। ସାମାଜିକ ସମାନତା ଆଣିବା ପାଇଁ ଏହି ପଦକ୍ଷେପ ଜରୁରୀ ବୋଲି ସେ କହିଛନ୍ତି। ଏନସିପିର ଓବିସି ସେଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପାୱାର କହିଛନ୍ତି ଯେ, ସମସ୍ତେ ନିଜ ହକ ଅନୁଯାୟୀ ଅଧିକାର ପାଇବା ଉଚିତ। ଆମେ ସବୁ କିଛି ମାଗଣା ମିଳୁ ବୋଲି କହୁ ନାହୁଁ। କିନ୍ତୁ ଜାତିଗତ ଜନଗଣନା ଛଡ଼ା କୌଣସି ବିକଳ୍ପ ନାହିଁ। ସଂରକ୍ଷଣ ବ୍ୟବସ୍ଥା ଯୋଗୁ ▶▶ପୃଷ୍ଠା ୭

## ୨ ଦିନ ଯାଏଁ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ଘଡଘଡି, ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ଆସନ୍ତା ୩ ଦିନ ମଧ୍ୟରେ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୧୬ ଟି ଜିଲ୍ଲାରେ ଘଡଘଡି, ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସତର୍କ



ସୂଚନା ଜାରି ହୋଇଥିବା ଏହି ଜିଲ୍ଲା ଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, ଯାଜପୁର,କେନ୍ଦ୍ରାପଡା, କଟକ , ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ , ଢେଙ୍କାନାଳ , କନ୍ଧମାଳ ଓ ଅନୁଗୁଳ। ସେହିପରି ୨୬ରୁ ୨୭ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମୟୁରଭଂଜ ଓ ବାଲେଶ୍ୱର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି, ବଜ୍ରପାତ ସହ ବର୍ଷା ହୋଇପାରେ ବୋଲି ଆକଳନ କରିଛି ପାଣିପାଗ ବିଭାଗ।

## ଆମେରିକାରେ ବଢୁଛି ଗନ କଲଚର : ଜେଜେମାକୁ ଗୁଳି କରିବା ପରେ ସ୍କୁଲରେ ପଶି ୨୧ ଜଣଙ୍କୁ ଗୁଳିକରି ହତ୍ୟା କଲେ ଯୁବକ

ନୂଆଦିଲ୍ଲୀ, ୨୫/୦୫ : ଆମେରିକାରୁ ଏକ ହୃଦୟ ବିଦାୟକ ଘଟଣା ସାମ୍ନାକୁ ଆସିଛି । ସ୍କୁଲ ଭିତରେ ପସି ଆଖି ବୁଜା ବୁଜା ଗୁଳିଚାଳନା କରିଛନ୍ତି ଆକ୍ରମଣକାରୀ । ଘଟଣାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି । ଆକ୍ରମଣ କାରୀ ସ୍କୁଲରେ ଗୁଳିକାଣ୍ଡ ଭିଆଇବା ପୂର୍ବରୁ ନିଜ ଜେଜେମାଙ୍କୁ ହତ୍ୟା କରିଥିବା କୁହାଯାଉଛି । ସେପଟେ ଘଟଣାକୁ ନେଇ ନିନ୍ଦା କରିବା ସହ ୪ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରିଛନ୍ତି ରାଷ୍ଟ୍ରପତି ବାଇଡେନ । ଆମେରିକାରୁ ଏକ ଛାତି ଥରାଇଲା ଭଳି ଘଟଣା ସାମ୍ନାକୁ ଆସିଛି । ଜଣେ ୧୮ ବର୍ଷିୟ ଯୁବକ ଟେକ୍ସାସ ରାଜ୍ୟର ଉଭେଲ୍ଡ ସହରରେ ଥିବା ଏକ ସ୍କୁଲ ଭିତରେ ପସି ଆଖିବୁଜା ଗୁଳିଚାଳନା କରିଛି । ଘଟଣାରେ ମୋଟ ୨୧ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୯ ଜଣ ସ୍କୁଲ ଛାତ୍ର, ୨ ଜଣ ଶିକ୍ଷକଙ୍କ ହୋଇଥିବା ଜଣାପଡିଛି । ଏହି ଭୟାନକ ଘଟଣାରେ ଅନେକ ପୁଲିସ କର୍ମୀ ମଧ ଆହତ ହୋଇଛନ୍ତି । ଆକ୍ରମଣକାରୀ ସ୍କୁଲରେ ପସି ଗୁଳି ବର୍ଷା କରିବା ପୂର୍ବରୁ ନିଜ ଜେଜେମାଙ୍କୁ ହତ୍ୟା କରିଥିବା ମଧ କୁହାଯାଉଛି । ଘଟଣା ସ୍ଥଳରେ ପୁଲିସ ଓ ଉଦ୍ଧାରକାରୀ ଦଳ ପହଂଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି । ସେପଟେ ପୁଲିସ ଗୁଳିରେ ଆକ୍ରମଣକାରୀ ଯୁବକ ମୃତ୍ୟୁ ହୋଇଥିବା ଦାବି କରିଛି ପୁଲିସ । ଅନ୍ୟପଟେ ଘଟଣାକୁ କଡା ନିନ୍ଦା କରିବା ସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ । ଦିନ ଦ୍ୱିପହରରେ ଆଖିବୁଜା ଗୁଳିମାଡ଼ ହେବାପରେ ସାରା ଅଂଚଳ ପୁଲିସ ଛାଉଣିରେ ପରିଣତ ▶▶ପୃଷ୍ଠା ୭

# ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରଥଯାତ୍ରା ସମୀକ୍ଷା ବୈଠକ

ପୁରୀ,୨୫/୦୫ (ନି.ପ୍ର): ଆଗାମୀ ରଥଯାତ୍ରା ପାଇଁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଗତ ଦୁଇ ବର୍ଷ ଧରି କୋଭିଡ କଟକଣା ଯୋଗୁ ବିନା ଭକ୍ତ ଓ ଯାତ୍ରୀଙ୍କ ଉପସ୍ଥିତିରେ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ କୋଭିଡର ଆଶଙ୍କା କମ ଥିବାରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ରଥଯାତ୍ରା ହେବ । ତେଣୁ ବ୍ୟାପକ ଜନସମାଗମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ସୂଚନା କେନ୍ଦ୍ର ସ୍ଥାପନ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ବିକ୍ରୟ, ଯାତ୍ରୀଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା, ରଥଯାତ୍ରାର ଧାରା ବିବରଣୀ ଓ ସିଧା ପ୍ରସାରଣର ବ୍ୟବସ୍ଥା, ଫଟୋଚିତ୍ର ପ୍ରଦର୍ଶନୀ ବ୍ୟବସ୍ଥା ଇତ୍ୟାଦିକୁ ତ୍ୱରାନ୍ୱିତ ପାଇଁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକୁ ସମ୍ମିଳିତ ଉଦ୍ୟମରେ ସଫଳ କରିବାକୁ ସେ ପରାମର୍ଶ ଦେଇଥିଲେ । ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରିବା, ସୂଚନା କେନ୍ଦ୍ର ହେବାକୁ ଥିବା ସ୍ଥାନ ଗୁଡିକୁ ଅନୁଧ୍ୟାନ କରି ଆନୁଷଙ୍ଗିକ ବ୍ୟବସ୍ଥା କରିବା, ପ୍ରଶାସନ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ କୋଭିଡ ପୂର୍ବବର୍ତ୍ତି ବ୍ୟବସ୍ଥା ଅନୁଯାୟୀ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନା ପାଇଁ ମତ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ନୂତନ ଭାବେ ଜିଲ୍ଲାର ଦାୟିତ୍ୱ ନେଇଥିବାରୁ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ସମୀକ୍ଷାରେ ପୂର୍ବତନ ଭାରପ୍ରାପ୍ତ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନାଙ୍କ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ ।

# ବିଶାଖାପାଟଣା ମେଡିସିନ୍ କମ୍ପାନୀରେ ଚାକିରୀ ଦେବା ନାଁରେ ଠକେଇ

ଘସିପୁରା,୨୫/୦୫ (ନି.ପ୍ର): ଚାକିରୀ ଦେବା ନାମରେ ଜଣେ ଦଲାଲ ସକ୍ରିୟ ହୋଇଛନ୍ତି ଏବଂ କାମ ନ କଲେ ବନ୍ଧୁକର ଧମକ ଦେଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପରି ଘଟଣା ଘଟିଛି ଘସିପୁରା ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ । ଉକ୍ତ ଗ୍ରାମର ମାନସ ଆଚାର୍ଯ୍ୟ ନାମକ ଜଣେ ବ୍ୟକ୍ତି ବିଶାଖାପାଟନା ଅଂଚଳର ଏକ ମେଡିସିନ କିମ୍ପାନୀରେ ଚାକିରୀ କରାଇ ଦେବ ବୋଲି କହି ରାମଚନ୍ଦ୍ରପୁର ଥାନା ବାଡୋ ଗ୍ରାମର ଓମ ପ୍ରକାଶ ଯେନା, ଚିନ୍ତାମଣି ଯେନା, ମିଥୁନ ଯେନା, ପ୍ରଶାନ୍ତ କୁମାର ଯେନା, ଦୀପକ କୁ ମାର ଯେନା ଗଣେଶ୍ୱର ଯେନା ରଞ୍ଜନ କୁମାର ଯେନା, ଦୁଃଖୀରାମ ଯେନା, ତପନ ଯେନା ,ସିପୁ ଯେନା, କାହ୍ନା ଯେନା, କାଳନ୍ଦି ଯେନା, ବିପିନ ଯେନା ଗଗନ ଯେନା, ପ୍ରଫୁଲ୍ଲ ଯେନା ,ପ୍ରଭାତ ଯେନା, ପ୍ରକାଶ ଯେନା ଙ୍କ ଠାରୁ ୫୦ ହଜାର ଟଙ୍କା ନେଇଥିଲେ । ଏମାନଙ୍କୁ ଚାକିରୀ କରାଇ ଦେବା ପାଇଁ ବିଶାଖାପାଟନା କୁ ନେଇଥିଲେ । ହେଲେ ସେମାନେ ପହଞ୍ଚିବା ପରେ ଜାଣିବାକୁ ପାଇଲେ ଯେ ଏହି ଚାକିରି ମେଡିସିନ କିମ୍ପାନୀରେ ନୁହେଁ ଏକ ଲୁହାଛଡ ତିଆରି ହେଉଥିବା କାରଖାନା ଏହା ଦେଖି ସେମାନେ କାମ କରିବା ପାଇଁ ମନା କରି ଦେଇଥିଲେ ହେଲେ ଉକ୍ତ ଜାଲାଲ ସେମାନଙ୍କୁ ଲୁହାଛଡ ତିଆରି କାରଖାନାରେ କାମ କରିବା ପାଇଁ ବାଧ୍ୟ କରିଥିଲେ ଏଥିରେ ଅମଙ୍ଗ ହେଲେ ବନ୍ଧୁକରେ ମାରିଦେବା ପାଇଁ ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି । ନିରାଶ ହୋଇ ବାଡୋ ଅଂଚଳର ପିଲାମାନେ ୪ ଦିନ କାମ କରିବା ପରେ ରାମଚନ୍ଦ୍ରପୁର ପୂର୍ବତନ ଥାନାଧିକାରୀ ବିଶ୍ୱଜିତ ବେହେରା ଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ପରେ ବିଶ୍ୱଜିତ ବେହେରା ବିଶାଖାପାଟନା ପୋଲିସ ସହିତ ଯୋଗସୂତ୍ର ରକ୍ଷା କରି ସେମାନ ଙ୍କୁ ବିଶାଖାପାଟନା ରୁ ମୁକୁଳାଇଛନ୍ତି । ଏଥି ସହିତ ବିଶ୍ୱଜିତ୍ ସେମାନଙ୍କୁ କଟକ ରୁ ଏକ ଗାଡି କରି ବାଡୋ ଗ୍ରାମକୁ ପଠାଇଥିବା ଜଣାପଡିଛି । ଏନେଇ ରାମଚନ୍ଦ୍ରପୁର ଥାନା ବାଡେ । ଯୁବକ ମାନେ ମାନସ ଆଚାର୍ଯ୍ୟ ଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି । ଗରିବ ଯୁବକ ମାନଙ୍କୁ ଚାକିରୀ ଦେବା ନାମରେ ଠକିବା ସହିତ କାମ ନ କଲେ ବାନ୍ଧୁକ ରେ ଧମକ ଦେଇଥିଲେ ଏହାକୁ ନେଇ ଯୁବକ ମାନେ ଭୟଭିତ ଥିବାବେଳେ ଦଲାଲ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନେ ଦାବୀ କରିଛନ୍ତି ।

# ଦାରିଦ୍ର୍ୟ ଓ ଦୃଷ୍ଟିହୀନତା ଅଟକାଇ ପାରିନି ସଙ୍ଗୀତ ସାଧନାରୁ : ପ୍ରୋତ୍ସାହନ ଦରକାର

ବଲାଙ୍ଗୀର,୨୫/୦୫ (ନି.ପ୍ର): ସେ ଜଣେ ଭିନ୍ନକ୍ଷମ ହେଲେ ମଧ ସକ୍ଷମ । ଏଭଳି ଜଣେ ଯୁବକ ହେଉଛନ୍ତି ବଲାଙ୍ଗୀରର ଉଦୟନାଥ ଜାନୀ । ବଲାଙ୍ଗୀର ଜିଲ୍ଲା ଭାଲେର ଗ୍ରାମର ଉଦୟନାଥ ଜାନୀ । ଜନ୍ମରୁ ସେ ସମ୍ପୂର୍ଣ୍ଣ ଦୃଷ୍ଟିହୀନ । ତାଙ୍କ ମା' ବାପା ଦିନ ମଜୁରିଆ ହୋଇଥିବା ବେଳେ ଘରେ ଆଉ ଦୁଇ ଭଉଣୀ ସହିତ ସେ ରୁହନ୍ତି । ତେବେ ତାଙ୍କର ଆର୍ଥିକ ସ୍ଥିତି ସାଙ୍ଗକୁ ଦୃଷ୍ଟିହୀନ ହେବା ତାଙ୍କ ପାଇଁ ସତେ ଯେମିତି ଅଭିଶାପ ପାଲଟିଛି । ହେଲେ ଏସବୁ ସତ୍ତ୍ୱେ ସେ ପିଲାବେଳୁ ଜିଇଁବାର ସଂଘର୍ଷ ଜାରି ରଖିଛନ୍ତି । ତାଙ୍କର ସଙ୍ଗୀତ ପ୍ରତି ଥିବା ଅହେତୁକ ରୁଚି ଆଜି ତାଙ୍କୁ ଏକ ସଫଳ ବାଦ୍ୟକାର କରିଛି । ତେବେ ସେ ତୃତୀୟ ଶ୍ରେଣୀରେ ପଢୁଥିବା ସମୟରୁ ଡୁବି ତବଲା ଶିଖିବା ଆରମ୍ଭ କରିଥିଲେ । ଗାଁର ବିଭିନ୍ନ ପର୍ବପର୍ବାଣୀରେ ସେ ବାଦ୍ୟଯନ୍ତ୍ର ବଜାଇ ଆସୁଥିଲେ । ଏପରିକି ସେ ଅଳ୍ପ ବୟସରେ ତିନି ଘଂଟା ଡୁବି ତବଲା ବଜାଇ ଚର୍ଚ୍ଚାରେ ଆସିଥିଲେ । ତେବେ ଅର୍ଥ ବାଧକ ସାଜିଥିବାରୁ ସେ ଆଗକୁ କୌଣସି ଗୁରୁଙ୍କ ଠାରୁ ବାଦ୍ୟଯନ୍ତ୍ର ଶିକ୍ଷାଲାଭ କରିପାରିନଥିଲେ । ନିଜେ ହିଁ ସଙ୍ଗୀତ ସାଧନା କରି ଶିଖିବା ଆରମ୍ଭ କରିଥିଲେ । ଯାହାଦ୍ୱାରା ଏବେ ସେ ସବୁ ପ୍ରକାରର ବାଦ୍ୟଯନ୍ତ୍ର ବଜାଇବାରେ ସିଦ୍ଧହସ୍ତ ହୋଇପାରିଛନ୍ତି । ସେ ଡୁବି ତବଲା, ଢୋଲ, ମାଦଳ ମାଠିଆ ଇତ୍ୟାଦିକୁ ଅତି ନିଖୁଣତାର ବଜାଇ ପାରନ୍ତି । ତେବେ ତାଙ୍କର ଏହି କଳା ଏବେ କେବଳ ଗାଁରେ ସୀମିତ ନାହିଁ, ସେ ରାଜ୍ୟ ଓ ରାଜ୍ୟ ବାହାରେ ମଧ ନିଜର ବାଦ୍ୟଯନ୍ତ୍ର ବଜାଇ ସୁନାମ ଅର୍ଜନ କରିଛନ୍ତି । ସରକାର ଓ ବିଭିନ୍ନ ସଂଗଠନ ଦ୍ୱାରା ପୁରସ୍କୃତ ମଧ ହୋଇସାରିଛନ୍ତି । ସେହିପରି ସେ ଭଜନ ପ୍ରତି ବିଶେଷ ରୁଚି ରଖିଥିବା ବେଳେ ଆଗକୁ ମଧ ତାଙ୍କର ଏହି ସାଧନା ଜାରି ରଖିବେ ବୋଲି କହିଛନ୍ତି । ତେବେ ଆଜିର ସମସ୍ୟା ବହୁଳ ସମାଜରେ ଜିଇଁବାକୁ ହେଲେ ସଂଘର୍ଷ କରିବାକୁ ପଡେ । ହେଲେ ସେଥିରେ ପୁଣି ଭିନ୍ନକ୍ଷମ ହେବା ଆହୁରି କଷ୍ଟସାଧ ହୋଇଥିଲେ ସୁଦ୍ଧା ଉଦୟନାଥ ତାଙ୍କର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ଏଥିପାଇଁ ସବୁଠି ସେ ପରିଚିତ ଥିବା ବେଳେ ସରକାରଙ୍କ ନଜର ତାଙ୍କ ଉପରେ ପଡିପାରି ନାହିଁ । ବାପା ମା ମୂଲ ଲାଗି ଘର ଚଳାଉଥିବା ବେଳେ ଆଜିବି ତାଙ୍କ ମାଟି ଛପର ଘର ରହିଛି । ସେହିପରି ସେ କେବଳ ଦିବ୍ୟାଙ୍ଗ ଭତା ପାଉଥିବା ବେଳେ ଏବେବି କଳାକାର ଭତା ପାଇବାରୁ ବଂଚିତ ଅଛନ୍ତି । ତାଙ୍କୁ ସରକାରୀ ପ୍ରୋତ୍ସାହନ ସହିତ ଭତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି ।

# ସିକୁଆ ପଞ୍ଚାୟତରେ ଜଳ ସଙ୍କଟ

ଭବାନୀପାଟଣା,୨୫/୦୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା, ସଦର ବ୍ଲକ ସିକୁଆ ପଂଚାୟତରେ ଜଳ ସଙ୍କଟ କହିଲେ ନସରେ, ସାଧାରଣ ଜନତାଙ୍କ ଦୁଃଖ ଦେଖିବ କିଏ । ଏହି ପଂଚାୟତର ସାଲେଗା, ରଜନା ପୁର, ସିକୁଆ ଇତ୍ୟାଦି ଗ୍ରାମରେ ପାଣି ପାଇଁ ଲୋକେ ଡହକ ବିକଳ ହେଉଛନ୍ତି । ପଂଚାୟତର ସାଲେଗା ଠାରେ ସୋଲାର ମାଧମରେ ମଧ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ବେଳେ ଦୀର୍ଘ ୨-୩ମାସ ହେଲାଣି ତାହା ଖରାପ ହୋଇ ପଡିରହିଛି । ବସୁଧା ଯୋଜନାରେ ମଧ ଜଳ ଯୋଗାଣ ହୋଇପାରି ନାହିଁ । ଅନ୍ୟପକ୍ଷରେ ଏହି ଗ୍ରାମର ବିଦ୍ୟୁତ ଯୋଗାଣ ତାର ଚୋରି ହୋଇଥିବା ଅଭିଯୋଗ ହେଉଛି । ସାଲେଗାରେ ସୋଲାର ମଧ ମ ରେ ଜଳ ଯୋଗାଣ ବ୍ୟବସ୍ଥା ଅବ୍ୟବସ୍ଥା ହୋଇଯାଇଛି, ସୋଲାର ଛତା ଖରାପ ହେତୁ ଖୋଲି କରି ନୂତନ ସୋଲାର ଛତା ଲଗା ଯାଇଥିଲେ ମଧ୍ୟ, ଆବଶ୍ୟକ ସାରଞ୍ଜାମକୁ ଖୋଲି ନେଇ ଯାଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ । ଏବିଷୟ ରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ ସେ କୌଣସି ଉତର ଦେଇନ ଥିଲେ । ଏହି ପଂଚାୟତ ରେ ଜଳ ସଙ୍କଟ ସହ ଗରମ ତାତଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖାଲି ସେତିକି ନୁହେଁ ନଳକୂଅରେ ମଧ ପାଣି ଠିକ ଭାବରେ ବାହାରୁ ନଥିବା ବେଳେ ନଦୀରେ ମଧ ପାଣି ନାହିଁ । ଯଥା ଶୀଘ୍ର ପ୍ରଶାସନ ଏଦିଗରେ ସୁବ୍ୟବସ୍ଥା କରିବାକୁ ଦାବି ହେଉଛି ।

# ପ୍ରକଳ୍ପ ଅବଧି ସମାପ୍ତି ସମାରୋହ

ନୂଆପଡା,୨୫/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଖାସବାହାଲ ଗ୍ରାମ ପଂଚାୟତ ର ଚଚରା ଭଟା ଗ୍ରାମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାର୍ଲଡ଼ ଭିଜନ ତରଫରୁ ଖାସବାହାଲ ଗ୍ରାମ ପଂଚାୟତ ରେ ଚାଲୁଥିବା ଏଫ ଏମ ଏନ ଆର ପ୍ରକଳ୍ପ ର ସମାପ୍ତି ଉତ୍ସବ ହୋଇଯାଇଛି । କ୍ଷେତ୍ର ସଂଯୋଜକ ଡେଭିଡ଼ ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ସରପଂଚ କୁନୁ ଚରଣ ବେହେରା, ସମ୍ମାନିତ ଅତିଥି ଭାବରେ ୱାର୍ଲଡ଼ ଭିଜନ ର ଏମ ଭାସ୍କର ରାଓ, ମୃଣାଳ ସେନ ଗୁପ୍ତା,ସୁପ୍ରତିକ୍ଷା ଚୌଧରୀ,ମିତାଲି ରାଣି ପାତ୍ର,ଭବାନୀ ହଂସ, କବି ଛତ୍ରିଆ,ଯଦୁମଣି ବାଗ ପ୍ରମୁଖ ଯୋଗଦେଇ ଅନୁଷ୍ଠାନ ତରଫରୁ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । କରୋନା ସମୟରେ ଲୋକଙ୍କୁ କର୍ମ ଯୋଗାଣ, ଶିଶୁ ମାନଙ୍କୁ ସୁରକ୍ଷା କୀଟସ, ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହଯୋଗ, ଶୀତ ଋତୁରେ ବୃଦ୍ଧ ବୃଦ୍ଧାଙ୍କୁ ଶୀତବସ୍ତ୍ର ପ୍ରଦାନ,ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ଗ୍ରାମରେ ଉଚ୍ଚ ଧରଣର ଫିଲଟର ସ୍ଥାପନ ଆଦି ଅନୁଷ୍ଠିତ ତରଫରୁ କରାଯାଇଥିବା ସୂଚନା ଦିଆ ଯାଇଥିଲା । ଜଙ୍ଗଲ ଜମିର ସୁରକ୍ଷା ଉପରେ ଅନୁଷ୍ଠାନ ଗୁରୁତ୍ୱ ଦେଇ ସହସ୍ରାଧିକ ଫଳନ୍ତି ଗଛ ରୋପଣ କରାଯାଇଛି, ଯାହା ଫଳରେ ପରିବେଶ ର ସନ୍ତୁଳନ ଠିକ ରହିବ, ଜଳସ୍ତରର ବୃଦ୍ଧି ଘଟିବ ଓ ଲୋକେ ପୁଷ୍ଟିଯୁକ୍ତ ଫଳମୁଳ ଖାଇ ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବର୍ତ୍ତମାନ ପ୍ରକଳ୍ପ କାର୍ଯ୍ୟ ସମାପ୍ତି ହୋଇଥିବାରୁ ଗ୍ରାମବାସୀ ଏହି ଗଛ ସବୁର ସୁରକ୍ଷା ନେବାକୁ ଅନୁଷ୍ଠାନ ତରଫରୁ ନିବେଦନ କରାଯାଇଥିଲା । ଶିଶୁ ସୁରକ୍ଷା ଉପରେ ମଧ ଲୋକେ ସଚେତନ ହୋଇ ଗଛର ଯତ୍ନ ଓ ଶିଶୁର ଯତ୍ନକୁ ଗୁରୁତ୍ୱ ଦେବାକୁ କର୍ମକର୍ତ୍ତା ଆହ୍ୱାନ ଦେଇଥିଲେ । ୱାର୍ଲଡ଼ ଭିଜନ ଇଣ୍ଡିଆ ର ଖଡ଼ିଆଳ ଶାଖା ଏହି ଉତ୍ସବକୁ ଆୟୋଜନ କରିଥିବା ବେଳେ ଜଙ୍ଗଲ ସୁରକ୍ଷା କମିଟି ସଭାପତି ହରି ଟାହାଣୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପାଦକ ଈଶ୍ୱର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏସସିବି ମେଡ଼ିକାଲରୁ ଗିରଫ ୫ ଦଲାଲ୍ କୋର୍ଟ ଚାଲାଣ

କଟକ,୨୫/୦୫ (ନି.ପ୍ର): କଟକ ଏସସିବି ମେଡିକାଲରେ ଦଲାଲି କରି ରୋଗୀଙ୍କ ଠାରୁ ଟଙ୍କା ଲୁଟୁଥିବା ମଞ୍ଜୁଶ୍ରୀ ସର୍ଭିସ ଏଜେନ୍ସିର ୫ ଜଣ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି କଟକ ମଙ୍ଗଳବାଗ ଥାନା ପୋଲିସ । ଆଇପିସିର ଧାରା ୪୨୦ ଓ ୩୪ ବଳରେ ଏମାନଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ ଆଉଟଡୋର୍ ଟିକେଟ୍ ଓ ନଗଦ ୧୩୦୦ ଟଙ୍କା ଜବତ ହୋଇଛି । ଏହି ଦଲାଲ୍ ମାନେ ରୋଗୀଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ଘରୋଇ ହସ୍ପିଟାଲକୁ ପଠାଇବା ସହ ରୋଗୀଙ୍କ ଟିକେଟ୍ କରାଇବା ନାମରେ ପ୍ରତି ରୋଗୀ ପିଛା ୫୦୦ ରୁ ୧୦୦୦ ଟଙ୍କା ଲୁଟୁଥିଲେ । ଗତକାଲି ପୋଲିସ ଏମାନଙ୍କୁ ଧରିଥିଲା । ଗିରଫ ପରେ ଆଜି ସମ୍ପୃକ୍ତ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ତେବେ ଘଟଣାରେ କୌଣସି ଘରୋଇ ହସ୍ପିଟାଲର ସମ୍ପୃକ୍ତି ରହିଛି କି ନାହିଁ ପୋଲିସ ପକ୍ଷରୁ ସେନେଇ ତଦନ୍ତ ଚାଲିଥିବା ନେଇ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି କଟକ ଡିସିପି ପିନାକ ମିଶ୍ର । ଅନ୍ୟପକ୍ଷରେ ମଞ୍ଜୁଶ୍ରୀ ସର୍ଭିସ ଏଜେନ୍ସିର କାର୍ଯ୍ୟକଳାପ ଉପରେ ନଜର ରଖିବାକୁ ସେ ମଙ୍ଗଳବାଗ ଥାନା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

# ତୁମୁଡିବନ୍ଧରେ ପୋଲିସର ଜନ ସମ୍ପର୍କ ଶିବିର

କନ୍ଧମାଳ,୨୫/୦୫ (ନି.ପ୍ର): ସ୍ଲିକି ଗ୍ରାମରେ ଓଡିଶା ପୋଲିସ ଦ୍ୱାରା ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଜୟନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ସୋମବାର ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସ୍ଲିକି, ଜାଗାଡ଼ି, ମାଲାର୍ଙ୍ଗି, ଲାଇନି ବିନାରୀ, ଡୁଞ୍ଜାଙ୍ଗ, କୁର୍ତମଗଡ଼ ଏବଂ ଆଖପାଖ ଗ୍ରାମର ୭ଶହରୁ ଉର୍ଦ୍ଧ ପୁରୁଷ ମହିଳା ବୃଦ୍ଧ ବୃଦ୍ଧା ଗ୍ରାମବାସୀ ଉପସ୍ଥିତ ଥିଲେ । ପୋଲିସ ଜନତାଙ୍କ ମଧରେ ଉତମ ସମ୍ପର୍କ ସ୍ଥାପନ ଆଭିମୁଖ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଜରିଆରେ ପଞ୍ଜିକୃତ ଶତାଧିକ ରୋଗୀଙ୍କୁ ଚିକିତ୍ସା କରି ଔଷଧ ବିତରଣ କରାଯାଇଥିଲା । ବୃଦ୍ଧ ବୃଦ୍ଧା ପୁରୁଷ ମହିଳା ଓ ଅସହାୟଙ୍କୁ ବସ୍ତ୍ର ଓ କମ୍ବଳ ବଂଟନ କରାଯାଇଥିଲା । ଯୁବା କ୍ରୀଡ଼ାବିତ ମାନଙ୍କ ପାଇଁ ଏକ ଭଲିବଲ କ୍ରୀଡା ପ୍ରତିଯୋଗିତା ଆୟୋଜନ କରାଯାଇ ଉଭୟ ଫାଇନାଲ ବିଜେତା ଓ ରନର୍ସଅପ ଦଳକୁ ସିଲ କପ, ୨ଟି ଭଲିବଲ ଓ ନେଟ, ୨ଟି ଫୁଟବଲ ଓ ନେଟ ସହିତ ଖେଳାଳିମାନଙ୍କୁ ସ୍ୱତନ୍ତ୍ର ଜର୍ସି ପ୍ରଦାନ କରାଯାଇଥିଲା । ଶିକ୍ଷାରତ ଛାତ୍ରଛାତ୍ରୀ ତଥା ଶିଶୁ ମାନଙ୍କୁ ଖାତା, କଲମ, ପେନସିଲ, ରବର, ସ୍କୁଲବ୍ୟାଗ, ଚକଲେଟ ବିସ୍କୁଟ ଇତ୍ୟାଦି ବିତରଣ କରାଯାଇଥିଲା । ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ମୁଖ୍ୟ ଅତିଥିଭାବେ ଉପସ୍ଥିତ ରହି ଭଲିବଲ ପ୍ରତିଯୋଗିତାକୁ ଉଦଘାଟନ କରି କିଛି ମୁହୂର୍ତ ଖେଳାଳିମାନଙ୍କ ସହିତ ମିଶି ଖେଳିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ଼ି, ବାଲିଗୁଡ଼ା ଥାନା ଅଧିକାରୀ ବାବା ଶଙ୍କର ସରାଫ, ତୁମୁଡିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଜୟନ୍ତ କୁମାର ସେଠୀ, ଏସ.ଆଇ ଆଶୁତୋଷ ଜେନା, ସ୍ୱେଚ୍ଛାସେବୀ ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉପକରଣ ବିତରଣ କରି ଉପସ୍ଥିତ ଜନତାଙ୍କୁ ଉତ୍ସାହିତ କରିଥିଲେ । ତୁମୁଡିବନ୍ଧ ଥାନାର ପୋଲିସ କର୍ମଚାରୀ ଗଣ ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ । ଜନସାଧାରଣ ପ୍ରତିକ୍ରିୟା ରଖିଛନ୍ତି କି, ସବୁବେଳେ ଆମେ ପୋଲିସଙ୍କୁ ଭୟ କରିଥାଉ କିନ୍ତୁ ଆଜି ପ୍ରଥମ ଥର ପାଇଁ ଆମ ନିଜର ଆଦରଣୀୟ ଅତିଥି ଭାବେ ନିଜ ପାଖରେ ପାଇ ସେହି ଭୟ ଦୂର ହୋଇଯାଇଛି । ଏହିପରି କାର୍ଯ୍ୟ ସବୁବେଳେ ଓ ସବୁ ସମୟରେ କରୁଥାନ୍ତୁ ବୋଲି ପ୍ରଶଂସା କରିଥିଲେ ସ୍ଥାନୀୟ ଅଂଚଳର ବାସିନ୍ଦା ଓ ତୁମୁଡିବନ୍ଧ ଅଂଚଳର ବୁଦ୍ଧିଜୀବୀ । ଶେଷରେ ଉପସ୍ଥିତ ସମସ୍ତ ଗ୍ରାମବାସୀ ପ୍ରୀତିଭୋଜନ କରି ନିଜ ନିଜ ଗ୍ରାମକୁ ପ୍ରତ୍ୟାବର୍ତନ କରିଥିଲେ ।

# ବିଦ୍ୟାଳୟ ବୁଲି ଦେଖିଲେ ଜିଲ୍ଲା ଶିକ୍ଷା ଅଧିକାରୀ

ଧର୍ମଶାଳା,୨୫/୦୫ (ନି.ପ୍ର): ଯାଜପୁର ଜିଲା ଶିକ୍ଷା ଅଧିକାରୀ ଆଜି ବିଦ୍ୟାଳୟରେ ପଂହଚି ଭିତିଭୂମିର ତଦନ୍ତ କରିଛନ୍ତି । ଯାଜପୁର ବ୍ଲକ ଝାଲପଡା ପଂଚାୟତସ୍ଥ ନୀଳକଣ୍ଠପୁର ଆଂଚଳିକ ଶିକ୍ଷା ସାଧନ କେନ୍ଦ୍ରରେ ଦୀର୍ଘ ଦିନ ହେବ ଛାତ୍ରଛାତ୍ରୀମାନେ ଶିକ୍ଷକ ଅଭାବରୁ ପାଠପଢାରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଏଥି ସହିତ ସିଆରସିସି ପଦବୀ ଥାଇ ମଧ୍ୟ ସେମାନଙ୍କୁ ନିଯୁକ୍ତ ଦିଆ ନ ଯିବାକୁ ନେଇ ଅବିଭାବକମାନେ ଏନେଇ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ । ଜିଲା ଶିକ୍ଷା ଅଧିକାରୀ ରଂଜନ କୁମାର ଗିରି ଏହାକୁ ଗୁରୁତର ସହ ନେଇ ଆଜି ବିଦ୍ୟାଳୟ ପରିସରରେ ପଂହଚି ଥିଲେ । ନୀଳକଣ୍ଠପୁର ଆଂଚଳିକ ଶିକ୍ଷା ସାଧନ କେନ୍ଦ୍ରର ତିନି ଗୋଟି ବିଦ୍ୟାଳୟରେ ପଂହଚି ତଦନ୍ତ ଆରମ୍ଭ କରିଥିଲେ । ପ୍ରଥମେ ନୁଣ୍ଡପୁର ସରକାରୀ ବିଦ୍ୟାଳୟରେ ପଂହଚି ଥିଲେ । ସେଠାରେ ସମସ୍ତ ଶିକ୍ଷା କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ମାତ୍ର ୧୮ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ । ତତ୍ ସହିତ ବିଦ୍ୟାଳୟ ପରିସର ଅପରିଷ୍କାର ରହିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ପରେ ସାନବାଗସାହି ପ୍ରାଥମିକ ବିଦ୍ୟାଳୟ ଓ ମାଜାଡେଇ ବିଦ୍ୟାଳୟରେ ଅଚାନକ ପଂହଚି ଥିଲେ । ସେଠାରେ ବିଦ୍ୟାଳୟରସ୍ଥିତି ସମ୍ପର୍କରେ ଆଲୋଚନା କରି ଫେରିଯାଇଥିବା ଜଣାପଡିଛି । ଅନ୍ୟ ପକ୍ଷେ ଆବଶ୍ୟକ ଶିକ୍ଷକ ପଦବୀ ପୁରଣ ପାଇଁ ଅବିଭାବକମାନେ ଶ୍ରୀ ଗିରିଙ୍କ ନିକଟରେ ଦାବି କରିଥିଲେ ।

# ଫେରାର ୩ ଅଭିଯୁକ୍ତ ଗିରଫ କଲା ପୋଲିସ

ଜୟପୁର ,୨୫/୦୫ (ନି.ପ୍ର): ଜୟପୁର ଟାଉନ ଓ ସଦର ପୋଲିସ ମଙ୍ଗଳବାର ଅପରାଧିକ ମାମଲାରେ ଜଡିତ ଥିବା ଫେରାର ୩ ଅଭିଯୁକ୍ତ କୁ ଗିରଫ କରିଛି । ଫେରାର ଅଭିଯୁକ୍ତକୁ ଗିରଫ କରିଛି ଜୟପୁର ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ପାଞ୍ଜିଆ ଲାଇନ ସୌରାସାହିର ରବି କୁମାର ସୌରା (୩୮) । ଗିରଫ ଅଭିଯୁକ୍ତ ଜଣକ ହେଲା ୨୦୧୮ରେ ଏକ ଅପରାଧିକ ମାମଲାର ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ କୁ ଫେରାର ଥିବା ବେଳେ ଆଜି ଗିରଫ କରି କୋର୍ଟ ଚାଲାଣ କିରଛି । ସେହପିରି ଜୟପୁର ସଦର ପୋଲିସ ଫେରାର ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ସିଆଡିମାଳର ରାଜେନ୍ଦ୍ର ସିଂଗ୍ରୀବି । ୨୦୧୮ ଏକ ଅପରାଧିକ ମାମଲା ରାଜେନ୍ଦ୍ର ନାମରେ ଏକ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ରାଜେନ୍ଦ୍ର ଫେରାର ଥିବା ବେଳେ ଆଜି ସିଆଡିମାଳରୁ ଜୟପୁର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜୟପୁର ସଦର ଥାନା ଅନ୍ତର୍ଗତ ଗଡ ପଦର ଗ୍ରାମର ମାଧବ ହରିଜନ କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ନାମରେ ୨୦୧୧ ମସିହାରେ ଜୟପୁର ସଦର ଥାନାରେ ଏକ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଅଭିଯୁକ୍ତ ମାଧବ ଫେରାର ଥିବା ବେଳେ ଆଜି ଗଡପଦରରୁ ଗିରଫ କରିଛି । ମାଧବ ନାମରେ ଓାରେଣ୍ଟି ଜାରି ହୋଇଥିଲା । ଏନେଇ ସୁଚନା ଦେଇଛନ୍ତି ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୁଚନା ଦେଇଛନ୍ତି ।

# ମଧ୍ୟାହ୍ନ ଭୋଜନରେ ପ୍ଲାଷ୍ଟିକ ଚାଉଳ

କନ୍ଧମାଳ ,୨୫/୦୫ (ନି.ପ୍ର): ପୋକରା ଚାଉଳ ପରେ ଏବେ ପୁଣି ପ୍ଲାଷ୍ଟିକ ଚାଉଳ । ତାହା ପୁଣି ମଧ୍ୟାହ୍ନ ଭୋଜନରେ । ଏ ହେଉଛି ମଧ୍ୟାହ୍ନ ଭୋଜନ ପାଇଁ ପିଲାଙ୍କୁ ଦିଆଯାଉଥିବା ଚାଉଳ । ଯେଉଁଥିରେ ପ୍ଲାଷ୍ଟିକ ଚାଉଳ ଥିବା ଅଭିଯୋଗ ହୋଇଛି । ଏଭଳି ଅପମିଶ୍ରିତ ଚାଉଳ ଖାଇଲେ କଣ ପିଲାଙ୍କୁ ପୌଷ୍ଟିକ ତତ୍ତ୍ୱ ମିଳିବ ? ଏଭଳି ଅପମିଶ୍ରିତ ଚାଉଳରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି କନ୍ଧମାଳରେ । କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଅପମିଶ୍ରିତ ଚାଉଳରେ ରୋଷେଇ କରାଯାଉଥିବା ଅଭିଯୋଗ ଆସିଛି । ଯାହାକୁ ନେଇ ଅଭିଭାବକ ମହଲରେ ଦେଖିବାକୁ ମିଳିଛି ଅସନ୍ତୋଷ । ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଜଣଙ୍କ ପିଛା ଶହେ ଗ୍ରାମ ଓ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ଜଣଙ୍କ ପିଛା ୧୫୦ ଗ୍ରାମ ଚାଉଳ ଦେବାକୁ ନିର୍ଦ୍ଦେଶ ରହିଛି । ଏଭଳି ସ୍ଥିତିରେ ଅପମିଶ୍ରିତ ଚାଉଳ ରୋଷେଇ କରାଯାଉଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ଏନେଇ ଯୁଗାପଦର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅକ୍ଷୟ ନାୟକଙ୍କୁ ପଚାରିବାରୁ ଯେଉଁ ଚାଉଳ ଆସିଛି ତାହା ରୋଷେଇ କରାଯାଉଛି, ଯେଉଁ ଅଭିଯୋଗ ଆସିଛି ଏନେଇ ଆମେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଛନ୍ତି ପ୍ରଧାନ ଶିକ୍ଷକ । ସେପଟେ ଘଟଣା ସମ୍ପର୍କରେ କ.ନୂଆଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତନ୍ୟ କହଁର କହିଛନ୍ତି ଯେ ଏନେଇ ଆମ ପାଖକୁ କୌଣଶି ଅଭିଯୋଗ ଆସିନାହିଁ । ଆପଣଙ୍କ ନିକଟରୁ ଆମେ ଶୁଣିବାକୁ ପାଇଲୁ । ଏଥିରେ ଆମର କୌଣଶି ଭୁଲ୍ ନାହିଁ । ଯୋଗାଣ ବିଭାଗ ପକ୍ଷରୁ ଯେଉଁ ଚାଉଳ ଆସିଛି ଆମେ ତାହା ପିଲାଙ୍କୁ ଦେଉଛୁ । ଅଭିଯୋଗ ପ୍ରକାରେ ଘଟଣା ସମ୍ପର୍କରେ ଆମେ ଆମ ଉପସ୍ଥିତି ଅଧିକାରୀଙ୍କୁ ଜଣାଇବୁ ଏବଂ ଏହାର ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି କହିଛନ୍ତି । ଅନ୍ୟପଟେ ପୂର୍ବରୁ ଏମିତି ପୋକରା ଚାଉଳ ମଧ ମିଳିଛି ଏବେ ପୁଣି ଅପମିଶ୍ରିତ ଚାଉଳ । ଏଣୁ ଯଥାଶୀଘ୍ର ଭଲ ଉନ୍ନତମାନର ଚାଉଳ ଯୋଗାଇ ଦେବାକୁ ଦାବି କରିଛନ୍ତି ଅଭିଭାବକ ।

# ଚୋରି ମାମଲାରେ ଜଣେ ଗିରଫ

ଜୟପୁର ,୨୫/୦୫ (ନି.ପ୍ର): ଜୟପୁର ସଦର ପୋଲିସ ଚୋରି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଇରିଗେସନ କୋଲନିର ପପୁ ସୁନା (୧୯) । ପୋଲିସ ସୂଚନା ଅନୁଯାୟୀ ଗତ ଏପ୍ରିଲ ୧୩ ତାରିଖର ଚାଉଳ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ଗତ ଏପ୍ରିଲ ୧୩ ତାରିଖରେ ଯମୁନାଗୁଡାର କାର୍ତିକ ଖରାକୁ ଗିରଫ କରି ତା ଠାରୁ ୯ ପ୍ୟାକେଟ ଚାଉଳ ଜବତ କରିଥିଲା । ଏହି ମାମଲାରେ ୪ ଜଣ ଜଡିତ ଥିବା ବେଳେ ଆଜି ପପୁ ସୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ନିଶାମୁକ୍ତ ଭରତ ଅଭିଯାନ ଜରିଆରେ ନିଶା ମୁକ୍ତ କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ସମୀକ୍ଷା ବୈଠକ

ବଲାଙ୍ଗିର,୨୫/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ନିଶାମୁକ୍ତ ଭରତ ଅଭିଯାନ ଅନ୍ତର୍ଗତ ନିଶାମୁକ୍ତ କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ବଲାଙ୍ଗିର ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଲ୍ ରାଣା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଟେଲ୍, ସି ଡି ଏମ୍ ଓ ଡାକ୍ତର ସ୍ନେହଲତା ସାହୁ, ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ ର ଅଧକ୍ଷା ସବିତା ମହାପାତ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ସୂଚନା ଲୋକସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ,ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ସନ୍ତୁ ଲାଲ ଦୀପ,ଭୀମଭୋଇ ମେଡିକାଲ୍ କଲେଜ ହସ୍ପିଟାଲ ର ମାନସିକ ରୋଗ ବିଶେଷଜ୍ଞ ଡା ଆଶିର୍ବାଦ ଶତପଥୀ,ଅବକାରୀ ଅଧିକ୍ଷକ ନାରାୟଣ ମେହେର, ପଲ୍ଲୀ ଆଲୋକ ପାଠାଗାର, ଆଶା, ରାମଜୀ ଯୁବକ ସଂଘ,ସେବା, ବିଙ୍ଗ ହ୍ୟୁମାନ ଫାଉନ ଦେସନ, ମାହେଶ୍ୱରୀ ଯୁବ ସଂଘ, କେବିକେ ମହିଳା ଅନାଥ ଏସୋସିଏସନ ,ମିସନ୍ ଆଶ୍ରା ଝାରସୁଗୁଡ଼ା ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତା ଉପସ୍ଥିତ ଥିଲେ । ବୈଠକରେ ସାମାଜିକ ସୁରକ୍ଷା ଅଧିକାର ନବକୃଷ୍ଣ ସାହୁ ନିଶାମୁକ୍ତ ଭରତ ଅଭିଯାନ ସମ୍ପର୍କରେ ସୂଚନା ଦେଇ ନିଶାମୁକ୍ତି କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ବିଭିନ୍ନ ଦିଗ ଉପରେ ବିବରଣୀ ପ୍ରଦାନ କରିଥିଲେ । ବୈଠକରେ ବଲାଙ୍ଗିର ଜିଲ୍ଲା ରେ ନିଶା ମୁକ୍ତି କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା ସହିତ ଏହାର୍ ପରିଚାଳନା ରକ୍ଷଣା ବେକ୍ଷଣ ନିମନ୍ତେ ଏକ ସବ୍ କମିଟି ଗଠନ କରାଯିବା ସହ ଏସମ୍ପର୍କରେ ସବିଶେଷ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ମେଡିକାଲ୍ କଲେଜ୍ ହସ୍ପିଟାଲ ର ମାନସିକ ବିଭଗ ସରକାରୀ ପ୍ରଫେସର ଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ପୂର୍ବରୁ ଆରୋଗ୍ୟ କୁଷ୍ଠ ରୋଗୀ ଓ ଭିକାରୀ ମାନଙ୍କର ଝିଅ ବାହାଘର ନିମନ୍ତେ ସହାୟ ଯୋଜନାରେ ଥିବା ବାହାଘର ସହାୟତା ରେ ପୁଇଁତଳା କୁଷ୍ଠ ଆଶ୍ରମ ର ଜଣେ ଅଭିଭାବକ କୁ ୫୦ ହଜାର ଟଙ୍କାର ଚେକ୍ ଜିଲ୍ଲାପାଳ ପ୍ରଦାନ କରିଥିଲେ ।

# ଟାଉନ ବଳରାମପୁର ଓ ସୁନ୍ଦରାପାଳ ଗ୍ରାମରୁ ଜଳ ନିଷ୍କାସନ ସମସ୍ୟାକୁ ନେଇ ଦାବିପତ୍ର

କେନ୍ଦ୍ରାପଡ଼ା,୨୫/୦୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ୩ନଂ ଓ ୪ନଂ ୱାର୍ଡ ଅନ୍ତର୍ଗତ ଟାଉନ ବଳରାମପୁର ଓ ସୁନ୍ଦରାପାଳ ଗ୍ରାମରେ ଦୀର୍ଘଦିନ ହେବ ଲାଗି ରହିଥିବା ଜଳ ନିଷ୍କାସନ ସମସ୍ୟା ତୁରନ୍ତ ସମାଧାନ ପାଇଁ ଓ ଜଳ ନିଷ୍କାସନ ପଥ ମଧୁସାଗରକୁ ଅବରୋଧ ମୁକ୍ତ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏନେଇ ଗ୍ରାମାବସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ମୁତାବକ ଏହି ଦୁଇ ଗ୍ରାମରେ ଅବସ୍ଥିତ ମଧୁସାଗର ଯୋଡ ଏକ ଜଳ ନିଷ୍କାସନ ପଥ ହୋଇଥିବା ବେଳେ ଏହାକୁ କେତେକ ବ୍ୟକ୍ତି କିଣାବିକା କରି ମାଟି ପକାଇ ଜଳ ନିଷ୍କାସନ ପଥକୁ ଅବରୋଧ କରିଛନ୍ତି । ଫଳରେ ଟାଉନ ବଳରାମପୁର ଓ ସୁନ୍ଦରାପାଳ ଗ୍ରାମ ସମେତ କେନ୍ଦ୍ରାପଡା ବ୍ଲକ ଅଂଚଳ ରୁ ଜଳ ନିଷ୍କାସନ ହୋଇ ନପାରି ବର୍ଷାଦିନେ ଉକ୍ରଟ ପରିସ୍ଥିତି ସୃଷ୍ଟି କରି ଆସୁଛି । ଲଗାଣ ବର୍ଷା ପୂର୍ବରୁ ଏହି ସମସ୍ୟାକୁ ସମାଧାନ କରିବା ପାଇଁ ଜଳ ନିଷ୍କଳାସନ ପଥକୁ ଖୋଳିବା ଓ ମଧୁସାଗରକୁ ଅବରୋଧ ମୁକ୍ତ କରିବା ପାଇଁ ଗ୍ରାମର ଅଶୋକ କୁମାର ଗେରୁ, ଉମାକାନ୍ତ ମହାରଣା, ଗୌରାଙ୍ଗ ମହାରଣା, କୃଷ୍ଣଚନ୍ଦ୍ର ପତି, ଧ୍ରୁବ ଚରଣ ବେହେରା ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସ୍ୱାସ୍ଥ୍ୟବର୍ଦ୍ଧକ

## ପାଚିଲା

# ଅମୃତଭଣ୍ଡା



**ଆମ ଆଖପାଖରେ ସହଜରେ ସୁଲଭ ହେଉଥିବା ଫଳ ପାଚିଲା ଅମୃତଭଣ୍ଡା । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍ ସି ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ବର୍ତ୍ତମାନ କରୋନା ସଂକଟ କାଳରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ସମସ୍ତେ ଚାହାନ୍ତି । ତେଣୁ ପ୍ରଚୁର ପରିମାଣରେ ପାଚିଲା ଅମୃତଭଣ୍ଡା ଖାଇବା ଦରକାର । ଏହା ସହିତ ପାଚିଲା ଅମୃତଭଣ୍ଡାରେ ଅନ୍ୟାନ୍ୟ ଅନେକ ଉପାଦାନ ରହିଛି, ଯାହ ଆମକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ଉପଯୋଗୀ ।**



**ଇଟାଲୀୟ ନାବିକ କ୍ରିଷ୍ଟୋଫର୍ କଲମ୍ବସ୍ ଥରେ କହିଥିଲେ, 'ପାଚିଲା ଅମୃତଭଣ୍ଡା ଦେବଦୂତଙ୍କ ଫଳ ।' ଏହା ଏମିତି ଏକ ଫଳ, ଯେଉଁଥିରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ମହଜୁଦ ଅଛି । କେବଳ ଭିଟାମିନ୍ ସି କାହିଁକି, ଅମୃତଭଣ୍ଡାରେ ଆହୁରି ଅନେକ ଗୁଣ ରହିଛି, ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ।**

### କୋଲେଷ୍ଟ୍ରୋଲ୍ କମ୍ କରେ :

କୋଲେଷ୍ଟ୍ରୋଲ୍ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ ସହ ଅନ୍ୟ ଅନେକ ପ୍ରକାର ହୃଦ୍‌ରୋଗର ଆଶଙ୍କା ବଢ଼ାଏ । ମାତ୍ର ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ଓ ଆଣ୍ଟି-ଅକ୍ସିଡାଣ୍ଟ ରକ୍ତଶିରାରେ କୋଲୋଷ୍ଟ୍ରୋଲ୍ ଜମା ହେବାକୁ ଦିଏ ନାହିଁ ।

### ଓଜନ ହ୍ରାସରେ ସହାୟକ :

ଓଜନ କମ୍ କରି ସ୍ଲିମ୍ ଫିଟ୍ ଶରୀର କିଏ ନ ଚାହେଁ ? ଏଥିପାଇଁ ଲୋକମାନେ ନାନା ରକମର ଉପାୟ ଅବଲମ୍ବନ କରିବାକୁ ପଛାଇ ନଥାନ୍ତି । କିଏ ସକାଳୁ ସକାଳୁ ୱାକିଂ, ଜଗିଂ କରେ ତ ଆଉ କିଏ ଜିମ୍ ଯାଏ । କେହି କେହି ପୁଣି ନାନା ପ୍ରକାର ଯୋଗାଭ୍ୟାସ, ପ୍ରାଣାୟମ ଆଦି କରନ୍ତି । ଆଉ କିଛି ଡାଏଟିସିଆନ୍, ଫିଟ୍‌ନେସ୍ ଟ୍ରେନର୍, ଡାକ୍ତରଙ୍କ ପରାମର୍ଶରେ ସନ୍ତୁଳିତ ଖାଦ୍ୟ ଖାଆନ୍ତି । ତେବେ ଓଜନ କମ୍ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ପ୍ରତ୍ୟହ ଅମୃତଭଣ୍ଡା ଖାଇବା ଉଚିତ । କାରଣ ଏଥିରେ କ୍ୟାଲୋରି ବହୁତ କମ । ତା' ଛଡ଼ା ଅମୃତଭଣ୍ଡାରେ ମହଜୁଦ୍ ଥିବା ଫାଇବର୍ ଆପଣଙ୍କୁ ତାଜା ଓ ସ୍ଫୁର୍ତ୍ତି ଅନୁଭବ ଦିଏ । ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ ।

### ରୋଗ ପ୍ରତିରୋଧକ କ୍ଷମତା ବଢ଼ାଏ :

ପ୍ରତିରୋଧକ ତନ୍ତ୍ର ରୋଗ ସୃଷ୍ଟିକାରୀ ସଂକ୍ରମଣ ବିରୋଧରେ ଢାଲ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବା ସହିତ ପ୍ରତିରୋଧକ ତନ୍ତ୍ରକୁ ମଜବୁତ୍ କରିଥାଏ ।ଏହି କରୋନା ସଙ୍କଟ ସମୟରେ ସମସ୍ତେ ଚାହୁଁଛନ୍ତି ନିଜର ଓ ପରିବାର ସଦସ୍ୟଙ୍କର ରୋଗ ପ୍ରତିରୋଧକ ଶକ୍ତି କିଭଳି ବଢ଼ାଇବେ । ଏଥିପାଇଁ ଅନେକ ଲୋକ ଔଷଧ କିଣି ଖାଇବାରେ ଲାଗିଛନ୍ତି ଆଉ କେତେକ ଚା' ରେ ତୁଳସୀ ପତ୍ର, ଲେମ୍ବୁ ରସ ପିଇବାକୁ ଉଚିତ ମନେ କରୁଛନ୍ତି । କେହି କେହି ଦୈନିକ ଭୋଜନରେ ଲେମ୍ବୁ ସାମିଲ ପସନ୍ଦ କରୁଛନ୍ତି । କିଛି ଲୋକ ତ ଗିଲୟ, ଅଁଳା ଜୁସ୍ ନିୟମିତ ପିଉଛନ୍ତି । ଏପରି ସ୍ଥଳେ ଆପଣ ଅମୃତଭଣ୍ଡା ଖାଆନ୍ତୁ ଓ ପରିବାରର ଅନ୍ୟମାନଙ୍କୁ ଖୁଆନ୍ତୁ । ଏହା ଦ୍ୱାରା ରୋଗ ପ୍ରତରୋଧକ ଶକ୍ତି ନିଶ୍ଚୟ ବୃଦ୍ଧି ପାଇବ ।

### ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ :

ମଧୁମେହ ରୋଗୀଙ୍କ ପାଇଁ ପାଚିଲା ଅମୃତଭଣ୍ଡା ବେଶ୍ ଲାଭଦାୟକ । ମଧୁମେହ ଭୋଗୁଥିବା ବ୍ୟକ୍ତିମାନେ ଏହାକୁ ଦୈନନ୍ଦିନ ଭୋଜନରେ ସାମିଲ୍ କରିପାରିବେ । ସାଧାରଣତଃ ଡାକ୍ତରମାନେ ମଧୁମେହ ଭୋଗୁଥିବା ବ୍ୟକ୍ତିଙ୍କୁ ଆମ୍ବ, ପଣସ, ସପେଟା ଭଳି ମିଠାଫଳ ଖାଇବାକୁ ବାରଣ କରିଥାନ୍ତି । ମାତ୍ର ଅମୃତଭଣ୍ଡା ମିଠା ଫଳ ହୋଇଥିବା ସତ୍ତ୍ୱେ ଏଥିରେ ସୁଗାର୍‌ର ମାତ୍ରା ସ୍ୱଳ୍ପ ତେଣୁ ଡାଏବେଟିସ୍ ପୀଡ଼ିତ ବ୍ୟକ୍ତିମାନେ ଏହାକୁ ଖାଇବାରେ କୌଣସି ଅସୁବିଧା ନାହିଁ ।

### ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ :

ବୟସ ବଢ଼ିବା ସହିତ ଆମର ଦୃଷ୍ଟିଶକ୍ତି ହ୍ରାସ ପାଇବାରେ ଲାଗେ । ଏଭଳି କ୍ଷେତ୍ରରେ ଅମୃତଭଣ୍ଡାରେ ଥିବା ପ୍ରଚୁର ପରିମାଣରେ ଭିଟାମିନ୍ ଏ ଆମର ଦୃଷ୍ଟିଶକ୍ତିକୁ ସୁରକ୍ଷିତ ରଖେ । ଅମୃତଭଣ୍ଡାକୁ ପ୍ରତ୍ୟହ ଖାଦ୍ୟରେ ସାମିଲ୍ କରି ଆମେ ଏହି ଅସୁବିଧା ଦୂର କରିପାରିବା ।

### ପାଚନ ଶକ୍ତି ବଢ଼ାଏ :

ଜଙ୍କ୍‌ଫୁଡ୍, ତେଲଛଣା ଖାଦ୍ୟ ପାଚକ ତନ୍ତ୍ର ପାଇଁ କ୍ଷତିକାରକ । ଏହା ଜାଣିବା ସତ୍ତ୍ୱେ ଆଧୁନିକ ଜୀବନଶୈଳୀରେ ଏଭଳି ଖାଦ୍ୟଠାରୁ ଆମେ ମୁହଁ ଫେରାଇ ନେଇପାରୁ ନାହୁଁ । ଅନେକ ଥର ଆମେ ବାଧ ହୋଇ ଏଭଳି ଖାଦ୍ୟ ଖାଉ, ଯାହା ଜଙ୍କ୍‌ଫୁଡ୍ ଶ୍ରେଣୀର ନଚେତ୍ ଅଧିକ ତେଲରେ ଛଣା ହୋଇଥିବା ଖାଦ୍ୟ । ତେବେ ଦୈନିକ କିଛି ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଜଙ୍କଫୁଡ୍ ଖାଦ୍ୟଜନିତ ପାର୍ଶ୍ୱ ପ୍ରତିକ୍ରିୟା ଦୂର ହୋଇଥାଏ । କାରଣ ପାଚିଲା ଅମୃତଭଣ୍ଡାରେ ପ୍ରଚୁର ପରିମାଣର ଫାଇବର ସାଙ୍ଗକୁ ପପେନ୍ ନାମକ ଏକ ଏନ୍‌ଜାଇମ୍ ଥାଏ, ଯାହା ପାଚକ ତନ୍ତ୍ରକୁ ମଜବୁତ୍ କରି ପାଚନ ଶକ୍ତି ବଢ଼ାଇଥାଏ ।

### ବୟସ ବୃଦ୍ଧି ଲକ୍ଷଣକୁ ରୋକେ :

ଆମେ ସମସ୍ତେ ସବୁଦିନ ଯୁବକ ଭଳି ଦିଶିବାକୁ ବା ଯୌବନାବସ୍ଥାକୁ ଧରି ରଖିବାକୁ ଚାହୁଁ । ମାତ୍ର ଏହା ସମ୍ଭବ ହୁଏ ନାହିଁ ଓ ବୟସ ବୃଦ୍ଧିର ଲକ୍ଷଣ ଆମ ଶରୀରରେ ଫୁଟିଉଠେ । ଦୈନିକ କିଛି ପରିମାଣର ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଏଭଳି ସମସ୍ୟାକୁ କିଛି ପରିମାଣରେ ରୋକା ଯାଇପାରିବ । ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ ଏବଂ ବିଟା-କ୍ୟାରୋଟିନ୍ ଭଳି ଆଣ୍ଟି-ଅକ୍ସିଡାଣ୍ଟ ପ୍ରଚୁର ମାତ୍ରାରେ ଥିବାରୁ ବୟସ ବୃଦ୍ଧି ଜନିତ କୁଞ୍ଚିତ ଚର୍ମକୁ ରେଖାରୁ ଦୂରେଇ ରଖିଥାଏ । ବୟସ ତୁଳନାରେ ଆପଣ ଅଧିକ ଯୁବକ ଦେଖାଯିବାରେ ସହାୟତା କରିଥାଏ । ଏହା ମଧ ଏକ ଉତ୍କୃଷ୍ଟ ପ୍ରସାଧନ ସମଗ୍ରୀ ଭଳି କାମ କରିଥାଏ । ପାଚିଲା ଅମୃତଭଣ୍ଡାକୁ ପେଷ୍ଟ କରି ମୁହଁରେ ଲଗାଇଲେ ମୁହଁର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

### ଋତୁସ୍ରାବ ଯନ୍ତ୍ରଣା କମ୍ କରେ :

ମାସିକ ଋତୁସ୍ରାବବେଳେ ଯନ୍ତ୍ରଣା ଭୋଗିବା ମହିଳାମାନଙ୍କ ପାଇଁ ଏକ ସାଧାରଣ ସମସ୍ୟା । ଏହି ସମୟରେ ମହିଳାମାନେ ସେମାନଙ୍କ ଖାଦ୍ୟ ତାଲିକାରେ ପାଚିଲା ଅମୃତଭଣ୍ଡା ସାମିଲ୍ କରି ଯନ୍ତ୍ରଣାରୁ ଉପଶମ ପାଇପାରିବେ । ଏଥିରେ ଥିବା ପପେନ୍ ନାମକ ଏନ୍‌ଜାଇମ୍ ପେନ୍‌କିଲର୍ ଭଳି କାମ କରେ ।



### କ୍ୟାନ୍‌ସର ଆଶଙ୍କା କମ୍ କରେ :

ପାଚିଲା ଅମୃତଭଣ୍ଡାରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ, ଫିଟୋନ୍ୟୁଟ୍ରିଏଣ୍ଟ୍ ଏବଂ ଫ୍ଲାଭୋନୋଏଡ୍‌ସ ପ୍ରଚୁର ମାତ୍ରାରେ ରହିଛି । କ୍ୟାନ୍‌ସର ଆଶଙ୍କାକୁ କମ୍ କରିଥାଏ । ପାଚିଲା ଅମୃତଭଣ୍ଡା ସେବନ ଦ୍ୱାରା କୋଲନ୍ ଏବଂ ପ୍ରୋଷ୍ଟେଟ୍ କ୍ୟାନ୍‌ସର ଆଶଙ୍କା କମ୍ ହୁଏ ବୋଲି ଏକ ଅଧ୍ୟୟନରୁ ମଧ ଜଣାପଡ଼ିଛି ।

### ଦୁଶ୍ଚିନ୍ତା ଦୂର କରିଥାଏ :

ସାରା ଦିନ ଧାଁ ଦୌଡ଼, କାମର ଚାପ, ପାରିବାରିକ ଜଞ୍ଜାଳ, ଦୁଶ୍ଚିନ୍ତା, ଶାରୀରିକ ଥକାପଣ ଦୂର କରିବା ପାଇଁ ଚାହୁଁଛନ୍ତି ? ଘରକୁ ଫେରି ଗୋଟିଏ ପ୍ଲେଟ୍ ପାଚିଲା ଅମୃତଭଣ୍ଡା ଖାଆନ୍ତୁ । ଏହି ଅଦ୍ଭୁତ ଫଳରେ ରହିଛି ଟେନ୍‌ସନ୍ ଓ ଥକାପଣ ଦୂର କରିବାର ଶକ୍ତି । ୟୁନିଭର୍‌ସିଟି ଅଫ୍ ଅଲ୍‌ବାମାର ଏକ ଅଧ୍ୟୟନ ଅନୁସାରେ ୨୦୦ ମିଲିଗ୍ରାମ୍ ଭିଟାମିନ୍ ସି ଷ୍ଟ୍ରେସ୍ ହରମୋନ ସଞ୍ଚାଳନ କରିବାକୁ ସକ୍ଷମ । ପୂର୍ବରୁ ଉଲ୍ଲେଖ କରିଛୁ, ପାଚିଲା ଅମୃତଭଣ୍ଡାରେ ପର୍ଯ୍ୟାପ୍ତ ପରିମାଣରେ ରହିଛି ଭିଟାମିନ୍ ସି ।

# ନେଦରଲାଣ୍ଡର ଲୋକେ ଅଧିକ କଫି ପିଇଥାନ୍ତି



ବିଭିନ୍ନ ଦେଶରେ ଜଳବାୟୁ ନେଇ ଖାଦ୍ୟ ପାନୀୟର ମଧ୍ୟ ଫରକ ଆସିଥାଏ । ଶୀତ ପ୍ରଧାନ ଦେଶର ଲୋକମାନେ ଯାହା ଖାଇଥାନ୍ତି କି ପିଇଥାନ୍ତି ଗ୍ରୀଷ୍ମପ୍ରଧାନ ଦେଶରେ ତାହା ଫରକ ନଥାନ୍ତି । କିନ୍ତୁ ଏମିତି କିଛି ଦେଶ ଅଛି ଯେଉଁଠାରେ ବିଭିନ୍ନ ପାନୀୟର ବ୍ୟବହାରକୁ ନେଇ ରହିଛି କମ ବା ବେଶୀର ହାର । ନେଦରଲାଣ୍ଡର ଲୋକମାନେ ବେଶୀ ପରିମାଣରେ କଫି ପିଉଥିବା କଥା ଏକ ସର୍ଭେରୁ ଜଣାପଡ଼ିଛି । ହାରାହାରି ପ୍ରତ୍ୟେକ ଲୋକ ଦୈନିକ ୨.୫ କପ କଫି ପିଇଥାନ୍ତି । ଠିକ୍ ତା ଚଳକ ଫିନଲାଣ୍ଡ ୧.୮ ଓ ସ୍ୱିଡେନ ୧.୩ କପ କଫି ପିଇଥାନ୍ତି ।

# ବାସ୍ତୁବିଚାର: ପାଇଖାନା ଓ ଗାଧୁଆ ଘର

ବାସ୍ତୁରେ ପ୍ରତ୍ୟେକ ବିଷୟକୁ ବିଚାରକୁ ନିଆଯାଇ ଭଲମନ୍ଦର ବ୍ୟବସ୍ଥା କରାଯାଇଥାଏ । କେଉଁ ପ୍ରକାର ବିଧିବ୍ୟବସ୍ଥା ଗ୍ରହଣ କଲେ କେଉଁ ଫଳ ମିଳିପାରିବ, ସେଥିପାଇଁ ବାସ୍ତୁରେ ପ୍ରତ୍ୟେକ ବିଚାର ବାବଦରେ ଆଲୋଚନା କରାଯାଇଛି । ଘରେ ବ୍ୟବହାର କରୁଥିବା ପାଇଖାନା ଓ ଗାଧୁଆଘର କିପରି, କେଉଁ ଜାଗାରେ ତିଆରି କଲେ ପରିବାର ପ୍ରତି କୌଣସି ବିପଦ ପଡ଼ିବ ନାହିଁ କି କାହାର ଅମଙ୍ଗଳ ଘଟିବ ନାହିଁ ସେଥିପ୍ରତି ଧ୍ୟାନଦେବା ଜରୁରୀ ବୋଲି ବାସ୍ତୁବିତ୍‌ମାନେ ଏଥିପ୍ରତି ଧ୍ୟାନ ଦେଇଛନ୍ତି । ଯଦି ନିଜର ଇଚ୍ଛାନୁସାରେ ଭୁଲ ଦିଗରେ ବା ନିଜକୁ ସୁହାଇବା ଭଳି କାମ କରିବା ତା' ହେଲେ ଭଲ ବଦଳରେ ମନ୍ଦକୁ ଆହ୍ୱାନ କରିବାକୁ ପଡ଼େ । ସେଥିପାଇଁ କେତେ କଥା ପ୍ରତି ଧ୍ୟାନଦେବା ଜରୁରୀ । ପ୍ରକୃତରେ ଦେଖିବାକୁ ଗଲେ ପାଇକାନା ଓ ଗାଧୁଆଘରକୁ ଶୋଇଘର ଭିତରେ କରିବା କଥା ନୁହେଁ । ଆଜିକାଲି ନିଜର ସୁବିଧା ପାଇଁ ଆଟାଚ୍ କରି ଟଏଲେଟ୍ ଓ ବାଥରୁମ୍‌କୁ ସିନା ବେଡ୍‌ରୁମ୍ ସହିତ କରିଦେଉଛନ୍ତି କିନ୍ତୁ ତାହା କରିବା ଅନୁଚିତ୍ ।

- ବ୍ୟବହାର କରୁଥିବା କମୋଡକୁ ଉତ୍ତର-ଦକ୍ଷିଣ ମୁହାଁ କରି ବସାନ୍ତୁ ।
- ପାଇଖାନା ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେବା ଦରକାର ।
- ୧-୨ ଫୁଟ ଭୂମିଠାରୁ ଉଚ୍ଚରେ ପାଇଖାନା ବସାଇବା ଦରକାର ।
- ଟାଙ୍କି କିମ୍ବା ଟ୍ୟାପ୍‌କୁ ପୂର୍ବ, ଉତ୍ତର କିମ୍ବା ଉତ୍ତର-ପୂର୍ବଦିଗରେ ବସାଇବା ଦରକାର ।
- ଲାଇଟ୍ କଲର ଦେଲେ ଭଲ କିନ୍ତୁ ନିଜ ଇଚ୍ଛାନୁସାରେ ଦେଲେ କିଛି ଅସୁବିଧା ନାହିଁ ।
- ପୂର୍ବ, ପଶ୍ଚିମ କିମ୍ବା ଉତ୍ତରଦିଗରେ ଛୋଟ ଝର୍କା ବା ଏକଜଷ୍ଟର ଫ୍ୟାନ୍ ଲଗାଇବା ଦରକାର ।
- ପୂଜାଘର, ଶୋଇବା ଘର ପାଖରେ ଗାଧୁଆଘର କରିବା ଅନୁଚିତ ।
- ପାଣି ଟ୍ୟାପ୍‌ରୁ ଅନବରତ ପାଣି ବୋହିବାକୁ ରୋକିବା ଦରକାର ।
- ପାଇଖାନାକୁ ରୋଷେଇଘର ମୁହାଁମୁହିଁ କରିବା ଅନୁଚିତ ।



# ପ୍ରାଚୀନ ପୀଠ ବେନୁପଡ଼ା ଗାଦି



ସାଧୁ ସନ୍ଥମାନଙ୍କର ସାଧନା କ୍ଷେତ୍ରର ଏକ ଆକର୍ଷଣ ରହିଛି । ଆମ ରାଜ୍ୟର ବେନୁପଡ଼ା ଗାଦି ପୀଠ: ପୁରୀ ଜିଲ୍ଲା ଡେଲାଙ୍ଗ ଅଞ୍ଚଳର ଏକ ପ୍ରାଚୀନ ମଠ ଭାବରେ ଏହା ପରିଚିତ । ଡେଲାଙ୍ଗର ବଜାର ଛକରୁ ବେନୁପଡ଼ା ଗ୍ରାମକୁ ଯାଇଥିବା ସାହି ସଡ଼କ ପାର୍ଶ୍ୱରେ ଥିବା ପୀଠକୁ ପାଖକୁ ଚାଲି କରି ଯିବାକୁ ହୁଏ । ସଡ଼କ କଡ଼ରେ ଡାହାଣ ପଟକୁ ଥିବା ଏକ ବୃକ୍ଷ ନିକଟରେ ବେନୁପଡ଼ା ଗାଦି ନାମ ଫଳକ ରହିଛି । ସେହି ଗ୍ରାମ ସାହି ଦେଇ ପୀଠ ପାଖରେ ପହଞ୍ଚିଗଲେ ଆଖିରେ ପଡ଼େ ପୀଠର ସମ୍ମୁଖ ଭାଗ ପ୍ରାଚୀନ ମନ୍ଦିର ଦ୍ୱାର ଦେଶ । ସେହି ପୀଠରେ ପୂଜା ପାଇ ଆସୁଛନ୍ତି ପାଞ୍ଚ ସାଧୁଙ୍କ ଗାଦି । ପାଞ୍ଚସାଧୁଙ୍କ ଗାଦି ନିକଟରେ ଶ୍ରୀ ରାଧାକୃଷ୍ଣଙ୍କ ସୁନ୍ଦର ପ୍ରତିମା ପୂଜା ପାଉଛନ୍ତି । ଗାଦିପୀଠ ବହୁ ପୁରୁଣା ସମୟର ବୋଲି ଜଣାଯାଏ । ବେନୁପଡ଼ା ଗାଦିର ପୀଠଗୁରୁ ମହାନ ସାଧୁ ଶ୍ରୀ ବାଇଧରର ଦାସଙ୍କ ପବିତ୍ର ଗାଦି ସହିତ ଅନ୍ୟ ଚାରିସାଧୁ ଶ୍ରୀ ଦୀନକୃଷ୍ଣ ଦାସ, ଶ୍ରୀ ଆର୍ତ୍ତତ୍ରାଣ ଦାସ, ଶ୍ରୀ ମାଧବ ଦାସ ଏବଂ ଶ୍ରୀ ନୀଳାଦ୍ରି ଦାସଙ୍କ ଗାଦି ପୂଜା ପାଇ ଆସୁଛି, ସେହି ପୀଠଟି ବୈଷ୍ଣବ ପୀଠ ଭାବରେ ଜଣାଶୁଣା । ପୀଠର ମନ୍ଦିରଟି ପ୍ରାୟ କୋଡ଼ିଏ ହାତ ଉଚ୍ଚ ପରି ଜଣାଯାଏ । ମନ୍ଦିର ଉପରେ ରହିଛି ତିନିଟି ଦଧିନଉତି । ମନ୍ଦିର ବେଢ଼ାରେ ପାର୍ଶ୍ୱରେ ଦେବଦେବୀଙ୍କ ବିଗ୍ରହ ରହିଛି । ଏକ ବଡ଼ ଯଜ୍ଞକୁଣ୍ଡ ରହିଛି । ଏକ ଗୋଶାଳା ଏବଂ ଏକ ଟିକି ପୁଷ୍କରିଣୀ ରହିଛି । ପୀଠର ମଧ ସ୍ଥଳର ଏକ ସ୍ଥାନରେ ଶ୍ରୀ ବାଇଧର ଦାସଙ୍କ 'ପଦ୍ମପାଦ' ଲେଖାଥାଇ ମନ୍ଦିର ରହିଛି । ଶ୍ରୀ ବାଇଧର ଦାସ ସେହି ଗ୍ରାମର ଜଣେ ଅସାଧାରଣ ବ୍ୟକ୍ତି ଥିଲେ । ତାଙ୍କଠାରେ ଦିବ୍ୟ ଶକ୍ତି ପ୍ରକାଶ ପାଇବା ପରେ ସେ ସାଂସାରିକ ଜୀବନରୁ ଦୂରେଇ ଗଲେ । ସର୍ବଦା ଜପ, ତପ ଧାନରେ ସେ ସମୟ ବିତାଇ ମଠ ସ୍ଥାପନ କରି ଲୋକଙ୍କ ଉପକାର କଲେ । ତାଙ୍କ ମଠରୁ ନିତିଦିନ ଅନ୍ନଦାନ ତାଙ୍କ ହାତ ସ୍ପର୍ଶରେ ହେଉଥିଲା । ଏପରିକି ଅନ୍ନପ୍ରସାଦ ହାଣ୍ଡିରୁ ସରୁ ନଥିଲଶ ବୋଲି କୁହାଯାଏ । ଅତିଥି ସେବା ସେହି ଗାଦି ପୀଠର ଏକ ପ୍ରାଚୀନ ପରମ୍ପରା । ସ୍ଥାନଟି ଦର୍ଶନୀୟ । ଅଁଳା ନବମୀ ଦିନ ସେଠାରେ ବଡ଼ ମେଳା ଅନୁଷ୍ଠିତ ହୁଏ ।






ପେଠା ଆଉ ପିଠାର ଉଚ୍ଚାରଣ ଯେମିତି ଭିନ୍ନ, ଠିକ୍ ସେମିତି ସ୍ୱାଦ ଏବଂ ଦେଖିବାକୁ ମଧ ଦୁଇଟିଯାକ ସଂପୂର୍ଣ୍ଣ ଅଲଗା । ପିଠା ସୁଜି, ଚାଉଳ ଆଦିରେ ପ୍ରସ୍ତୁତ ହେଉଥିଲା ବେଳେ ପେଠା ପ୍ରସ୍ତୁତ ହୋଇଥାଏ ପାଣି କଖାରୁରେ । ପିଠା ସାଧାରଣତଃ ଓଡ଼ିଶା, ପଶ୍ଚିମବଙ୍ଗରେ ପ୍ରସ୍ତୁତ ହୋଇଥାଏ । ହେଲେ ପେଠା ଉତ୍ତରପ୍ରଦେଶର ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । ପେଠା ପାଇଁ ଆଗ୍ରା ପ୍ରସିଦ୍ଧ । ପାଣିକଖାରୁରୁ ଚୋପା ଛଡ଼ାଇ ସେଥିରୁ ମଞ୍ଜି ବାହାର କରି ଏହାକୁ ଚିନି ସିରାରେ ବୁଡ଼ାଇ ପ୍ରସ୍ତୁତ ହୋଇଥାଏ ପେଠା । ପେଠା ଦୀର୍ଘ ଦିନ ରହି ପାରୁଥିଲା ଭଳି ଏକ ମିଠେଇ । ମୁରବ୍ବା ଭଳି ଦେଖାଯାଉଥିଲେ ମଧ ଏହାର ସ୍ୱାଦ ଅଲଗା । ପେଠା ସାଧାରଣତଃ ଦୁଇ ପ୍ରକାରର ହୋଇଥାଏ । ଗୋଟିଏ ହେଉଛି ଅଙ୍ଗୁରି ପେଠା ଯାହାକି ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଆଉ ଗୋଟିଏ ହେଉଛି ନାରିୟଲ ପେଠା ଅର୍ଥାତ ନଡ଼ିଆ ରସ ମିଶି ପ୍ରସ୍ତୁତ ହୋଇଥାଏ ଏହି ପେଠା । ପେଠା ପ୍ରସ୍ତୁତ କରିବାରେ ଘିଅ ଏବଂ ତେଲ ଆବଶ୍ୟକ ପଡ଼ିନଥାଏ । ପାଣିକଖାରୁ ଏବଂ ଚିନିରେ ହିଁ ପ୍ରସ୍ତୁତ ହୋଇଥାଏ । ଯଦି ସଜାଇବାକୁ ଇଚ୍ଛା ତେବେ ଏଥିରେ ଅଳ୍ପ କିଛି ଡ୍ରାଏ ଫ୍ରୁଟ୍‌ସ ମିଶା ଯାଇପାରିବ । ତେବେ ଆସନ୍ତୁ ଜାଣିବା ପେଠା ତିଆରିର ପଦ୍ଧତି ।

**ପ୍ରସ୍ତୁତି :**

ଏକ ବଡ଼ ପାଣିକଖାରୁକୁ ମଝିରୁ କାଟି ଭିତରର ମଞ୍ଜି ଏବଂ ନରମ ଅଂଶ ବାହାର କରିଦିଅନ୍ତୁ । ଏହାପରେ ସେଥିରୁ ଚୋପା ଛଡ଼ାଇ ଛୋଟ ଛୋଟ ଟୁକୁରା କରିନିଅନ୍ତୁ । ଏକ କଣ୍ଟା ଚାମଚରେର ଏଥର ସେହି ଟୁକୁରାଗୁଡ଼ିକରେ ଫୁଟା କରିନିଅନ୍ତୁ । ଏକ ବଡ଼ ପାତ୍ରରେ ପାଣି ନେଇ ସାମାନ୍ୟ ଚୁନ ମିଶାଇ ଭଲ କରି ଗୋଳାଇ ଦିଅନ୍ତୁ । ଏହାପରେ ସେହି ଚୁନ ମିଶା ପାଣିରେ ଚୋପାଛଡ଼ା ପାଣିକଖାରୁ ଟୁକୁରାଗୁଡ଼ିକୁ ପକାଇ ୧୦ରୁ ୧୨ ଘଣ୍ଟା ନହେଲେ ପୂର୍ବଦିନ ରାତିରୁ ବତୁରାଇ ରଖନ୍ତୁ । ପରଦିନ ସକାଳେ କିମ୍ବା ୧୨ ଘଣ୍ଟା ପରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଚୁନ ମିଶା ପାଣିରୁ ବାହାର କରି ଆଉ ଥରେ ସଫା ପାଣିରେ ଧୋଇ ନିଅନ୍ତୁ । ଏହାପରେ ତଳ ମୋଟା ଥିବା ଏକ ବଡ଼ ପାତ୍ର କିମ୍ବା କରେଇରେର ୨ ଲିଟର ପାଣି ନେଇ ଢାଙ୍କୁଣି ଦେଇ ଫୁଟିବାକୁ ଛାଡ଼ିଦିଅନ୍ତୁ । ପାଣି ଫୁଟି ଆସିଲେ ସେଥିରେ ପାଣିକଖାରୁ ଟୁକୁରାଗୁଡ଼ିକୁ ଫୁଟିବାକୁ ଛାଡ଼ିଦିଅନ୍ତୁ । ଆଞ୍ଚ ସଂପୂର୍ଣ୍ଣ ଜୋର୍ କରି ୨୦ ମିନିଟ୍ ପର୍ଯ୍ୟନ୍ତ ପାଣିକଖାରୁ ଟୁକୁରାଗୁଡ଼ିକୁ ସିଝିବାକୁ ଦିଅନ୍ତୁ । ଦେଖିବେ ୨୦ ମିନିଟ ପରେ ସେହି ଟୁକୁରାଗୁଡ଼ିକ ଆହୁରି ସ୍ୱଚ୍ଛ ଦେଖାଯିବ । ଏଥର ଗରମ ପାଣିରୁ ଛାଣରି ସେଗୁଡ଼ିକୁ ଆଉ ଏକ ପାତ୍ରରେର ରଖି ପାଣି ନିଗାଡ଼ି ନିଅନ୍ତୁ । ଭଲ କରି ପାଣରି ନିଗାଡ଼ି ଦେବେ । ଭଲ କରି ପାଣରି ନିଗାଡ଼ିଗଲା ପରେ ସେଗୁଡ଼ିକୁ ଏକ ପାତ୍ରରେ ଖେଳେଇ କରି ରଖିବେ । ଏହାପରେ ଏକ ବଡ଼ ପାତ୍ରରେ ୩ କପ୍ ପାଣରି ନେଇ ସିରା ପ୍ରସ୍ତୁତ କରିବେ । ସିରା ବହଳିଆ ହେବା ଆଗରୁ ହିଁ ପାଣିକଖାରୁ ଟୁକୁରାଗୁଡ଼ିକୁ ସେଥିରେ ପକାଇ ଦେବେ । ଆଞ୍ଚ ବଢ଼ାଇ ଚିନି ସିରାରେ ସେଗୁଡ଼ିକୁ ଫୁଟିବା ପାଇଁ ଛାଡ଼ିଦେବେ । ଦେଖିବେ ଚିନି ସିରା ପୂରା ବହଳିଆ ହୋଇଛି କି ନାହିଁ । ଆଙ୍ଗୁଳି ଟିପରେ ଟିକେ ନେଇ ଦେଖିଲେ ବୁଝିପାରିବେ ଗାଢ଼ ହୋଇଛି କି ନାହିଁ । ସିରା ଗାଢ଼ ହୋଇଗଲେ ଆଞ୍ଚ ବନ୍ଦ କରି ଥଣ୍ଡା କରିବା ପାଇଁ ଛାଡ଼ିଦେବେ । ୧୨ରୁ ୧୪ ଘଣ୍ଟା ପରେ ଦେଖିବେ ସିରା ଆହୁରି ଶୁଖିଯାଇଥିବ । ଏହା ପରେ ଏକ ଚାଲୁଣି ଉପରେ ସିରାରୁ ପାଣିକଖାରୁ ଟୁକୁରାଗୁଡ଼ିକ ନେଇ ରଖିଦେବେ । ଚାଲୁଣି ତଳେ ଆଉ ଏକ ପାତ୍ର ରଖିଥିବେ ଯେମିତି ଅତିରିକ୍ତ ସିରା ତଳେ ନପଡ଼ି ସେହି ପାତ୍ରରେ ପଡ଼ିବ । ଏହାପରେ ଟୁକୁରାଗୁଡ଼ିକୁ ପଙ୍ଖା ତଳେ ୩ ଘଣ୍ଟା ଶୁଖାଇ ଦିଅନ୍ତୁ । ୩ ଘଣ୍ଟା ପରେ ଦେଖିବେ ସେଗୁଡ଼ିକ ପୂରା ଶୁଖିଯାଇଥିବ । ଜାଣିବେ କି ଆପଣଙ୍କ ପେଠା ପୂରା ପ୍ରସ୍ତୁତ । ଏଥର ଏକ ଏୟାର ଟାଇଟ୍ କଣ୍ଟେନର୍ ଆଣି ସେଥିରେ ପେଠାଗୁଡ଼ିକୁ ରଖିଦେବେ । ଏହା ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଭଲ ରହିଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# କଠିନ ଭବିଷ୍ୟତ...

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ରୂପେ ଶରତ ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି । ବେଶ୍ କିଛି ଦିନ ଧରି କାହାକୁ ପିସିସି ସଭାପତି କରାଯିବ, ତାହା ନେଇ କଳ୍ପନାଜଳ୍ପନା ଲାଗି ରହିଥିଲା । ସେହି କଳ୍ପନାର ଏବେ ଅନ୍ତ ଘଟିଛି । କଂଗ୍ରେସ ହାଇକମାଣ୍ଡଙ୍କ ଦ୍ୱାରା ତାଙ୍କ ନିଯୁକ୍ତି ପାଇଁ ଉଭୟ ସୋନିଆ ଓ ରାହୁଲ ଗାନ୍ଧିଙ୍କ ପ୍ରତି ଶରତ ପଟ୍ଟନାୟକ କୃତଜ୍ଞତା ପ୍ରକାଶ କରିଛନ୍ତି । ତତ୍ ସହିତ ପ୍ରକାଶ କରିଛନ୍ତି କି, ସମସ୍ତଙ୍କୁ ସାଥିରେ ନେଇ କଂଗ୍ରେସକୁ ଦୃଢ଼ କରି ଗଢ଼ିବା ତାଙ୍କର ଲକ୍ଷ୍ୟ ହେବ । କେବଳ ସେତିକି ନୁହେଁ, ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଦଳକୁ ଶକ୍ତିଶାଳୀ କରିବା ସକାଶେ ସେ କାର୍ଯ୍ୟ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି । ଜଣେ ଦଳୀୟ ବିଧାୟକଙ୍କୁ ସଭାପତି କରାଯିବା ନେଇ ଏକ ଦାବି ଉଠୁଥିଲା । ସବୁ ଦିଗରୁ ବିଚାର ଆଲୋଚନା ପରେ ହାଇକମାଣ୍ଡ ଶରତଙ୍କୁ ନିଯୁକ୍ତି ଦେବାଦ୍ୱାରା ଦଳୀୟ ମହଲ ଶାନ୍ତି ହୋଇଛନ୍ତି । କଂଗ୍ରେସ ବିଧାୟକଙ୍କ ସଂଖ୍ୟା ଏମିତିରେ ସୀମିତ, ସେମିତି ସୀମିତ ଦଳର ସମର୍ଥନ-ଭିତ୍ତି ମଧ୍ୟ । କିଭଳି ତାହାକୁ ବିସ୍ତାର ଦେବେ, ତାଙ୍କର କିଭଳି ସାଂଗଠନିକ ରୋଡ୍ ମ୍ୟାପ୍ ରହିଛି, ତାହା ଦଳୀୟ ସମର୍ଥକମାନଙ୍କର ଅପେକ୍ଷା ରହିବ । ଶରତ ପଟ୍ଟନାୟକ ଜଣେ ଅନୁଭବୀ ନେତା, ସେ ପୂର୍ବଦିନରେ ଦଳର ମଙ୍ଗ ସମ୍ଭାଳିଛନ୍ତି । ତାଙ୍କର ପୂର୍ବ ଅଭିଜ୍ଞତାକୁ କିଭଳି କାର୍ଯ୍ୟରେ ଲଗାଇବେ ଏବଂ ଓଡ଼ିଶାରେ କଂଗ୍ରେସ ପୂର୍ବ ପରମ୍ପରା ଫେରାଇ ଆଣିବେ, ତାହା ଦେଖିବ ଦଳୀୟ କର୍ମୀମାନେ । କିଛି ବର୍ଷ ହେଲା ଶରତ ଦଳର ମୁଖ୍ୟସ୍ରୋତରେ ନଥିଲେ, ତାହା ଦଳୀୟ ନେତୃତ୍ୱ ଓ କର୍ମୀ ମହଲରେ ଆଶଙ୍କା ଜନ୍ମାଇ ଥାଇପାରେ ଯେ, ଦଳକୁ ଆଗକୁ ବଢ଼ାଇନେବାରେ ସେ କିଭଳି ଦକ୍ଷତା ପ୍ରଦର୍ଶନ କରିପାରିବେ । ମିଶନ-୨୦୨୪ ତାଙ୍କ ନିକଟରେ ରହିବ ବଡ଼ ଆହ୍ୱାନ । ଯେଭଳି ସର୍ବଭାରତୀୟ ସ୍ତରରେ କଂଗ୍ରେସ ପାଇଁ ଜୀବନ-ମରଣର ପ୍ରଶ୍ନ ରହିଥିବା ସମୟରେ କିଭଳି ନୂତନ ସଭାପତି ଆଗାମୀ ଆହ୍ୱାନର ମୁକାବିଲା କରିବାକୁ ଯାଉଛନ୍ତି, ତାହା ଦଳୀୟ ମହଲକୁ ଉତ୍ସୁକ କରି ରଖିବ । ଜାତୀୟ ନେତୃତ୍ୱ କିଛି ସଫଳତା ପାଇବା ଭିତରେ ସାମୂହିକ ଭାବରେ ଦେଖିଲେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ରାଜନୈତିକ ମାନଚିତ୍ରରେ ଦଳକୁ ଏଭଳି ସ୍ଥିତିରେ କଂଗ୍ରେସ ପୂର୍ବ ଭଳି ଅଗ୍ରଣୀ ଭୂମିକାରେ ନାହିଁ । ମହାରାଷ୍ଟ୍ର, ଝାଡ଼ଖଣ୍ଡ, ତାମିଲନାଡୁ ଭଳି ରାଜ୍ୟରେ ଅନ୍ୟ ଉପରେ ନିର୍ଭର ରଖି ଶାସନ କରୁଛି । ଏମିତିରେ ଛତିଶଗଡ଼, ରାଜସ୍ଥାନ ଭଳି କେତେକ ରାଜ୍ୟରେ ଶାସନ କରୁଛି । ସେହି ସ୍ଥିତିରେ ଦେଖାଯାଉଛି ଯେ, ରାଜ୍ୟ ରାଜନୀତିରେ ବିଜେପିକୁ କେତେବେଳେ ଦଳ ବାଟ ଛାଡ଼ିଦେଇଛି ତ' ଆଉ କେତେବେଳେ ଆଗ-ପଛ ହୋଇ ରହୁଛି । କିନ୍ତୁ ଓଡ଼ିଶାରେ ବିଜୁ ଜନତା ଦଳର ପାଞ୍ଚ-ପାଞ୍ଚ ଥର ସଫଳ ପ୍ରଦର୍ଶନ ଦେଖିଲେ ଆଗାମୀ ଦିନରେ କଂଗ୍ରେସର ସ୍ଥିତି କେଉଁଠି, ତାହାକୁ ଶରତ ବାବୁ କିଭଳି ଦେଖିବେ, ତାହା ବଡ଼ ପ୍ରଶ୍ନ ହୋଇ ରହିବ । ଅନ୍ୟ ରାଜ୍ୟମାନଙ୍କ ଭଳି ଓଡ଼ିଶାରେ କଂଗ୍ରେସ ବହୁଧା ବିଭାଜିତ । ଜଣେ ନେତା ଆଉ ନେତାଙ୍କୁ ଭଲ ନଜରରେ ଦେଖିବା କ୍ୱଚିତ୍ ଦେଖାଯାଏ । ସାମାଜିକ ଗଣମାଧ୍ୟମରେ ଓଡ଼ିଶା କଂଗ୍ରେସ ନେତାମାନେ ଏତେ ବେଶୀ ସକ୍ରିୟ କୁହାଯାଇନପାରେ । ପାରସ୍ପରିକ ଖୁମ୍ପାଖୁମ୍ପି ନେତା ଓ କର୍ମୀମାନଙ୍କ ପାଇଁ ମାମୁଲି କଥା କୁହାଯାଇଛି । ତାହାରି ଭିତରେ ଦଳ ଯେଉଁ ପ୍ରକାର ଦୁଃସ୍ଥିତି ଦେଇ ଗତି କରୁଛି, ସେଥିରୁ ବାହାରି ଦଳର ମୁଖିଆ ସଂଗଠନକୁ ସଜାଡ଼ି ପାରିବେ ତାହା ମସ୍ତବଡ଼ ପ୍ରଶ୍ନ । ପିସିସିର ସଭାପତିଙ୍କ ଆଗରେ ବ୍ରଜରାଜନଗର ଉପନିର୍ବାଚନ ମୁଖ୍ୟ ଆହ୍ୱାନ ହେବ । ବିଜେଡିର ବିଧାୟକ କିଶୋର ମହାନ୍ତିଙ୍କ ଅବର୍ତ୍ତମାନରେ ପ୍ରାର୍ଥୀ ହୋଇଛନ୍ତି ତାଙ୍କର ପତ୍ନୀ ଅଳକା ମହାନ୍ତି । ସେଠାରେ କଂଗ୍ରେସ ପ୍ରାର୍ଥୀ ଅଛନ୍ତି ପୂର୍ବତନ ବାଚସ୍ପତି କିଶୋର ପଟେଲ । ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ବିଜେପିର ପ୍ରାର୍ଥୀ ଅଛନ୍ତି । ମଇଦାନରେ ଲଢ଼େଇ ଯେମିତି ଚାଲିଛି କଂଗ୍ରେସ ନେତା ଶରତ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କେତେ ସମର୍ଥନ ଯୋଗାଡ଼ କରିପାରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିବ । ଶରତଙ୍କ ସମେତ ଅନ୍ୟ ନେତାମାନେ ଏବେ ବ୍ରଜରାଜନଗରରେ ଡେରା ପକାଇଛନ୍ତି । ଦ୍ୱାର ଦ୍ୱାର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି । ହଠାତ୍ ତାଙ୍କ ନିଯୁକ୍ତି ସମ୍ପର୍କିତ ଖବର ପ୍ରଚାରିତ ହେବା ବେଳକୁ ଶରତ ଥିଲେ ବ୍ରଜରାଜନଗରରେ । ଦଳୀୟ ପ୍ରାର୍ଥୀଙ୍କ ବିଜୟ କିମ୍ବା ପରାଜୟ ବାଦ୍ ଦଳକୁ ୨୦୨୪ ପାଇଁ ସୁପ୍ରସ୍ତୁତ କରି ରଖିବା ପ୍ରମୁଖ ଆହ୍ୱାନ ହେବ । ଓଡ଼ିଶାରେ ପିସିସି ଅଧକ୍ଷ ଚୟନ ପରେ ପରେ ନେତାମାନଙ୍କ ଦିଲ୍ଲୀ ଦୌଡ଼ ଏବେଯାଏଁ ଖୋଇ ହୋଇଥିଲା । ୨୦୨୪ ନିର୍ବାଚନ ପାଇଁ ଦଳକୁ ସଜାଡ଼ିବା ଲାଗି ଖୁବ୍ କମ୍ ସମୟ ରହିଛି । ନିଜ ଦଳର ସ୍ଥିତି ସ୍ୱାର୍ଥରେ କଂଗ୍ରେସ ସଂଗଠନକୁ ସଜାଡ଼ିବା ଲକ୍ଷ୍ୟରେ ହାଇକମାଣ୍ଡ ଯେଉଁ ଭରସା ରଖିଛନ୍ତି, ସେଥିପାଇଁ ଶରତ ବାବୁଙ୍କୁ ପାତ୍ରତା ପ୍ରମାଣ କରିବାକୁ ହେବ । ପୂର୍ବ ଅଭିଜ୍ଞତାକୁ ପୁଞ୍ଜି କରି ପ୍ରବୀଣ ଓ ନବୀନମାନଙ୍କୁ ସାଥିରେ ଧରି ଆଗେଇବାର ସଂକଳ୍ପ ନେଇଥିବା ଶରତ ବାବୁଙ୍କ ଭଳି ନେତାଙ୍କ ପାଇଁ ସମସ୍ୟା ହେବନାହିଁ ।

# ଧର୍ମଗ୍ରନ୍ଥ ନୁହେଁ ନିଷ୍କାମ କର୍ମଯୋଗର ଗ୍ରନ୍ଥ- ଗୀତା



ଗୋପାଳ ମହାପାତ୍ର

ତୁଳନା ସମକକ୍ଷଙ୍କ ମଧ୍ୟରେ ହୋଇଥାଏ । ଗୀତା, ବାଇବେଲ ଏବଂ କୋରାନ ସବୁ ସମାନ ବା ସମକକ୍ଷ ନୁହେଁ । କିନ୍ତୁ କର୍ଣ୍ଣାଟକରେ ଗୀତା (ଶ୍ରୀମଦ୍ ଭଗବତ୍ ଗୀତା) ଏବଂ ବାଇବେଲ୍‌ର ତୁଳନା କରାଯିବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କର୍ଣ୍ଣାଟକର ଏକ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରମାନଙ୍କ ଅଭିଭାବକମାନଙ୍କୁ ଏଇ କିଛିଦିନ ତଳେ ପରାମର୍ଶ ଦେଇ କହିଥିଲେ ଯେ ପିଲାମାନେ (ଛାତ୍ରଛାତ୍ରୀ) ବିଦ୍ୟାଳୟର ସବୁ ଅବସରରେ ଉପସ୍ଥିତ ରହିବେ ଓ ବାଇବେଲ୍ ରଖିବେ । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଭଳି ପରାମର୍ଶକୁ ହିନ୍ଦୁ ଜନଜାଗୃତି ମଞ୍ଚ ବିରୋଧ କରିଥିଲା । ଯେହେତୁ ବିଦ୍ୟାଳୟଟି ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ଦ୍ୱାରା ପରିଚାଳିତ ସେ ହେତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ପରାମର୍ଶ ଦେଇଥିଲେ । କିନ୍ତୁ ବିରୋଧ ପରେ ଆର୍କବିଶପ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ପ୍ରତ୍ୟାହାର କରି ନେଇଥିଲେ । କର୍ଣ୍ଣାଟକର ଶିକ୍ଷାମନ୍ତ୍ରୀ ଏ ଘଟଣାରେ ହସ୍ତକ୍ଷେପ କରିଥିଲେ ଓ କହିଥିଲେ ଯେ ଧାର୍ମିକ ପାଠ ପିଲାମାନଙ୍କ ପାଠ୍ୟକ୍ରମରେ ସାମିଲ ହୋଇପାରିବ ନାହିଁ । କର୍ଣ୍ଣାଟକର ଶିକ୍ଷାମନ୍ତ୍ରୀ ବିସି ନାଗେଶଙ୍କୁ ଗୀତା ବାବଦରେ ପଚରା ଯାଇଥିଲା । ନାଗେଶ ଉତ୍ତରରେ କହିଥିଲେ ଯେ 'ଗୀତା ସାମାଜିକ ମୂଲ୍ୟ ଓ ଉତ୍ତମ ଜୀବନ ଯାପନର ସନ୍ଦେଶ ଦେଇଥାଏ । ଗୀତା ଧାର୍ମିକ କର୍ମକାଣ୍ଡ ନୁହେଁ, କିନ୍ତୁ ବାଇବେଲ୍‌ରେ କୁହାଯାଇଛି ଯେ ଖ୍ରୀଷ୍ଟିଆନ ହେଲେ ବାଇବେଲ୍ ଉପରେ ବିଶ୍ୱାସ ରଖିବା ଜରୁରୀ । ଗୀତାରେ ଏଭଳି କିଛି ଉଲ୍ଲେଖ ନାହିଁ ।' ଗୀତା କୌଣସି ନିର୍ଦ୍ଦେଶ ଦେଇନଥାଏ । ଗୀତାରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି 'ମୁଁ ସବୁ ରହସ୍ୟ ସମ୍ପର୍କରେ ଜ୍ଞାନ ଦେଇଛି, ଏହା ଉପରେ ବିଚାର କର ଏବଂ ଯାହା ଭଲ ତାହା କର', ଗୀତାରେ କୌଣସି ନିର୍ଦ୍ଦେଶ ନାହିଁ ପୁରାପୁରି କର୍ମ ସ୍ୱତନ୍ତ୍ରତା କଥା କୁହାଯାଇଛି । ଧର୍ମ, ସଂପ୍ରଦାୟ ଓ ପନ୍ଥ ସବୁ ଏକା ନୁହେଁ । ଏ ସବୁ ହେଉଛି ବିଶ୍ୱାସ । ସବୁର ଜଣେ ଜଣେ ଦେବଦୂତ ଅଛନ୍ତି।

ସବୁ ଧର୍ମ, ସଂପ୍ରଦାୟର ଗୋଟିଏ ଗୋଟିଏ ପବିତ୍ର ଗ୍ରନ୍ଥ ରହିଛି । ସେ ସବୁ ଗ୍ରନ୍ଥର କଥନ ମାନିବା ଅନିର୍ବାର୍ଯ୍ୟ। ନ ମାନିଲେ ଦଣ୍ଡର ବ୍ୟବସ୍ଥା ମଧ୍ୟ ରହିଛି, ଧର୍ମଗ୍ରନ୍ଥର ମାନ୍ୟତା ଉପରେ ତର୍କ ହୋଇନଥାଏ । ଧର୍ମ ଭାରତୀୟ ଜୀବନଶୈଳୀର ଆଚାର ସଂହିତା ଅଟେ । ଧର୍ମର ନା ଗୋଟିଏ ଆସ୍ଥା ଗ୍ରନ୍ଥ ରହିଛି ବା ଜଣେ ଦେବଦୂତ । ଏହାର ସତତ ବିକାଶ ଘଟିଛି । ବୈଦିକ କାଳରେ ପୂର୍ବଜମାନେ ପ୍ରକୃତିର ଶକ୍ତିରେ ନିୟମବଦ୍ଧତା ଦେଖିଥିଲେ, ଜଳପ୍ରବାହ ଉପରୁ ତଳକୁ ପ୍ରବାହମାନ ଏବଂ ଅଗ୍ନି ତଳୁ ଉପରକୁ । ଋତୁଚକ୍ର ଏବଂ ମେଘ ନିୟମବଦ୍ଧ । ପୂର୍ବଜମାନେ ପ୍ରକୃତିର ଏହି ପରିବର୍ତ୍ତନକୁ ଋତୁ ଭାବେ ନାମିତ କରିଥିଲେ । ଋଗ୍‌ବେଦରେ ବରୁଣଙ୍କୁ ଧର୍ମ ଓ ଅନୁଶାସନର ଦେବତା ଭାବେ ବର୍ଣ୍ଣନା କରାଯାଇଛି । ପୃଥିବୀ ଓ ଆକାଶ ବରୁଣଙ୍କ ନିୟମକୁ ଧାରଣ କରିଛନ୍ତି। ପ୍ରାକୃତିକ ନିୟମ ଧାରଣ କରିବା ହିଁ ଧର୍ମ । ବୈଦିକ ଶାସ୍ତ୍ରରେ ଋତ ଏବଂ ଧର୍ମ ପର୍ଯ୍ୟାୟବାଚୀ ଅଟେ । ପ୍ରକୃତିର ସବୁ ଶକ୍ତିମାନେ ଋତୁର ପାଳନ କରିଥାନ୍ତି । ମନୁଷ୍ୟର ଆଚରଣ ମଧ୍ୟ ନିୟମବଦ୍ଧ ହେବା ଉଚିତ । ଋତୁ ହେଉଛି ସତ୍ୟ । ସତ୍ୟର ଅନୁସରଣ ହିଁ ଧର୍ମ । କାଳକ୍ରମେ ଧର୍ମ ସହ ଅନେକ କଥା ଯୋଡ଼ାଯାଇଛି, ଧର୍ମ ଜଡ଼ ନୁହେଁ ଏହା କେବଳ ଗତିଶୀଳ ଆଚାର ସଂହିତା ।

ଧର୍ମରେ ଆସ୍ଥା ଏବଂ ବିଶ୍ୱାସରେ ମଧ୍ୟ ଆଲୋଚନାର ପରମ୍ପରା ରହିଛି । ପରମ୍ପରା ବୈଦିକ ଋଷିମାନେ ହିଁ ସୃଷ୍ଟି କରିଛନ୍ତି । ଉତ୍ତର ବୈଦିକ କାଳରେ ଏଥିରେ ନୂଆ ପରମ୍ପରା ଯୋଡ଼ି ହୋଇଯାଇଛି । ଆସ୍ଥା ଏବଂ ଧର୍ମରେ ଆଲୋଚନା, ବିଚାର ଜାରି ରହିଛି । ଗୀତା ଆସ୍ଥା ଏବଂ ବିଶ୍ୱାସରେ ଆଲୋଚନା ଓ କଥୋପକଥନର ଗ୍ରନ୍ଥ ଅଟେ । ଗୀତାର ୪ର୍ଥ ଅଧ୍ୟାୟରେ ପ୍ରାଚୀର ଜ୍ଞାନ ପରମ୍ପରା କଥା ରହିଛି । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ 'ପ୍ରାଚୀନ କାଳରେ ମୁଁ ଏହି ଜ୍ଞାନ ସୂର୍ଯ୍ୟଙ୍କୁ ଦେଇଥିଲି, କିନ୍ତୁ କାଳକ୍ରମେ ଏହି ଜ୍ଞାନ ନଷ୍ଟ ହୋଇଯାଇଛି ।' ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଯେତେବେଳେ ଧର୍ମର ପରାଭବ ହୋଇଥାଏ ଓ ଅବ୍ୟବସ୍ଥା ଦେଖା ଦେଇଥାଏ ସେତେବେଳେ ଧର୍ମର ସ୍ଥାପନା ପାଇଁ ସେ ଆବିର୍ଭୂତ ହୋଇଥାନ୍ତି । ଗୀତାରେ ଜ୍ଞାନଯୋଗ ରହିଛି ଓ କର୍ମଯୋଗ ରହିଛି । ସଂସାରକୁ ସୁନ୍ଦର କରିବାପାଇଁ ଅଭିଳାଷ ମଧ୍ୟ ରହିଛି । ମହାଭାରତ ଯୁଦ୍ଧରେ ପରିଜନମାନଙ୍କୁ ଦେଖି ଅର୍ଜୁନ ଦୁଃଖିତ ହୋଇଯାଇଥିଲେ ଏବଂ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବାପାଇଁ ଚାହୁଁଥିଲେ । କୃଷ୍ଣ ଅର୍ଜୁନଙ୍କୁ ଉପଦେଶ ଦେଇଥିଲେ । ଗୀତାରେ ଅର୍ଜୁନ କୃଷ୍ଣଙ୍କୁ ପ୍ରଶ୍ନ କରିଛନ୍ତି । ଜୀବନର ସମସ୍ୟାର ସମାଧାନ ରହିଛି ଗୀତାରେ । ମାର୍କ୍ସବାଦୀ ଡିଡି କୋସାମ୍ବି ଲେଖିଛନ୍ତି ଯେ 'କଣ କୌଣସି ସଂସ୍କୃତ କୃତି ନଥିଲେ । ଯେଉଁଥିରେ ଭାରତୀୟ ଚରିତ୍ରକୁ ସେହିଭଳି ଚିତ୍ରଣ କରାଯାଇଥିଲା ଯେମିତି ଡନ କ୍ରିଷ୍ଟୋଙ୍କ ଚରିତ୍ର ସ୍ପେନ ବିଦ୍ୱାନମାନଙ୍କୁ ପ୍ରଭାବିତ କରିଥିଲା । ଗୋଟିଏ ପୁସ୍ତକ ଅତି ଉଚ୍ଚକୋଟୀର, ତାହା ହେଉଛି ଗୀତା।' ବଙ୍ଗଳାରେ ଗୀତାର ଅନୁବାଦ କରାଯାଇଥିଲା । ଚାର୍ଲ୍ସ ୱିଲକିସ ଏହା ଅନୁବାଦ କରିଲେ । ସେତେବେଳର ଗଭର୍ଣ୍ଣର ଜେନେରାଲ ୱାରେନ ହେଷ୍ଟିଙ୍ଗ୍‌ସ ଏହାର ପ୍ରଶଂସା କରିଥିଲେ । ଜର୍ମାନ ଭାଷ୍ୟକାର ଜେଡବ୍ଲ୍ୟୁ ହୋବର ଲେଖିଛନ୍ତି ଯେ ଗୀତା ସବୁ କାଳରେ ସମସ୍ତ ପ୍ରକାରର ସାର୍ବଜନୀକ ଜୀବନ ପାଇଁ ପ୍ରାମାଣିକ ଅଟେ ।

ହିନ୍ଦୁମାନଙ୍କର କୋରାନ ବା ବାଇବେଲ୍ ଭଳି ଗୋଟିଏ ଧର୍ମଗ୍ରନ୍ଥ ନାହିଁ । ଡଃ ଆମ୍ବେଦକର ଏ ପ୍ରସଙ୍ଗରେ ମଧ୍ୟ ଟିପ୍ପଣୀ ଦେଇଛନ୍ତି । ଗୀତାରେ ପ୍ରଶ୍ନ-ପ୍ରତିପ୍ରଶ୍ନ ରହିଛି, ତର୍କ-ପ୍ରତିତର୍କ ରହିଛି । ଗୀତାର ତତ୍ତ୍ୱ ଜ୍ଞାନ କର୍ତ୍ତବ୍ୟ ପାଳନ ପାଇଁ ଉଦ୍ଦିଷ୍ଟ । ଉପନିଷଦ ଗୀତାଠାରୁ ବହୁ ପ୍ରାଚୀନ । ସେଥିରେ ମଧ୍ୟ ତତ୍ତ୍ୱଦର୍ଶନ ରହିଛି । କଠୋପନିଷଦରେ ଯମ ନଚିକେତାକୁ କହୁଛନ୍ତି- ଉତିଷ୍ଠତ୍ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଉଠ ଜାଗ୍ରତ ହୁଅ, ବରିଷ୍ଠମାନଙ୍କଠାରୁ ସାନ୍ତ୍ୱନା ପାଅ । ଗୀତାରେ କୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କଠୋପନିଷଦର ଭାଷାରେ ଉତିଷ୍ଠ ଅର୍ଥାତ ଉଠ ବୋଲି କହିଛନ୍ତି । କିନ୍ତୁ ଉଭୟ ଉତିଷ୍ଠ ଭିନ୍ନଭିନ୍ନ । ଶ୍ରୀକୃଷ୍ଣ ତତ୍ତ୍ୱ ଜ୍ଞାନ ଦେବାପରେ ଉତିଷ୍ଠ ଯଶୋ ଲଭସ୍ୱ ଅର୍ଥାତ ଉଠ ଏବଂ ଯଶଲାଭ ରକ ଏବଂ ରାଜ୍ୟ ଭୋଗ କର ବୋଲି କହିଛନ୍ତି । ଗୀତାର ତତ୍ତ୍ୱ ଜ୍ଞାନର ଉପଯୋଗ ଲୋକ କଲ୍ୟାଣକାରୀ ଅଟେ ।

ସାଧାରଣତଃ ଲୋକେ ହିନ୍ଦୁ, ଇସଲାମ ଏବଂ ଖ୍ରୀଷ୍ଟିଆନକୁ ଧର୍ମ ବୋଲି କହିଥାନ୍ତି । ଖ୍ରୀଷ୍ଟିଆନ ଏବଂ ଇସଲାମ ଧର୍ମ ନୁହେଁ । ଧର୍ମ ଗୋଟିଏ ଓ ସ୍ୱୟଂପୂର୍ଣ୍ଣ ଅଟେ । ଏହା ପ୍ରାକୃତିକ ଏବଂ ସତତ ବିକାଶଶୀଳ ଏପରିକି ଅନ୍ଧବିଶ୍ୱାସଠାରୁ ମୁକ୍ତ । ଗାନ୍ଧୀ ପରିପୂର୍ଣ୍ଣ ଧାର୍ମିକ ଥିଲେ । ସେ ଧାର୍ମିକ ଆଦର୍ଶ ଅନୁରୂପ 'ଈଶ୍ୱର ଆଲ୍ଲା ତେରୋ ନାମ' କହିଥିଲେ କିନ୍ତୁ ଇସଲାମରେ ଆଲ୍ଲାଙ୍କ ବ୍ୟତୀତ କାହାରିକୁ ଈଶ୍ୱର ବୋଲି ମାନନ୍ତି ନାହିଁ । ଗାନ୍ଧୀଙ୍କ କଥାକୁ ଇସଲାମ ସମୁଦାୟ ମାନି ପାରିନାହାନ୍ତି । ଭାରତୀୟ ରାଜନୀତିରେ ସବୁ ଧର୍ମ ସମାନ ବୋଲି କୁହାଯାଏ କିନ୍ତୁ ବାସ୍ତବିକ ତାହା ନୁହେଁ । ଧର୍ମ ଗୋଟିଏ ବା ଏକ ଏହା ଅନ୍ୟ ପନ୍ଥ ସହ ତୁଳନୀୟ ନୁହେଁ । ଗୀତା ନିଷ୍କାମ କର୍ମ ଯୋଗର ଗ୍ରନ୍ଥ । ଗୀତାରେ ଋଗ୍‌ବେଦର ବିରାଟ ପୁରୁଷଙ୍କ ବିଶ୍ୱରୂପ ରହିଛି । ଏଥିରେ ସମସ୍ତଙ୍କ ପାଇଁ ଉପଯୋଗୀ ବିଷୟର ବିବେଚନା ରହିଛି । ଜ୍ଞାନ ଏବଂ ବୁଦ୍ଧିର ପ୍ରତିଷ୍ଠା ରହିଛି । ଆହାରର ଗୁଣଧର୍ମର ଅର୍ଥପୂର୍ଣ୍ଣ ଚର୍ଚ୍ଚା ମଧ୍ୟ ରହିଛି ।

ଗୀତା ଅନୁସାରେ ସବୁ କର୍ମ ଯଜ୍ଞ ଅଟେ । ଜୀବନରେ ଶ୍ରଦ୍ଧାର ମହତ୍ତ୍ୱ ରହିଛି । ଏଥିରେ ଅବସାଦ ନଥାଏ । ଗୀତାରେ ସ୍ୱଧ୍ୟାୟ ମହାନ ତପ ବୋଲି କୁହାଯାଇଛି । ଗୀତାରେ ବୈଜ୍ଞାନିକ ତତ୍ତ୍ୱ ରହିଛି । ସାର-ଅସାର ଏବଂ ସଂସାରକୁ ବୁଝିପାରିବା ଭଳି ବୁଦ୍ଧି ରହିଛି । ବେଦାନ୍ତ ଏବଂ ବ୍ୟବସ୍ଥିତ ଯୋଗ ଦର୍ଶନ ରହିଛି । ପ୍ରେମ ପରିପୂର୍ଣ୍ଣ ଭକ୍ତି ରହିଛି । ଭୌତିକବାଦର କଥା ରହିଛି ଓ କର୍ମସିଦ୍ଧିର ସୂତ୍ର ରହିଛି । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କର୍ମସିଦ୍ଧିର ୫ଟି କାରଣ ଅଧିଷ୍ଠାନ, କର୍ତ୍ତା, ସାଧନ, ପ୍ରୟାସ ଏବଂ ଦୈବ କଥା ବୁଝାଇଛନ୍ତି । ପଞ୍ଚମ କାରଣ ଦୈବ । ଏହି ଦୈବ ଈଶ୍ୱର ବା ବିଧାତା ନୁହେଁ, ସମସ୍ତ ବ୍ରହ୍ମାଣ୍ଡର ଶକ୍ତିର ଅନୁକୂଳତା ଏବଂ ପ୍ରତିକୂଳତା ହିଁ ଦୈବ ଅଟେ । ଗୀତାରେ ଯାହା କୁହାଯାଇଛି ତାକୁ ମାନିବାକୁ କୌଣସି ବାଧବାଧକତା ନାହିଁ । ସବୁ ତତ୍ତ୍ୱକୁ ଜାଣିବା ଉପରେ ଗୁରୁତ୍ୱ ଦିଆଯାଇଛି । ଅନ୍ୟ ଧର୍ମର ଧର୍ମଗ୍ରନ୍ଥରେ ଧର୍ମକୁ ବିଶ୍ୱାସ କରିବାକୁ କୁହାଇଛି ଓ ଅବିଶ୍ୱାସ କଲେ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି । ଗୀତାରେ ସେମିତି କିଛି ନାହିଁ । ଏଣୁ ଅନ୍ୟ ଧର୍ମଗ୍ରନ୍ଥକୁ ଗୀତା ସହ ତୁଳନା କରାଯାଇନପାରେ । ସର୍ବୋପରି ଗୀତା ଧାର୍ମିକ କର୍ମକାଣ୍ଡ ବା ଗ୍ରନ୍ଥ ନୁହେଁ ।

♥ରାମଚନ୍ଦ୍ରପୁର
ରଣପୁର
ମୋ-୯୪୩୮୪୮୫୦୯୪

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ-



ବିଶ୍ୱବିଜୟୀ ଦାଶ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

୧୯୧୩ ମସିହାରେ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ରାଜ୍ୟାଭିଷେକ ପରେ ସେ ପାଞ୍ଚୋଟି କାର୍ଯ୍ୟ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ଓ ପରବର୍ତ୍ତୀ ଜୀବନରେ ଏହି ସର୍ତ୍ତ ଗୁଡ଼ିକ ପାଳନ କରିଥିଲେ।

ବ୍ରିଟିଶ ପର୍ଲ୍ୟାମେଣ୍ଟରେ ୧୯୩୫ ମସିହା ଭାରତ ଆଇନ ସଂଶୋଧନ ହୋଇ ସମଗ୍ର ଭାରତୀୟ ଉପମହାଦେଶକୁ ୧୧ଟି ପ୍ରଦେଶରେ ବିଭକ୍ତ କରାଗଲା । ପ୍ରତି ପ୍ରଦେଶର ବିଧାନ ସଭା ପାଇଁ ନିର୍ବାଚନ ହେଲା । ଓଡ଼ିଶା ବିଧାନ ସଭାରେ ୬୦ଟି ଆସନରୁ ୩୬ଟି ଆସନ କଂଗ୍ରେସ ଦଳ ହାତରେ ଥିବା ସ୍ଥଳେ କୃଷ୍ଣଚନ୍ଦ୍ରଙ୍କ ଦେଇ ଗଠିତ ଓଡ଼ିଶା ଜାତୀୟ ଦଳ ହାତରେ ୨୪ଟି ଆସନ ଥିଲା । ତେଣୁ ସଂଖ୍ୟା ଗରିଷ୍ଠ କଂଗ୍ରେସ ଦଳ ମନ୍ତ୍ରିମଣ୍ଡଳ ଗଠନ କରିବା କଥା ମାତ୍ର ତତ୍କାଳିନ ରାଜ୍ୟପାଳମାନଙ୍କ ସ୍ୱତନ୍ତ୍ର କ୍ଷମତାକୁ ବିରୋଧ କରି କୌଣସି ରାଜ୍ୟରେ କଂଗ୍ରେସ ଦଳ କୌଣସି ରାଜ୍ୟରେ ଶାସନ ଦାୟିତ୍ୱ ନେଲେ ନାହିଁ । ତେଣୁ ଓଡ଼ିଶାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାର ଶିକ୍ଷାମନ୍ତ୍ରୀ ଭାବେ ରହିଲେ ବାଣପୁର ମାଟିର ଗୌରବ ପଣ୍ଡିତ ଗୋଦାବରୀଶ ମିଶ୍ର। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଠିକ ବର୍ଷକ ପରେ ଅର୍ଥାତ ୧୯୩୭ ମସିହା ଏପ୍ରିଲ୍ ମାସ ୧ ତାରିଖରେ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ସାର୍ ଜନ ଅଷ୍ଟିନ ହବାକ ଗଜପତି କୃଷ୍ଣଚନ୍ଦ୍ର ଦେବଙ୍କୁ ନେତା ରୂପେ ନିର୍ବାଚିତ କରି ପ୍ରଥମ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ନିମନ୍ତ୍ରଣ କଲେ । ତେଣୁ ଗୋରାଚାନ୍ଦ ପଟ୍ଟନାୟକ ଓ ଲତିଫୁର ରହମାନଙ୍କୁ ସଦସ୍ୟ ଭାବରେ ନେଇ ମନ୍ତ୍ରିମଣ୍ଡଳ ଗଠନ କରି ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ୧୯୩୭ ମସିହା ଏପ୍ରିଲ ପହିଲାରୁ ଜୁଲାଇ ମାସ ୪ଠର ତାରିଖ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ପରିଚାଳନା କଲେ ଏବଂ ପରେ ୧୯୪୧ ମସିହା ନଭେମ୍ବର ମାସ ଠାରୁ ୧୯୪୪ ମସିହା ଜୁନ ମାସ ପର୍ଯ୍ୟନ୍ତ ତୃତୀୟ ମନ୍ତ୍ରିମଣ୍ଡଳରେ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଯୋଗଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ଉଚ୍ଚଶିକ୍ଷାର ସୁବିଧା ପାଇଁ କଲେଜ ପ୍ରତିଷ୍ଠା କରିବା ସଙ୍ଗେସଙ୍ଗେ ଗରିବ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ ବ୍ୟବସ୍ଥା ମଧ୍ୟ କରିଥିଲେ । ମହାରାଜାଙ୍କ ମନ୍ତ୍ରୀତ୍ୱ ଥିବାଯାଏ ତାଙ୍କର ମାସିକ ଦରମା ଓ ଗସ୍ତଖର୍ଚ୍ଚ ସବୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦାନ କରୁଥିଲେ। ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଶବ୍ଦତତ୍ତ୍ୱବୋଧ ଅଭିଧାନ'ର ମୁଦ୍ରଣ ଖର୍ଚ୍ଚ, ଗୋପାଳକୃଷ୍ଣ ପଦ୍ୟାବଳୀର ପ୍ରକାଶନ, ଜଗବନ୍ଧୁ ସିଂହଙ୍କ 'ପ୍ରାଚୀନ ଉତ୍କଳ' ପ୍ରକାଶନ, ସିଂହଭୂମି ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରସାର ଓ ପ୍ରଚାର, 'ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ୫ମ ଖଣ୍ଡ'ର ମୁଦ୍ରଣ ଓ ବହୁ କାବ୍ୟର ପ୍ରକାଶନ ପାଇଁ ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ଯୋଗାଇ ଦେଇ ଗଜପତି ନିଜକୁ ଜଣେ ସାହିତ୍ୟାନୁରାଗୀ ଭାବରେ ପରିଚୟ ଦେଇଥିଲେ । ସେ ତତ୍କାଳୀନ ଓଡ଼ିଶାର କୃଷକମାନଙ୍କ ଉନ୍ନତି ପାଇଁ ପାରଳାଖେମୁଣ୍ଡିରେ ଆଦର୍ଶ କୃଷି ଫାର୍ମ ଓ କଟକଠାରେ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠାର ପ୍ରାରମ୍ଭିକ କାର୍ଯ୍ୟ ମଧ୍ୟ ତାଙ୍କ ସମୟରେ ଆରମ୍ଭ ହୋଇଥିଲା । ସେ ପାରଳାଖେମୁଣ୍ଡିଠାରେ ମଧ୍ୟ ଏକ ଛୋଟ ଇସ୍ପାତ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରି ତାହାକୁ ଟାଟା କମ୍ପାନୀ ସହିତ ଚୁକ୍ତି କରିଥିଲେ । ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଅବଦାନ ଅତୁଳନୀୟ । ବିଶେଷ କରି ଲଳିତକଳା, ସାହିତ୍ୟ, ସଙ୍ଗୀତ, ରାଗ ରାଗିଣୀ, ଗୋଟିପୁଅ ନାଚ ବା ଗାନ୍ଧର୍ବ ବିଦ୍ୟାରେ ମହାରାଜାଙ୍କ ଜନ୍ମସ୍ଥାନ ପାରଳାଖେମୁଣ୍ଡି ଥିଲା ଚିରପ୍ରସିଦ୍ଧ । ଯାହାକି ସହରର ଅବସ୍ଥିତି ସାହିତ୍ୟ ସଙ୍ଗୀତର ଏକ କ୍ଷୁଦ୍ର ସଂସ୍କରଣ ବୋଲି ମନେହୁଏ । ଘୁମୁସରର ରାଜା ଧନଞ୍ଜୟ ଭଞ୍ଜ ନାତି ଉପେନ୍ଦ୍ର ଭଞ୍ଜଙ୍କୁ କଥା ଛଳରେ କହିଥିଲେ -

'ଗଣିତରେ ଖଣ୍ଡପଡା  
ସଂସ୍କୃତରେ ନୟାଗଡ଼  
କ୍ଷତ୍ରିୟରେ ଘୁମୁସର  
ଧରାକୋଟ ରାଜନୀତି,  
ଗନ୍ଧର୍ବବିଦ୍ୟାରେ ପାରଳାଖେମୁଣ୍ଡି  
ମନେରଖିଥିବୁ ନାତି ।'

ମାଡ୍ରାସର ଜଷ୍ଟିସ ପାର୍ଟିର ସେ ଜଣେ ସଭ୍ୟ ଭାବରେ କାମ କରୁଥିଲେ । ଏଥି ସହିତ ରୟାଲ ଆଗ୍ରିକଲଚରାଲ କମିସନର ସଭ୍ୟ ଭାବରେ ୧୯୨୭ରୁ କାମ କରୁଥିଲେ । ୧୯୪୭ରୁ ୧୯୫୦ ଯାଏଁ ସେ ଭାରତୀୟ ସମ୍ବିଧାନ ସଭାର ସଦସ୍ୟ ଥିଲେ । ଏହା ସହିତ ସେ ରୟାଲ ସୋସାଇଟି ଅଫ ଆର୍ଟସ ଓ ରୟାଲ ଏସିଆଟିକ ସୋସାଇଟି, ଲଣ୍ଡନ ଓ ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଆଜୀବନ ସଭ୍ୟ ଭାବେ ରହିଥିଲେ। ୧୯୩୨ରେ ତାଙ୍କୁ ଓଡ଼ିଶା ସରକାର 'ମହାରାଜା' ଉପାଧିରେ ଭୂଷିତ କରିଥିଲେ । ସେହି ବର୍ଷ ବ୍ରିଟିଶ ସରକାର ତାଙ୍କୁ କେସିଆଇ ଉପାଧି ମଧ୍ୟ ଦେଇଥିଲେ।

ପରବର୍ତ୍ତୀ ସମୟରେ ୧୯୯୨ ମସିହା ଗାନ୍ଧୀ ଜୟନ୍ତୀ ଅବସରରେ ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ସମୟରେ ତାଙ୍କରି ନାମରେ ଗଜପତି ଜିଲ୍ଲା ଭାବରେ ନାମିତ ହୋଇଥିଲା । ସେ ୧୯୭୪ ମସିହା ମଇ ୨୫ ତାରିଖ ରେ ଦୁନିଆ ଛାଡ଼ି ଚାଲିଗଲେ।

ସେହି ମହାପୁରୁଷ ଓଡ଼ିଶାର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି। (ସମାପ୍ତ)

♥ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮




## ମଧୁଛନ୍ଦା



ନିରଞ୍ଜନ ପତି

ତୁମେ ଆଗୋ ପ୍ରିୟତମା  
ଆହେ ମଧୁଛନ୍ଦା  
ତୁମଠାରେ ଏ ହୃଦୟ  
ପଡ଼ିଅଛି ବନ୍ଧା।

ତୁମେ ମୋ ଜୀବ ଜୀବନ  
ତୁମେ ପ୍ରାଣଧନ,  
ତୁମଠି ସମର୍ପି ଦେଲି  
ଏଇ ତନୁମନ ।

ତୁମେ ପ୍ରୀତି ଉପବନେ  
ହେ ରଜନୀ ଗନ୍ଧା....  
ତୁମେ ଆଗୋ ପ୍ରିୟତମା....  
ତୁମ ବିନା ଏ ଜୀବନ  
ହେବ ରସଶୂନ୍ୟ,  
ତୁମକୁ ପାଇ ଜୀବନେ  
ହୋଇଗଲି ଧନ୍ୟ ।

ତୁମ ବିନା ଏ ଜୀବନ  
ଗତି ହୁଏ ମାନ୍ଦା...  
ତୁମେ ଆଗୋ ପ୍ରିୟତମା...  
ତୁମେ ଯଦି କେବେ ଅବା  
ପର କରି ଦେବ,  
ଏ ଜୀବନ ଯଉବନ  
ମରୁଭୂମି ହେବ ।

କରି ପାରିବିନି କେବେ  
ତୁମ ଗୁଣ ନିନ୍ଦା ।  
ତୁମେ ଆଗୋ ପ୍ରିୟତମା...

♥ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ-୯୯୩୮୧୩୩୫୫୯

## ବର୍ଷା



ଡଃ ମାଙ୍ଗଳିକା ମହାପାତ୍ର

ବର୍ଷାରେ ଭିଜିଲା ବେଳେ...  
ତୁମେ ଥିଲ କାହିଁ କେତେ ଦୂରେ..  
ଜାଣେନା କାହିଁକି ପ୍ରତିଟି...  
ଶ୍ରାବଣରେ ମନ ତୁମକୁ ହିଁ ଝୁରେ...

ସେଦିନ ସାଗର କୂଳରେ...  
ବସିଥିଲ ଯେବେ ମୋ ପାଖରେ...  
ହାତକୁ ଧରିଥିଲ ଅତି ସରାଗରେ...  
ଦେଇଥିଲ କଥା ରହିବନି ଦୂରରେ...

କଥା ଥିଲା ତୁମ ପାଣିର ଗାର..  
କେତେ ଶୀଘ୍ର ହେଇଗଲ ଦୂର...  
ଯଦି ଏତେ କଥା ଥିଲା ତୁମ ମନର...  
କାହିଁକି କରିଥିଲ ଗୋ ଏତେ ନିଜର...

ବିଶ୍ୱାସ ଥିଲା ମୋ ସରଳ ପଣର...  
ଥିଲ ତୁମେ ସପନର ରାଜକୁମାର...  
ସଜାଇ ଥିଲି ଯେ ଫୁଲ ସବାରୀର...  
ଯିବି ବୋଲି ସେଥିରେ ଘରକୁ ତୁମର..

ସପନ ଭାଙ୍ଗିଲା...ହୃଦୟ କାନ୍ଦିଲା...  
ହେଲେ ବି ସଦା ତୁମ ଶୁଭ ମନାସିଲା  
ଖୁସିରେ ରୁହ ବୋଲି ମନରୁ ଚାହିଁଲା  
ଆର ଜନମକୁ ଅପେକ୍ଷାରେ ରହିଲା...

♥ରେଭେନସା ବିଶ୍ୱବିଦ୍ୟାଳୟ

## ବିଶ୍ୱାସେ ମିଳଇ ହରି



ସୁଜିତ୍ କୁମାର ସେଠୀ

ବିଶ୍ୱାସେ ମିଳଇ ହରି  
ତାଙ୍କର ନାମ ଧରି,  
ଏ ରାତି ଯିବ ସରି  
ସକାଳ ଆସିବ ଫେରି।

ସକାଳ ସୁରୂଯ କୁଁଆରୀ ମୁରୁଜ  
ଦେଲା ଯେ କେତେ ନୂଆଁ ରଙ୍ଗ ବୁଣି,  
ସକାଳୁ ଉଠି ଆହାର ଖୋଜି ଯାଆନ୍ତି  
କେତେ ଯେ କାଉ କୋଇଲି ବଣି।

ପଶୁଦଳ ହୋଇ ହଳ ହଳ  
ଯାଆନ୍ତି ବଣକୁ ଚରି,  
ଚରିସାରି ବାସ କୁ ଆନନ୍ଦେ  
ଆସନ୍ତି ଫେରି।

ବିଶ୍ୱାସେ ମିଳଇ ହରି  
ବିଶ୍ୱାସେ ମିଳଇ ହରି  
ବିଶ୍ୱାସେ ମିଳଇ ହରି।

♥ତୃତୀୟ ବର୍ଷ
ସ୍ନାତକ ରାଜନୀତି ବିଜ୍ଞାନ ବିଭାଗ
ଛାତ୍ର
ବରହମପୁର ମହାବିଦ୍ୟାଳୟ,
ରାଜ- ବରହମପୁର,
ନୀଳଗିରି,ବାଲେଶ୍ୱର
ଦୂରଭାଷ-୯୮୬୧୦୬୫୯୩୮

## ଲୁହ



ରଶ୍ମୀବାଳା ଶତପଥୀ

ନିଶବ୍ଦ ନିରୋଳା  
ଜାଗାର ଅନୁସନ୍ଧାନରେ  
ଯାଏ ଭ୍ରମି ଭ୍ରମି ଏଠି ସେଠି ବହୁ ଦୂରେ  
ଯେଉଁଠି ନ ଥିବେ ଜଣେ କେହି,  
ଲୁହକୁ କରିବାକୁ ପଡ଼ିବନି ଅପେକ୍ଷା  
ଅନାୟସରେ ପାରିବ ବହି।

ଆଖି ଗଲାଣି ଥକି ଲୁହର ବୋଝ ଉଠାଇ  
ହୃଦୟ ଗଲାଣି ଥକି କୋହକୁ ସମ୍ଭାଳି  
କିଛି ବି ଦୃଶ୍ୟମାନ ହେଉନାହିଁ ସଫା,  
ଆଉ ମିଛରେ ଲାଗିଯାଏ ସିନା  
କଳଙ୍କର ପ୍ରତାରିତ ବିରହ ଦଫା ।

ହୃଦୟର ଯନ୍ତ୍ରଣା ଯେବେ ହୁଏ ଅସମ୍ଭାଳ  
ଆଖିରୁ ଅଜସ୍ର ଲୁହ ଯାଏ ବହି  
ହେଲେ ପରିସ୍ଥିତି ଚାପରେ ହୁଏ କବଳିତ,  
ହେଲେ ଏ ମନ ହୁଏ ବାର ବାର  
ଆନ୍ଦୋଳିତ  
ଏଥିପାଇଁ ଅବା କାହାକୁ  
କରିବି ଦାୟୀ ।

ବହିଯାରେ ଲୁହ ତୁ ଦେଖେନା ଆଉ  
ସ୍ଥାନ କାଳ ପାତ୍ର କି  
ହୋଇଯାଆନି ତୁ ପରିସ୍ଥିତିର ଦାସ  
ସଭିଏଁ ପଛେ ତତେ କରନ୍ତୁ ଦାୟୀ,  
ହେଲେ ମୁଁ ତତେ କେବେ ଦୋଷୀ  
ମାନିବି ନାହିଁ  
ବହିଯାରେ ଲୁହ ବହିଯା  
ଏ ଅମାନିଆ ହୃଦୟର କୋହ ଥମିଯା।

♥ଯାଜପୁର ଟାଉନ୍, ଯାଜପୁର



# ମାଉସୀ



ରତ୍ନକାନ୍ତି ମିଶ୍ର



(୧)

କଲିଂବେଲ ଶବ୍ଦ ଶୁଣି ମୁଁ ବାଲକୋନୀରୁ ତଳକୁ ଚାହିଁଲି। ଶ୍ୟାମଳ ରଙ୍ଗର ଝିଅଟିଏ। ମୋ ଉପରେ ଆଖି ତା'ର ପଡିଲାରୁ ପଚାରିଲା -'ଆପଣ ମିଶ୍ର ବାବୁ ?' ମୋଠୁ ହଁ ସୂଚନା ପାଇବା ସଙ୍ଗେ ସଙ୍ଗେ ନମସ୍କାର କରି ତାକୁ କାଳିଆ ଭାଇ ପଠାଇଛନ୍ତି ବୋଲି କହିଲା। ଦୁଇ ମହଲା ଘରର ତଳ ମହଲାରେ ଦୁଇଟି ରୁମ, ରୋଷେଇ ଘର ଆଉ ବାଥରୁମ ଥିବା ଘରକୁ ଆମେ ଭଡାରେ ଦେବାକୁ ଠିକ୍ କରିଥିଲୁ ଏବଂ ସେଇ ଅନୁସାରେ, କଲୋନୀର ମୁଣ୍ଡରେ ଥିବା ତେଜରାତି ଦୋକାନୀ କାଳିଆକୁ କେହି ଘର ଖୋଜୁଥିଲେ ଜଣାଇବାକୁ କହି ଆସିଥିଲି। ସେ ଝିଅଟି ଘର ଦେଖିବାକୁ ଆସିଛି ଜାଣି ମୁଁ ତଳକୁ ଗଲି। -' ଆଜ୍ଞା, ଆମକୁ ଏଇ ଘର ଠିକ୍ ହେବ। ଆମେ ତିନି ଜଣ ଏଇଠି ରହିବୁ। ତିନି ହଜାର ଟଙ୍କା ଆଡଭାନସ ଦେବାକୁ ମୋ ପାଖରେ ପଇସା ନାହିଁ। ଏଇ ଦୁଇ ହଜାର ଏବେ ରଖନ୍ତୁ। କାଲି ଆସି ଆଉ ହଜାର ଦେବି। ' ମୁଁ ସେତକ ପଇସା ରଖିଲି ଏବଂ ଇଲେକ୍ଟ୍ରି ବିଲ୍ ମିଟର ଅନୁସାରେ ପଡିବ ବୋଲି ଜଣାଇଲି।

ସେଦିନ ରାତିରେ ଦୋକାନୀ କାଳିଆ ଆସି ମୋତେ ଦେଖାକଲା । ଯେଉଁ ତିନି ଜଣ ଏଠାରେ ରହିବେ ସେମାନେ ହେଲେ ସେ ଝିଅଟି, ତା ବୋଉ ଆଉ ବାର ତେର ବର୍ଷର ପିଲାଟିଏ ବୋଲି ଜାଣିଲି। ଯେଉଁଠି ଆଗରୁ ରହୁଥିଲେ, ଟିକିଏ ବର୍ଷାରେ ସେ ଘରେ ପାଣି ପଶିଯାଏ । ତେଣୁ ଘର ଛାଡିବାକୁ ବାଧ ହେଉଛନ୍ତି। ଏଇ ଯେଉଁ ଝିଅ ଘର ଦେଖିବାକୁ ଆସିଥିଲା ତା ବାହାଘର ପାଇଁ ମାଉସୀ ପାତ୍ର ଯୋଗାଡ କରୁଛନ୍ତି ବୋଲି ମଧ କହିଲା। କାଳିଆଠାରୁ ସେମାନଙ୍କ ବିଷୟରେ ଆହୁରି କିଛି କଥା ମଧ ଜାଣିଲି। ତିନି ପିଲା ଛୋଟ ଥିବାବେଳେ ମାଉସୀ ଅଚାନକ ବିଧବା ହୋଇଗଲେ ଏବଂ କିଛି ଦିନ ପରେ ତାଙ୍କର ଏକମାତ୍ର ପୁଅ ରୋଗରେ ପଡି ଚାଲିଗଲା। ମାଉସୀ ବହୁ ଦୁଃଖ କଷ୍ଟ ସହି ପଇସା ସଞ୍ଚୟ କରି ବଡଝିଅଟିକୁ ବାହା କରାଇଥିଲେ। ହେଲେ ଦଇବ ସହିଲା ନାହିଁ। କୁଆଡେ ପୁଅଟିଏ ଜନ୍ମ ଦେବାର କିଛି ଦିନ ପରେ ଶାଶୁଘର ଲୋକେ ଯୌତୁକ ପାଇଁ ସେ ଝିଅଟିକୁ ମାରିଦେଲେ। ମାଲି ମକଦ୍ଦମା ପାଇଁ ବଳ କାହିଁ ? ମାଉସୀ ତାଙ୍କ ନାତିଟିକୁ ସେଇଠୁ ଆଣି ପାଖରେ ରଖିଛନ୍ତି। ଏଇ ଝିଅଟି ହିଁ ତାକୁ ପୁଅର ସ୍ନେହ ଦେଇ ପାଳିଛି। ଟେଲର ଦୋକାନରେ କାମ କରି ପଇସା ରୋଜଗାର କରୁଛି। ସେଥିପାଇଁ ସେ ଆଦୌ ବାହା ହେବ ନାହିଁ ବୋଲି ଜିଦ୍ ଧରି ବତିଶି ତେତିଶ ବର୍ଷ ହେଲାଣି। ଏବେ କୌଣସି ମତେ ରାଜି ହୋଇଛି। ମାଉସୀଙ୍କ ନଜରରେ ପାତ୍ରଟିଏ ଅଛି। କଥା ପକ୍କା ହେବା ପରେ ବାହାଘର ହେବ। କାଳିଆଠାରୁ ସବୁ ଶୁଣି ମୁଁ ବାକଶୂନ୍ୟ ହୋଇ ପଡିଲି।

ପରଦିନ ସକାଳେ ସେମାନେ ତିନି ଜଣ କିଛି ଜିନିଷ ପତ୍ର ଧରି ପହଞ୍ଚିଲେ। ପଛକୁ ପଛ କେତେ ଜଣ ପିଲା କାନ୍ଧରେ ମୁଣ୍ଡରେ ବୋହି ଆଉ କିଛି ଜିନିଷ ଆଣିଲେ। ସନ୍ଧ୍ୟାରେ ଘରକୁ ଫେରି ପତ୍ନୀଙ୍କଠାରୁ ମାଉସୀଙ୍କ ବିଷୟରେ ଆହୁରି ଗୋଟିଏ କଥା ଜାଣିଲି। ମାଉସୀ ଏ ଷାଠିଏ ବର୍ଷ ବୟସରେ କୋଠାଘର ତିଆରି କାମରେ ମୂଲ ଲାଗିବାକୁ ଯାଉଛନ୍ତି। ପ୍ରାୟ ରାତି ଆଠଟା ବେଳକୁ ମାଉସୀ ଓ ତାଙ୍କ ଝିଅ ଆମ ଘରକୁ ଆସିଲେ। ମାଉସୀଙ୍କ ହାତରେ ଥିଲା ବାକି ଥିବା ଦୁଇଟି ପାଞ୍ଚଶହ ଟଙ୍କା। ସୁରଭି ଆଉ ମୁଁ କଥା ହୋଇ ସାରିଥିଲୁ ଭଡା ବିଷୟରେ ଏବଂ ସେଇ ଅନୁସାରେ ଘରଭଡା ତିନି ନୁହେଁ ଦୁଇ ହଜାର ଟଙ୍କା ଲେଖାଏଁ ଦେବେ ବୋଲି ମୁଁ ମାଉସୀଙ୍କୁ କହିଲି। ମୁଁ ଘର ଭିତରକୁ ଆସିଲା ପରେ ସୁରଭି ମାଉସୀଙ୍କ ସହିତ କଥା ହେଲେ। ତଳ ଘରୁ ନାତିର ଡାକ ଶୁଣି ମାଉସୀ ବିଦାୟ ନେଲେ।

(୨)

କିଛି ଦିନ ଆଗରୁ ପାହାଚରୁ ଗଡି ପଡି ସୁରଭିଙ୍କର ଦୁଇଟି ଯାକ ଗୋଡ଼ ଭାଙ୍ଗିଥିଲା ଏବଂ ଗୋଟିଏ ଗୋଡ଼ରେ ଅସ୍ତ୍ରୋପଚାର ହୋଇଥିଲା। ସେଥିପାଇଁ ତଳକୁ ଯାଇପାରୁ ନାହାନ୍ତି ବୋଲି ମାଉସୀ ଶୁଣିଥିଲେ। ତା ପରଠୁ ମଝିରେ ମଝିରେ ଘରର ଚାରିପାଖଯାକ ଓଳେଇବା କାମ ମୋତେ ଆଉ କରିବାକୁ ପଡିଲା ନାହିଁ। ମାଉସୀ ହିଁ ସବୁଦିନ ସେ କାମ କରନ୍ତି ଆଉ ମଝିରେ ମଝିରେ ସଂକ୍ରାନ୍ତି ଭଳି ଦିନ ପଡ଼ିଲେ ଚଉଁରା ପାଖ ସହିତ ପୁରା ବାରଣ୍ଡାକୁ ଧୋଇ ଦିଅନ୍ତି। କିଛି ଦିନ ପରେ ତଳେ ଥିବା ଚଉଁରା ପୂଜା ବି ସେ ନିୟମିତ କଲେ। ଠାକୁର ପୂଜା ଇତ୍ୟାଦିରେ ତାଙ୍କର ବହୁତ ନିଷ୍ଠା। ଏମିତିକି ନିଜ କାମ ସାରି ମୂଲ ଲାଗି ଯିବା ପୂର୍ବରୁ ଗୋଟିଏ କିଲୋମିଟର ଦୂରରେ ଥିବା ଜଗନ୍ନାଥ ମନ୍ଦିର ବେଢାକୁ ମାଉସୀ ପରିଷ୍କାର କରନ୍ତି ବୋଲି ସୁରଭି ତାଙ୍କ ଝିଅଠାରୁ ଶୁଣିଲେ।

ଇତି ମଧରେ ମାଉସୀ ତାଙ୍କ ସାନଝିଅର ବାହାଘର ଠିକ୍ କରି ଦେଇଥିଲେ। ଶାନ୍ତଶିଷ୍ଟ ପିଲାଟିଏ ଜୋଇଁ ରୂପେ ପାଇଛନ୍ତି ବୋଲି ମାଉସୀ ଖୁବ୍ ଖୁସି ଥିଲେ। ଆମେ ବି ଖୁସି ହୋଇଗଲୁ। ବାହାଘର ପାଇଁ କିଛି ଆର୍ଥିକ ସାହାଯ୍ୟ କଲୁ। ବାହାଘରରେ ତାଙ୍କ ବନ୍ଧୁବାନ୍ଧବଙ୍କ ପାଇଁ ଆମେ ଆମର ଗୋଟିଏ ଘର ଛାଡି ଦେଲୁ। ପ୍ରକୃତରେ ମାଉସୀ ଖୁବ୍ ସ୍ନେହୀ। ସ୍ୱତଃ ପ୍ରବୃତ୍ତ ଭାବରେ କିଛି ଲୋକ ଆସି ବାହାଘରରେ ତାଙ୍କୁ ସାହାଯ୍ୟ କରୁଥିଲେ। ସେଇ ଲୋକମାନଙ୍କ ଚାଲି ଚଳନରୁ ସେମାନେ ଯେ ସମସ୍ତେ ବସ୍ତିର ଲୋକ ଆମେ ବୁଝି ପାରିଥିଲୁ। ଖାସ୍ ବାହାଘର ପାଇଁ ସେ ଭଲ ଘରଟିଏ ଭଡା ନେବାକୁ ଚାହିଁଥିଲେ ବୋଲି ଦିନେ କଥା ଛଳରେ କହିଲେ। ଇତି ମଧରେ ବାହାଘର ସରି ଯାଇଥିଲା।

ବାହାଘର ପାଇଁ ଆମେ ମାଉସୀଙ୍କୁ ଭଡା ଦେବାକୁ ମନା କରିଥିଲୁ। ଦୁଇ ମାସ ପରେ ମାଉସୀ ଭଡା ଟଙ୍କା ଦେବାକୁ ଆସିଲେ। ଦୁଇ ମାସ ପାଇଁ ଘରଭଡା ଚାରି ହଜାର ଟଙ୍କା ଦେଇ କଥା ଅନୁଯାୟୀ ଇଲେକ୍ଟ୍ରି ବିଲ୍ କେତେ ବୋଲି ପଚାରିଲେ। ଦୁଇ ମାସ ପାଇଁ ପାଞ୍ଚଶହ ଟଙ୍କା ଦେବାକୁ କହିଲେ ସୁରଭି। ହଠାତ୍ ମାଉସୀ ଯେମିତି ଉତକ୍ଷିପ୍ତ ହୋଇ ପଡିଲେ।-' ଏତେ ଟଙ୍କା କେମିତି ହେଲା ? ଏ ତ ଭାରି ଅନ୍ୟାୟ କଥା। ଦୁଇଟା ଫ୍ୟାନ, ଦୁଇଟି ଲାଇଟ୍ ଆଉ ଛୋଟ ଟିଭି ଟିଏ ଯାହା ଚାଲିଛି। ଏତେ ଟଙ୍କା ଇଲେକ୍ଟ୍ରି ପାଇଁ ପଡେ, ମୁଁ ତ କାହାଠୁ ଶୁଣିନି। ଧର୍ମ ସହିବ ନାହିଁ। 'ଖୁବ୍ ବଡପାଟିରେ ଚିଲେଇ ଚିଲେଇ କହୁଥିଲେ ମାଉସୀ। ସୁରଭି ଯେତେ ବୁଝାଇଲେ ବି ଲାଭ କିଛି ହେଲା ନାହିଁ। ମୁଁ ଭିତରେ ଘରେ ଥାଇ ସବୁ ଶୁଣୁଥିଲି। ସେ ଆଗରୁ ମାସକୁ ଶହେ ଟଙ୍କା ଦେଉଥିଲେ ବୋଲି ଯୁକ୍ତି ବାଢିଲେ ଏବଂ ଶେଷକୁ ଘର ଛାଡିଦେବେ ବୋଲି ଧମକ ମଧ ଦେଲେ। ତଳଘର ପାଇଁ ଅଲଗା ମିଟର ଲାଗିଛି ବୋଲି ବୁଝେଇଲେ ବି କିଛି ଲାଭ ହେଲା ନାହିଁ। 'ସେ ମିଟର ଠିକ୍ ନାହିଁ 'ବୋଲି କହି ଆହୁରି ଉଚ୍ଚ ଗଳାରେ କହିଲେ ମାଉସୀ। ପତ୍ନୀ କ୍ରମେ ହତୋତ୍ସାହିତ ହୋଇ ପଡୁଥିଲେ ବୋଲି ମୁଁ ଅନୁଭବ କରି ତାଙ୍କୁ ଚୁପ୍ ହେବାକୁ କହିଲି।

ପରଦିନ ସଂଧ୍ୟାକୁ ମୁଁ ଗଲି ମାଉସୀଙ୍କ ପାଖକୁ। ବାହାଘର ସମୟରେ ବନ୍ଧୁବାନ୍ଧବ ଗହଳିରେ ହୁଏତ ବେଶି ଇଲେକ୍ଟ୍ରି ଖର୍ଚ୍ଚ ହୋଇଥିବ ବୋଲି ଶେଷ ଥର ପାଇଁ ବୁଝେଇବାକୁ ଚେଷ୍ଟା କଲି ଏବଂ ତାଙ୍କୁ ଆମେ ଅଧିକା ପଇସା କହିନାହୁଁ ବୋଲି ନରମ ସ୍ୱରରେ ବୁଝେଇବାକୁ ଚେଷ୍ଟା କଲି। -' ତୁମେ ଯଦି ନିହାତି ଘର ଛାଡିବାକୁ ଇଛା କରୁଛ ଯାଇପାର। କିଛି ପଇସା ଦେବା ଦରକାର ନାହିଁ। ' ମାଉସୀ ମୁହଁ ତଳକୁ କରି ମୋ କଥା ସବୁ ଶୁଣୁଥିଲେ। ହଠାତ୍ ମୋ ମୁହଁକୁ ଛଳଛଳ ଆଖିରେ ଚାହିଁଲେ। - 'ମୋର ଭୁଲ୍ ହୋଇ ଯାଇଛି ବାବୁ। ଆମ ବସ୍ତିରେ ଯାଇଁ ବୁଝିଲି। ସେଇଠି ଚୋରାରେ ଲାଇନ୍ ଆସିଛି। ମୋ ଠାରୁ ମାସକୁ ଶହେ ଟଙ୍କା କରି ନିଅନ୍ତି। ମୁଁ ମୂର୍ଖ ଲୋକ ବାବୁ। ଏତେ କଥା ଜାଣି ନଥିଲି। ମା'ଙ୍କୁ କେତେ ବଡ ପାଟିରେ କଥା ହୋଇଛି । ଭଗବାନ ମୋତେ ଆହୁରି ଦଣ୍ଡ ଦିଅନ୍ତୁ। ମୋତେ କ୍ଷମା କରିଦିଅ ବାବୁ..।' ଏତିକି ବେଳକୁ ମାଉସୀଙ୍କ ଆଖିରୁ ଲୁହ ଦୁଇ ଟୋପା ଖସି ପଡିଲା। ମୁଁ ତଟସ୍ଥ ! ଆଉ କିଛି ନକହି ଫେରି ଆସିଲି।

ପରଦିନ ସନ୍ଧ୍ୟାକୁ ମୁଁ ଘରକୁ ଫେରି ଜାଣିଲି ମାଉସୀ ଆଉଥରେ ଆସି ତାଙ୍କ ଭୁଲ୍ ପାଇଁ ସୁରଭିଙ୍କ ପାଖରେ କ୍ଷମା ପ୍ରାର୍ଥନା କରି ଯାଇଛନ୍ତି।

(୩)

ଅଚାନକ ଆସିଲା କରୋନା । ସଟ୍ ଡାଉନ୍, ଲକ୍ ଡାଉନ୍ ବଳବତ୍ତର ରହିଲା ଦୀର୍ଘ ଦିନ ଯାଏ। କାମଧନ୍ଦା ସବୁ ବନ୍ଦ। ଜୀବନ ଜୀବିକା ବିପନ୍ନ ହୋଇପଡିଲା। ପ୍ରାଇଭେଟ୍ କମ୍ପାନୀରୁ ମୋ ଚାକିରି କେଇ ବର୍ଷ ଆଗରୁ ଯାଇ ସାରିଥିଲା। ଟିୟୁସନକୁ ଜୀବିକା ବୋଲି ମୁଁ ଗ୍ରହଣ କରି ସାରିଥିଲି କେବେଠୁ। ଏ ବିପତ୍ତି ସମୟରେ ବାହାରକୁ ଗାଡ଼ି ନେଇ ଯିବା ଉପରେ ବି ଅଙ୍କୁଶ ଲଗାଇଲେ ସରକାର। ଚାଲି ଚାଲି ଦୁଇ ତିନୋଟି ପିଲାଙ୍କୁ କୌଣସି ମତେ ପଢାଇ ଅଳ୍ପ କିଛି ପଇସାରେ ଆମେ ଚଳୁଥିଲୁ। ମାଉସୀଙ୍କ ଦୁଃଖ ଦୂର କରିବାକୁ ମୁଁ ଅକ୍ଷମ ଥିଲି। ତେବେ ତାଙ୍କ ଠାରୁ ଘରଭଡା ନେବୁ ନାହିଁ ବୋଲି ମନସ୍ଥ କରି ମାଉସୀଙ୍କୁ ଜଣାଇଲି। ସେ କିଛି କହିଲେନି। ହେଲେ ପ୍ରତି ମାସ ଦଶ କିମ୍ବା ଏଗାର ତାରିଖ ଦିନ ଘରଭଡା ଦେଇ ଯାଉଥିଲେ ସ୍ୱାଭିମାନୀ ମାଉସୀ। ଯେତେ କହିଲେ ବି ନଛୋଡବନ୍ଧା। ଶେଷକୁ ଆମ କଥା ରଖି ଇଲେକ୍ଟ୍ରି ବିଲ୍ ପଇସା ଦିଅନ୍ତି ନାହିଁ।

ଦିନେ ଦେଖିଲି ମାଉସୀ ରାସ୍ତା ଉପରେ ବସି କଦଳୀ, ଆମ୍ବ ଆଦି ବିକୁଛନ୍ତି। ପାଖରେ ତାଙ୍କ ନାତି। ମୋତେ ଦେଖି ମୁରୁକି ହସିଲେ ମାଉସୀ। ସତେକି ସବୁ ବିପଦକୁ ମୁକାବିଲା କରିବାକୁ ତାଙ୍କ ପାଖରେ ଅଛି କୁହୁକ ମନ୍ତ୍ର ! ସେ ଫୁ କରି ଉଡାଇ ଦେଇ ପାରନ୍ତି ସବୁ ଦୁଃଖ ଦୁର୍ଦ୍ଦିନ କୁ ଏମିତି ହସି ହସି ! ସନ୍ଧ୍ୟା ବେଳକୁ ତାଙ୍କ ନାତିକୁ ଡାକି ଘରେ ପଡିଥିବା ପୁରୁଣା ସାଇକେଲଟିକୁ ବାଧ କରି ଦେଲି । ପିଲାଟି ସାଇକେଲ ପାଇ ଖୁସି ହୋଇଗଲା। ତା ପରଠୁ ସେଇ ସାଇକେଲ ଉପରେ ଥୋଇ ଜିନିଷ ପତ୍ର ନେବା ଆଣିବା କଲେ।

ମାସ୍କ ବ୍ୟବହାର କରିବାକୁ ଯେତେ କହିଲେ ବି ମାଉସୀଙ୍କ ମୁହଁରେ କେବେ ଦେଖିଲି ନାହିଁ। 'ସେଇ ଜଗନ୍ନାଥ ରଖିଲେ ରଖିବେ ମାରିଲେ ମାରିବେ !' ଥିଲା ମାଉସୀଙ୍କ ଉକ୍ତି। ତାଙ୍କୁ ଯାଚିକରି କିଛି ମାସ୍କ ଦେଲି ସିନା ସେ କେବେ ବି ତାକୁ ପିନ୍ଧି ଥିବାର ଦେଖିଲି ନାହିଁ। ମୋ ଉପରେ ଆଖି ପଡ଼ିଗଲେ ମୁଣ୍ଡରେ ଥିବା ଲୁଗାକୁ ଟାଣି ମୁହଁ ଘୋଡେଇବାକୁ ଚେଷ୍ଟା କରୁଥିଲେ । ଓଠରେ ଥିବ କିନ୍ତୁ ସେଇ ସରଳ ନିରୀହ ହସ... !

ମାଉସୀ ପ୍ରତ୍ୟେକ ଦିନ ସକାଳେ ଆଉ ସଞ୍ଜରେ ଭାଗବତ ଅବା ପୁରାଣ ଆଦି ପଢନ୍ତି। କାମକୁ ଯିବା ପୂର୍ବରୁ ଠାକୁର ପୂଜା ସାରନ୍ତି ଏବଂ ଯେତେ ଡେରି ହେଲେ ବି କାମରୁ ଫେରି ଚଉଁରା ମୂଳେ ଧୂପ ଦିଅନ୍ତି। ପ୍ରତି ରଥଯାତ୍ରା କୁ ସେ ଯେମିତି ହେଲେ ପୁରୀ ଯାଆନ୍ତି ବୋଲି ଥରେ କହିଥିଲେ। କୋଭିଡ କାରଣରୁ ରଥଯାତ୍ରା ରେ କଟକଣା ଥିବା ଯୋଗୁ ସେ ଯାଇ ପାରିନଥିଲେ। ତାଙ୍କ ମନ ସେଥିପାଇଁ ବହୁତ ଦୁଃଖ ଥିଲା। ଏଥର ରଥଯାତ୍ରାରେ ସେ ଯିବେ ବୋଲି ଆମେ ନିଶ୍ଚିତ ଥିଲୁ। ହେଲେ ରଥଯାତ୍ରା ଆଗଦିନ ପାଖରେ ପଇସା ନାହିଁ ବୋଲି ମାଉସୀ କାହାକୁ କହୁଥିବାର ଶୁଣିଲେ ପତ୍ନୀ।

ରାତି ପ୍ରାୟ ନଅଟା ବେଳକୁ ଆମେ ମାଉସୀଙ୍କ ପାଇଁ ଗୋଟିଏ ନୂଆ ଶାଢ଼ୀ ଆଉ କିଛି ଟଙ୍କା ଧରି ତଳକୁ ଗଲୁ। ମାଉସୀ ଆମ ଦୁଇ ଜଣଙ୍କୁ ଏକାସାଙ୍ଗରେ ଦେଖି ହସିଲେ ଟିକିଏ। ଆମ ଦୁହିଁଙ୍କୁ ତାଙ୍କ ଖଟ ଉପରେ ବସିବାକୁ ଅନୁରୋଧ କଲେ। ପ୍ରକୃତରେ ସୁରଭି ବେଶୀ ସମୟ ଠିଆ ହୋଇ ପାରିବେନି ବୋଲି ସେ ବସିବାକୁ କହିଲେ। ମୁଁ ଠିଆ ହୋଇଥିଲି। ମାଉସୀଙ୍କ କଥା ଶୁଣି ଆମେ ସତେକି ବାକଶୂନ୍ୟ ହୋଇ ପଡିଲୁ। କଥାଟି ଥିଲା ଏମିତି। ସନ୍ଧ୍ୟାରେ ଦୀପ ଜାଳି ଜଗନ୍ନାଥ ମହାପ୍ରଭୁଙ୍କ ଆଗରେ ତାଙ୍କ ଦୁଃଖ ଜଣାଇ ମାଉସୀ ଭାଗବତ ଛାନ୍ଦେ ପଢିବାକୁ ପୃଷ୍ଠା ଓଲଟେଇଲେ ତ' ତା ଭିତରେ ପାଞ୍ଚଶହ ଟଙ୍କା ଥିବାର ଦେଖିଲେ। ଏତିକି କହୁ କହୁ ଝରଝର କାନ୍ଦି ପକେଇଲେ ମାଉସୀ। ସୁରଭି ଯାଇଁ ତାଙ୍କୁ ଗୋଟାପଣେ କୁଣ୍ଢେଇ ଧରିଲେ। ଭିଜିଲା ଆଖି ନେଇ ମୁଁ ସେଠାରୁ ତୁରନ୍ତ ପଳେଇ ଆସିଲି।

ପରଦିନ ମାଉସୀ ପୁରୀ ଯାଇ ରଥଯାତ୍ରା ଦେଖି ରାତିରେ ଫେରିଲେ ବୋଲି ଆମେ ଜାଣିଲୁ। କିଛି ସମୟ ପରେ ଆମ ଘର କବାଟରେ ଠକ୍ ଠକ୍ ଶବ୍ଦ ଶୁଭିଲା। ସୁରଭି କବାଟ ଖୋଲିଲେ। -'ମା , ତୁମେ ଦେଇଥିବା ନୂଆ ଶାଢ଼ୀଟା ବାବୁଙ୍କ କୁଶଳ ମଙ୍ଗଳ ପାଇଁ ପଣ୍ଡାଙ୍କୁ ଦେଇ ଆସିଛି। ଜଗନ୍ନାଥ ମହାପ୍ରଭୁ ତୁମ ପିଲାଙ୍କର ମଙ୍ଗଳ କରନ୍ତୁ।'ସୁରଭିଙ୍କ ହାତକୁ ଭୋଗ ଡାଲାଟିଏ ଧରେଇ କହିଲେ ମାଉସୀ। ସୁରଭିଙ୍କର ବୋଧହୁଏ କଣ୍ଠରୁଦ୍ଧ ହୋଇ ଆସୁଥିଲା। ମୁଁ କେବଳ ଏତିକି ଶୁଣି ପାରିଲି ' ମାଉସୀ... !'

+ଆଳି , କେନ୍ଦ୍ରାପଡା

# ପରିଧାନର ମର୍ଯ୍ୟାଦା ରହୁ

ସମ୍ପର୍କର ରଙ୍ଗ

ଶ୍ୱେତା ରାଉତ୍



ଏବେ ପିଲାଠୁ ବଡ ସମସ୍ତେ ଜୀବନର ମଉଜ ନେବା ନିଶାରେ ମଜଗୁଲ୍। କିଏ କଣ କଲା ଆମେ କରିବା, କିଏ କଣ ପିନ୍ଧିଲା ଆମେ ପିନ୍ଧିବା, କିଏ କଣ ଖାଇଲା ଆମେ ଖାଇବା'ଏସବୁ ଜିନିଷ ପ୍ରତି କପି କରି ବା ଅନୁସରଣ କରି ଆମେ ଆମର ମୌଳିକତାକୁ ହରେଇ ଦିଅନ୍ତି। ଯେତେବେଳେ ଜଣେ ସାଧାରଣ ଗରିବ ପିଲା ଜଣେ ଧନୀ ଘର ପିଲାକୁ ପାଓଭାଜି ଖାଇବାର ମଜା ନେଉଥିବାର ଦେଖେ, ତାର ମଧ ଇଚ୍ଛା ହୁଏ ପାଓଭାଜି ଖାଇବାକୁ, କିନ୍ତୁ ପାଖରେ ପଇସା ନଥାଏ। ତେଣୁ ସେ ଘରେ ମାଆକୁ କହି ଆଳୁ ଚକଟି, ଟମାଟୋ ପକାଇ ଯେଣୁତେଣୁ କରି ଖାଇ ପାଓଭାଜିର ବିକଳ୍ପ ଭାବେ ମନ ଖୁସି କରିନିଏ। କିଏ ଦାମୀ ଆଇସକ୍ରିମ୍ ବା କେକ୍ ଖାଇବାର ଦେଖି ତାର ମଧ ମନହୁଏ କିନ୍ତୁ କିଣି ପାରେନି। ପାଖ ଦୋକାନରୁ ଶସ୍ତା ପାଉଁରୁଟି କିମ୍ବା କେକ୍ ଖାଇ ମନ ଶାନ୍ତି କରେ। ମୋର କହିବାର କଥା ପିଲା ହୁଅନ୍ତୁ କି ବୟସ୍କ, ଯାହା ଦେଖନ୍ତି ବା ଇଚ୍ଛା କରନ୍ତି ତାକୁ ନପାଇ ପାରିଲେ ତାର କିଛି ବିକଳ୍ପରେ ମନଶାନ୍ତି କରିନିଅନ୍ତି। ଠିକ୍ ସେମିତି ଆଜିକାଲି ଖୁବ୍ ଛୋଟ ପିଲା ବା ଦୁଷ୍କର୍ମର ଶୀକାର ହେଉଥିବା ନାବାଳିକା ଝିଅମାନେ ବର୍ତ୍ତମାନର ଅସାମାଜିକ ବ୍ୟକ୍ତିମାନଙ୍କ ବିକଳ୍ପ ପାଲଟିଛନ୍ତି ଏବଂ କେଉଁଠି ନା କେଉଁଠି ଏହି ଅସାମାଜିକ ବ୍ୟକ୍ତିମାନଙ୍କୁ ଉତ୍ସାହିତ କରୁଛି ଆଜିକାଲି ଝିଅମାନଙ୍କ ଅର୍ଦ୍ଧନଗ୍ନ ପରିଧାନ ଓ ଦୃଷ୍ଟିକଟୁ ପୋଷାକ।

ଆଧୁନିକତା ବା ମଡେଲ ଷ୍ଟାଇଲ ନାଁରେ ଝିଅମାନେ ଯେଉଁ ପୋଷାକ ପିନ୍ଧୁଛନ୍ତି, ତାହା ବର୍ଣ୍ଣନା କରିବା ଲଜ୍ଜାଜନକ। ପୋଷାକ ଲଜ୍ଜା ନିବାରଣ ପାଇଁ ପିନ୍ଧାଯାଏ କିନ୍ତୁ ଏମାନେ ଲଜ୍ଜା ନିବାରଣ ପାଇଁ ନୁହେଁ ବରଂ କାମାତୁର ଦୃଷ୍ଟିଭଙ୍ଗୀକୁ ଆମନ୍ତ୍ରଣ କରିବା ପାଇଁ ପିନ୍ଧୁଛନ୍ତି। ବଡ ଦୁଃଖର କଥା ଆମ ମାଆମାନେ ଆଜିକାଲି ଏଭଳି ନଗ୍ନ ପୋଷାକ ପିନ୍ଧିବାକୁ ଝିଅମାନଙ୍କୁ ବାରଣ କରିବା ପରିବର୍ତ୍ତେ, ନିଜେ ହିଁ କଟା-ଛଟା ଚିପା ପୋଷାକ ପିନ୍ଧାଉଛନ୍ତି। କୁନି କୁନି ଝିଅମାନଙ୍କୁ ବି ସ୍ଲିଭ୍ ଲେସ୍, ମିନି ସ୍କଟ, ହଟ୍ ପ୍ୟାଣ୍ଟ୍ ଭଳି ଅତି ଛୋଟ ଛୋଟ ଆପତ୍ତିଜନକ ପୋଷାକ ପିନ୍ଧାଇ ଗର୍ବ କରୁଛନ୍ତି, ଆମ ଝିଅ ମଡେଲ ଭଳି ଦିଶୁଛି। ମାଆମାନେ ମାଂସ ଥାଳିରେ ରଖି କୁକୁରମାନଙ୍କୁ ନିମନ୍ତ୍ରଣ ଦେଉଛନ୍ତି, ଆସ ମନଭରି ମାଂସ ଖାଇବ। କୁକୁର ମାଂସ ଖାଇବା ପରେ କହୁଛନ୍ତି କୁକୁରର ସଂସ୍କାର ଖରାପ, ତାକୁ ପିଟି ପିଟି ମାରିଦେବା ଉଚିତ୍। ରୋଷେଇ ଘର ଭାତହାଣ୍ଡିକୁ ଦାଣ୍ଡ ବାଡିରେ ଡାଙ୍କଣା ମେଲି ରଖିଲେ, ବୁଲାକୁକୁର ଖାଇବେ ହିଁ ଖାଇବେ। ସେଥିପ୍ରତି କୁକୁର ନୁହେଁ ନିଜେ ସଚେତନ ହେବା ଜରୁରୀ। ଦେହ ଲୁଚାଇବାରେ ଯେଉଁ ସମ୍ମାନ ପ୍ରାପ୍ତ ହୁଏ ଦେଖେଇବାରେ ନଥାଏ। ଜଣେ ଜଣେ ଯୁକ୍ତି କରନ୍ତି,'ଆମେ ପିନ୍ଧିବୁ,ପୁଅମାନେ ତାଙ୍କ ମାନସିକତା ପରିବର୍ତ୍ତନ କରୁନାହାନ୍ତି କାହିଁକି ? ପୁଅମାନେ କିଭଳି ମାନସିକତା ରଖୁଛନ୍ତି ସେଇଟା ପରର କଥା। ପ୍ରଥମେ ନିଜକୁ ଶୃଙ୍ଖଳିତ ରଖିବା ନିଜର ଦାୟିତ୍ୱ। ପ୍ରତିଭା ପାଟିଲ ମୁଣ୍ଡରେ ଓଢଣା ଦେଇଥିବା ସ୍ତ୍ରୀ ଲୋକଟି ଆମ ଦେଶର ରାଷ୍ଟ୍ରପତି ହୋଇପାରିଛନ୍ତି। ରାଷ୍ଟ୍ରପତିର ସମ୍ମାନ ପାଇବାକୁ ସେ ବିକିନି ପିନ୍ଧିନାହାନ୍ତି କି ମଡେଲିଂ କରିନାହାନ୍ତି। ରାଣୀ ଲକ୍ଷ୍ମୀବାଇ ଶାଢୀ ପରିଧାନ କରି ଘୋଡା ଚଢି ଅନେକ ଯୁଦ୍ଧ କରିଛନ୍ତି, ସେଥିପାଇଁ ତାଙ୍କୁ ଛୋଟିଆ କପଡା ପିନ୍ଧିବାକୁ ପଡିନି। ତାଙ୍କ କର୍ମ ଓ ସଂସ୍କାର ଦ୍ୱାରା ଶୃଙ୍ଖଳିତ ପରିଧାନ ସହ ସେ ସମସ୍ତଙ୍କ ପାଇଁ ଉଦାହରଣ ହୋଇ ରହିଛନ୍ତି।

ଯେତେବେଳେ କେତେଜଣ ଆଧୁନିକତା ଆଳରେ ଅର୍ଦ୍ଧନଗ୍ନ ପରିଧାନ ପିନ୍ଧି ବଜାରରେ ବୁଲୁଛନ୍ତି, ନିଜର ଧନୀ ସ୍ୱଭାବ, ଅହଂକାର ଓ ମଡେଲ ଚେହେରା ଦେଖାଇବା ପାଇଁ ଲୁଚାଇବା ଶରୀରକୁ ପବ୍ଲିକ୍ ରେ ଦେଖେଇ ବୁଲୁଛନ୍ତି, ତାଙ୍କୁ ଦେଖି ଅସାମାଜିକ ବ୍ୟକ୍ତିମାନେ ଉତ୍ସାହିତ ହେଉଛନ୍ତି। ହେବେନି ବା କେମିତି !ସେଇମାନଙ୍କୁ ଉତ୍ସାହିତ କରିବା ପାଇଁ ଆଜିକାଲି ଏମିତି ପୋଷାକ ପିନ୍ଧାଯାଉଛି ଯାହା ନପିନ୍ଧିବା ସହିତ ସମାନ। ମଝିରେ ବଳି ପଡୁଛନ୍ତି ବିଚାରୀ ନିରୀହ ଝିଅମାନେ, କାରଣ ବଡବଡିଆ ଝିଅମାନଙ୍କୁ ଅର୍ଦ୍ଧନଗ୍ନ ବେଶରେ ଦେଖୁଥିବା କାମାତୁର ମଣିଷ ନିଜର କାମନାର ଭୋକ ମେଣ୍ଟେଇବା ପାଇଁ ସେମାନଙ୍କୁ ତ ପାଇପାରୁନି, ଯାହାକୁ ପାଉଛି ଦୁଷ୍କର୍ମ କରୁଛି, ସେ କୁନି ଝିଅଟିଏ ହେଉ କି ବୁଢୀଟିଏ।

ସତରେ କଣ ଯୁଗ ସହିତ ତାଳଦେଇ ପରିଧାନକୁ ପରିତ୍ୟାଗ କରିଦେଲେ ସମ୍ମାନ ବଢେ ? ପ୍ରକୃତରେ ଏଭଳି ପରିଧାନକୁ ପ୍ରୋତ୍ସାହନ ଦେଉଥିବା ମାଆମାନଙ୍କର ଉଦ୍ଦେଶ୍ୟ କ'ଣ ? ପିନ୍ଧୁଥିବା ଝିଅମାନଙ୍କ ଉଦ୍ଦେଶ୍ୟ କଣ? ତିଆରି କରୁଥିବା କମ୍ପାନୀ ଗୁଡିକର ଉଦ୍ଦେଶ୍ୟ କଣ ? ଆମ ସଂସ୍କୃତିର ପରିଧାନ ଓଢଣି କଣ ଆତ୍ମହତ୍ୟା କରିଦେଲା ?

+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,
ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଚାଲିଯିବି ବହୁଦୂରେ

ପ୍ରତିମା ମେହେର



ଚାଲିଯିବି ବହୁଦୂରେ
ସେଇ ଅଚିହ୍ନା ଇଲାକାରେ
କେହି ଯଦି ମାଗିବ ଠିକଣା ମୋର
କହିବ, ସେଇ ଦୂର ଗଗନ ସେପାରେ
କରିଛି ଘର ନିଃଶବ୍ଦରେ..

ହଜାଇଦେଇ ପରିଚୟ, ହାରିଯାଇ ନିଜତ୍ୱ
ରହିବି ମଉନେ,
ତୋଳି ବାଲି ଘର
ପ୍ରତି ଥର ସାଗରର ନୀଳ ନୀଳ ଢେଉ

ଭାଙ୍ଗୁଥିବ ବ ସ୍ୱପ୍ନ'ର ମହଲ ଜୀବନ ଯାବତ

ଗାଇବି ଗଜଲ ନିତି ନିତି
ବିରହ'ର ସୁରେ
ପୁଣି କହେ ମନ,

ସାଉଁଟି ଆଣିବି ମୁଠାଏ ଶାମୁକା
ଲିଭି ଲିଭି ଆସୁଥିବା ପଦଚିହ୍ନ ପରେ
ସଜାଇଦେବି କରି ସ୍ମୃତି ଚିହ୍ନ

ଚକ୍ ଚକ୍ ମୁକୁତାର ଶୁଭ୍ର ଦେହ ପରେ
ଆଙ୍କିଦେବି ଅଜସ୍ର ଚୁମ୍ବନ

ଖିଆଲି ମୋ ମନ ରହି ରହି କହେ ,
ସୁନୀଳ ସାଗର ଗରଭେ
ରହିବି ବସା ବାନ୍ଧି
ଲୁଚି ଲୁଚି ପାଇବି ଭଲ
ଅଭୁଲା ପ୍ରୀତିକୁ..

ଚାହିଁବିନି ପଛେ ଫେରି ଅତୀତକୁ ମୋର
ହେଇ ପରା ଚାହିଁଛନ୍ତି
ଜନ୍ମଦାତା ମାନେ,
ପ୍ରସାରିତ ଦୁଇବାହୁ ଡାକିବିନି ଆଉ
କରିବିନି ଆଲିଙ୍ଗନ
ପ୍ରେମିଳ ବକ୍ଷରେ...

+ପାଟଣାଗଡ଼, ବଲାଙ୍ଗିର

## ଜୀର୍ଣ୍ଣ ବୈଶାଖ

ସୁଭଦ୍ରା ବେହେରା

ଏ ବିସ୍ତିର୍ଣ୍ଣ ଆକାଶରେ,
ଢେଉ ଢେଉକା ଲହଡ଼ି ଭାଙ୍ଗେ ବାଦଲ
ଯେତେବେଳେ ଦିପ୍ରହରଟାରେ
ମେଘ ନୁଆଁଏ ତା ମଥା .....
ଛାତି ଭିତରେ ମୋର
ଦୀର୍ଘଶ୍ୱାସର ହାବୁକା....
ସ୍ୱପ୍ନ ଗରା ଦାଣ୍ଡରେ ଲୋଟି ଧୂଳି ସରସର
ଆକାଶ ଧୂସର ଏଠି ଗୋଧୂଳି ବେଳାର।

ହଁ ତ !....
ଏ ଜୀର୍ଣ୍ଣ ବୈଶାଖ ଟାଏରେ
ପକ୍ଷୀ ଟି ଅସ୍ପଷ୍ଟ ସ୍ୱରରେ ତୁନି ତୁନି ବାହୁନିଲା
ବେଳେ.....
ପବନରେ ବହିଆସେ ସେ କାନ୍ଦ
ମୋ ହୃଦୟ ଥରେ।

ମୁଁ ଧାଏଁ ସେ ସ୍ୱର ଇଙ୍ଗିତରେ
ନିର୍ଜନ ନଈ କୂଳ ଆଡେ
ସଞ୍ଜଟାଏରେ ବିଷର୍ଣ୍ଣ ମନରେ
ଭେଟେ ଯାହା କୁଢ଼ କୁଢ଼ ଅବଶୋଷ
ଅପନ୍ତରା ପଠାବାଲି ତଟରେ,....
ସଞ୍ଜ ନଇଁ ଆସେ
ଉଲକା ଉହୁସି ଉଠେ ଆକାଶ ବକ୍ଷରୁ
ଲେସି ହୋଇ ତାରକା ଦେହରୁ

ହଁ ତ ଠିକ୍ ଏବେ ଏବେ.....
ମୁଁ ଖୋଜେ ଜହ୍ନର ଛାଇ
ଏ ନିଛାଟିଆ ଝାଉଁ ବଣର
ଶୁଲୁଶୁଲିଆ ପବନରେ ପତ୍ର ଉହାଡରେ ....
ଯେବେ ଆକାଶରେ ଜହ୍ନ ଡେଇଁ ଡେଇଁ ବଉଦର
ସିଡ଼ି ଚଢେ ଗୋଟିକ ପରେ ଗୋଟେ।

ମୁଁ ଭୋଗି ଆସିଛି ..
ମୋ ଦେହର ଭୂଗୋଳରେ
ଗୋଧୂଳିର ଧୂସରତା
ଭେଟିଛି ସମୁଦ୍ର ତଟ ପୋଖରୀ
ଉହାଡ କେତେ ନଦୀ ପଠା.....
ତଇତିର ପତ୍ରଝଡ଼ା ବୃକ୍ଷ ପରି ଜୀର୍ଣ୍ଣ ଦେହ ଏହି
ଆୟୁଷର ଗତି ଯୋଖି ମାପିବାକି ପରିଧି ଦେହର ?

ଯାହା ନିତାନ୍ତ ବିସ୍ତିର୍ଣ୍ଣ ସମୟର
ମରୁ ଚରା ବାଲି ତଟର ।
ଆକାଶେ ଭ୍ରାନ୍ତି ଲଦିହୁଏ
ଏ ମୋ ବିଷର୍ଣ୍ଣ ହୃଦରେ....
ସ୍ୱପ୍ନ ଧରି ବହେ ସିନା ଲହଡ଼ି
ଗୋବରି ନଈରେ
ହେଲେ ମିଳେ ନାହିଁ ତଟ ...
ଅପନ୍ତରା ନଦୀ ଧାରେ ଧାରେ।

ଇଛା ମୋର......
ଏ ପାପୁଲିରେ ସମୟ ତକ ତୋଳି ଧରିବାର
ଧରି ହୁଏ ନାହିଁ ମ , ଭାରି ରାଗ ମୋର
ଠିକ୍ କାଠଯୋଡିର ଇର୍ଷା
ଭଳି ମହାନଦୀ ଉର୍ବରତାର,.....



ମନରେ ନାନା ସନ୍ଧି ହୃଦରେ ବିକାର
ତଥାପି ଡାକୁଛି..
ଆସ ଆସ ଏ ସୁଲୁସୁଲିଆ
ପବନେ ହଜିବା ....
ସ୍ୱପ୍ନ ଭରି ଏ ଗ୍ରୀଷ୍ମ ପ୍ରବାହ କାଳରେ ,
ପକ୍ଷୀଙ୍କ କାକଳିରେ ଏ ସନ୍ଧ୍ୟା ଆସରରେ
ଏ ବୈଶାଖୀ ସଞ୍ଜରେ ପବନ ଯେବେ
ତୋଟାମାନେ ଆମ୍ବ ପତ୍ର ସାଉଁଳେ
ଜହ୍ନ ଯେବେ ଲୁଚୁଥିବ ଓ
ସେଇ ଦୂର ଆକାଶରେ।

ଉଇଁବାତ ସମସ୍ତେ ଚାହାଁନ୍ତି....
ଅସ୍ତ ବିତ ପ୍ରତିଶ୍ରୁତି ଭରା ହୋଇଥାଏ ?
ଆମେ ଅସ୍ତ ହିଁ ତ ଚାହିଁବା
ଠିଆ ହୋଇ ବିଷର୍ଣ୍ଣ ନଈର କୂଳେ
ଆରେ ଦୁଃଖ ଥିଲେ ସିନା
ପ୍ରେମ ପ୍ରଗାଢ ହୁଏ.. !.
କେହି ଜଣେ କାଳେ କହିଥିଲେ...

+ଚମ୍ପାପୁର, ଛତିଆ,ଯାଜପୁର
ମୋ: ୭୨୦୫୮୮୬୫୧୨

# ରାଜ୍ୟରେ ଆର୍ଥିକ ବିଶୃଙ୍ଖଳା ଚରମ ସୀମାରେ : ବିଜେପି

ଭୁବନେଶ୍ୱର,୨୫/୦୫ (ନି.ପ୍ର): ରାଜ୍ୟର ପ୍ରଗତି ସମ୍ପର୍କରେ ରାଜ୍ୟ ସରକାର ମିଛ ବାହାସ୍ଫୋଟ ମାରୁଛନ୍ତି ଏବଂ ଲୋକଙ୍କୁ ସୁନେଲୀ ସ୍ୱପ୍ନ ଦେଖାଉଛନ୍ତି। ବାସ୍ତବରେ ରାଜ୍ୟ ସରକାରଙ୍କ ଅପାରଦର୍ଶୀ କାର୍ଯ୍ୟ କାରଣରୁ ଏହାର କୁପରିଣାମ ସାଧାରଣ ଲୋକ ଭୋଗୁଛନ୍ତି । ଏଫ୍ଆରବିଏମ୍ ଆକ୍ଟର ଗାଇଡ୍‌ଲାଇନ୍‌କୁ ଅନୁପାଳନ କରିବା ସହିତ ଏକ ରାଜସ୍ୱ ବଳକା ରାଜ୍ୟ ବୋଲି ଶାସକ ବିଜେଡି ଡିଣ୍ଡିମ ପିଟୁଛନ୍ତି। ଏପରିକି ଆମର ଅର୍ଥନୀତି ସୁଦୃଢ ଅଛି ବୋଲି ମିଛ ପ୍ରଚାର କରୁଛନ୍ତି ରାଜ୍ୟ ସରକାର। ପ୍ରଧାନମନ୍ତ୍ରୀ ତଥା ତତ୍କାଳୀନ ଗୁଜୁରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୦୧ ମସିହାରେ "ଭାଇବ୍ରାଂଟ୍ ଗୁଜୁରାଟ"ର ବାର୍ତା ଦେଇଥିଲେ । ଦୀର୍ଘ ୨୦ବର୍ଷ ପରେ ଆଜି ଓଡିଶାରେ "ଭାଇବ୍ରାଂଟ୍ ଓଡିଶା"ର ବାର୍ତା ଦିଆଯାଉଛି । ଏହା ହିଁ ରାଜ୍ୟ ସରକାରଙ୍କ ଓଡିଶା ବିକାଶର ପ୍ରାଧାନ୍ୟତାକୁ ଦର୍ଶାଉଛି ବୋଲି ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବଳିୟାରସିଂହ କହିଛନ୍ତି ଯେ, ୨୦୦୦-୨୦୦୧ମସିହାରେ ଶାସକ ବିଜେଡି ଶାସନ କ୍ଷମତାକୁ ଆସିବା ସମୟରେ ଓଡିଶାର ବାର୍ଷିକ ବଜେଟ୍ ପରିମାଣ ମାତ୍ର ୯୬୪୧କୋଟି ଟଙ୍କା ଥିଲା ଏବଂ ଏହି ପରିମାଣ ବର୍ତମାନ ୧ଲକ୍ଷ କୋଟି ଟଙ୍କାର ଲେଖାନୁଦାନ ଉପସ୍ଥାପନ କରାଯାଇଛି ଏବଂ ୨ଲକ୍ଷ ୬ହଜାର କୋଟି ଟଙ୍କାର ବଜେଟ୍ ହେବ ବୋଲି ସୂଚନା ଦିଆଯାଇଛି। ଏହି ବଜେଟ ପରିମାଣରେ କେନ୍ଦ୍ରୀୟ ଅନୁଦାନ ୪୧ ପ୍ରତିଶତ ଏବଂ ଋଣ ବାବଦରେ ୨୬ ପ୍ରତିଶତ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଆୟ ଅତ୍ୟନ୍ତ ନଗଣ୍ୟ ।ସେହିପରି ୨୦୦୦ମସିହାରେ ରାଜ୍ୟ ଋଣଭାର ମାତ୍ର ୧୮ହଜାର କୋଟି ଟଙ୍କା ଥିଲା ଏବଂ ଆଜି ଏହି ଋଣ ଭାର ୧ଲକ୍ଷ ୨୦ହଜାରରୁ ଊର୍ଦ୍ଧ୍ୱ କୋଟି ପହଂଚିଲାଣି । ରାଜ୍ୟର ବିକାଶ ନାମରେ ଋଣ କରୁଛନ୍ତି, କିନ୍ତୁ ଦଳିତ ଓ ଆଦିବାସୀମାନଙ୍କୁ ଋଣ ଯୋଗାଉଥିବା ସଂସ୍ଥା ଓଏସ୍‌ସିଏସ୍‌ଟିଡି ଏଫ୍‌ସିସି ଅଚଳ। ସେହିପରି ଚାଷୀ ଋଣ ନେବା ପାଇଁ ଭୂବନ୍ଧକ ବ୍ୟାଙ୍କ୍ ଓ ଓସ୍କାଡ୍ ବ୍ୟାଙ୍କ୍ ଏବଂ ଶିଳ୍ପ ଉଦ୍ୟୋଗୀମାନଙ୍କ ପାଇଁ ଓଏସ୍‌ଏଫ୍‌ସି ସମ୍ପୂର୍ଣ୍ଣ ରଗୁଣ। ପଛୁଆ ବର୍ଗଙ୍କ ପାଇଁ ଓବିସି ଫାଇନାନ୍ସ କର୍ପୋରେସନ୍ କାମ କରୁନାହିଁ। ମୁଣ୍ଡ ପିଛା ଋଣ ଭାର ଯଦି ଦେଖିବା ୨୦୦୯-୧୦ରେ ୯,୧୮୦ଟଙ୍କା ଥିଲାବେଳେ ୨୦୨୦-୨୧ରେ ଏହା ୨୩,୫୨୪ଟଙ୍କାରେ ପହଁଚିଛି। ଦାରିଦ୍ର୍ୟ ଦୃଷ୍ଟିକୋଣରୁ ରାଜ୍ୟରେ ପ୍ରତି ତିନି ଜଣରେ ଜଣେ ଗରିବ। ରାଜ୍ୟର ୧୬ଟି ଜିଲ୍ଲାର ଦାରିଦ୍ର୍ୟତା ସ୍ଥିତି ଜାତୀୟ ହାର ଠାରୁ ଢେର୍ ଖରାପ୍ ଏବଂ ରାଜ୍ୟର ଖରାପ ଆର୍ଥିକ ସ୍ଥିତିକୁ ସ୍ପଷ୍ଟ ପ୍ରମାଣିତ କରିଛି ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ସେହିପରି ରାଜ୍ୟରେ ମୁଣ୍ଡପିଛା ଆୟ ସର୍ବଭାରତୀୟ ସ୍ତରରେ ବହୁ କମ୍। କ୍ରୟ ଶକ୍ତି ଦୃଷ୍ଟିରୁ ଓଡିଶା ୧୬ ନମ୍ବର ରାଜ୍ୟ। ମାନବ ବିକାଶ ସୂଚକାଙ୍କରେ ଗତ ୨୦୦୧ ମସିହାରେ ସର୍ବଭାରତୀୟ ସ୍ତରରେ ୧୧ ନମ୍ବରରେ ଥିବା ଓଡିଶା ବର୍ତମାନ ୨୦୨୧ ମସିହାରେ ୩୨ ନମ୍ବର ସ୍ଥାନ ଅଧିକାର କରିଛି । ରାଜ୍ୟରେ ପୁଞ୍ଜି ନିବେଶ ସମ୍ପୂର୍ଣ୍ଣ ପଥ ଭ୍ରଷ୍ଟ। ପୁଞ୍ଜିନିବେଶ କ୍ରମାଗତ ଭାବେ ହ୍ରାସ ପାଇବା ଚିନ୍ତାଜନକ । ନୂତନ ସ୍ଥାୟୀ ଭିତିଭୂମି ନିର୍ମାଣ ନକରାଯାଇ ପୁରୁଣା ଯୋଜନା ଓ ପ୍ରକଳ୍ପର ନବୀକକରଣ ରକ୍ଷଣାବେକ୍ଷଣ ଖର୍ଚ୍ଚ ବାବଦରେ ବ୍ୟାପକ ଟଙ୍କା ଖର୍ଚ୍ଚ କରାଯାଉଛି । ରାଜ୍ୟରେ ମହିଳା ସଂଖ୍ୟା ୫୦ ପ୍ରତିଶତ, ଅନୁସୁଚିତ ଜାତି ୧୬ ପ୍ରତିଶତ ଏବଂ ଅନୁସୁଚିତ ଜନଜାତି ସଂଖ୍ୟା ୨୨ ପ୍ରତିଶତ । ଏହିପରି ମହିଳା, ଅନୁସୁଚିତ ଜାତି ଓ ଜନଜାତିଙ୍କ ସଂଖ୍ୟା ସର୍ବମୋଟ ୮୮ ପ୍ରତିଶତ ହୋଇଥିବାବେଳେ ବଜେଟରେ ତାଙ୍କ ପାଇଁ ମାତ୍ର ୪.୪ ପ୍ରତିଶତ ଅର୍ଥ ବରାଦ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ପ୍ରତିବର୍ଷେ କେଉଁ ବିଭାଗରେ କେତେ ଖର୍ଚ୍ଚ ହେବ ତାହା ଅର୍ଥବିଭାଗର ସମନ୍ୱୟରେ ବିଧାନସଭାରେ ପାରିତ ହେବା ପରରେ ଚୁଡାନ୍ତ ବ୍ୟୟବରାଦ ହୋଇଥାଏ । ମାତ୍ର ସମସ୍ତ ନୀତିକୁ ଜଳାଞ୍ଜଳୀ ଦେଇ ରାଜ୍ୟ ସରକାର ମନଇଚ୍ଛା ଖର୍ଚ୍ଚ କରିବାରେ ବ୍ୟସ୍ତ। କୃଷି କ୍ଷେତ୍ରରେ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦନକୁ କୃଷି କ୍ଷେତ୍ରରେ ଯୋଗଦାନ ନିରୁତ୍ସାହଜନକ ଅଟେ। ସିଏଜିଙ୍କ ବାରମ୍ବାର ତାଗିଦ୍ ସତ୍ୱେ କୌଣସି ସୁଫଳ ନାହିଁ। ୨୦୨୦ ଆର୍ଥୀକ ବର୍ଷରେ ଖର୍ଚ୍ଚ କରିନପାରି ରାଜ୍ୟ ସରକାର ୨୧,୨୦୦କୋଟି ଟଙ୍କା ଫେରାଇ ଦେଇଛନ୍ତି। କୃଷି କ୍ଷେତ୍ରରେ ୮୪୩କୋଟି, ଜଳ କ୍ଷେତ୍ରରେ ୧ହଜାର ୩୬କୋଟି ନଲ୍ ପେ ଜଲ୍ କ୍ଷେତ୍ରରେ ୮୩୧କୋଟି ଟଙ୍କା ସମର୍ପଣ କରାଯାଇଛି। ୨୦୧୩-୧୪ ରୁ ୨୦୧୮-୧୯ ପର୍ଯ୍ୟନ୍ତ ସମସ୍ତ ଅନିୟମିତ ଖର୍ଚ୍ଚ ନିୟମିତ ହୋଇନାହିଁ। ୨୦୧୮-୧୯ରୁ ୨୦୨୦-୨୧ ମଧ୍ୟରେ ୪୩ହଜାର ୪୧୨କୋଟି ଟଙ୍କାର ବିନିଯୋଗ ପତ୍ର ଦାଖଲ ହୋଇନାହିଁ। ରାଜ୍ୟରେ ଆର୍ଥୀକ ବିଶୃଙ୍ଖଳା ଚରମ ସୀମାରେ ପହଂଚିଛି । ବିକାଶର ଗତି ସମ୍ପୂର୍ଣ୍ଣ ମନ୍ଥର, ନିରୁତ୍ସାହଜନକ ଓ ରାଜ୍ୟ ପ୍ରଗତିର ପରିପନ୍ଥୀ ବୋଲି ଶ୍ରୀ ବଳିୟାରସିଂହ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସହମୁଖ୍ୟ ସୁଜିତ୍ କୁମାର୍ ଦାସ୍ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ : ଅନିଶ୍ଚିତତାରେ ଗ୍ରାମୀଣ କ୍ୟାମ୍ପସ

ଭୁବନେଶ୍ୱର,୨୫/୦୫ (ନି.ପ୍ର):୨୦୧୭ ମସିହା ଜୁଲାଇ ୩୧ରେ ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ସିହାଠାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ତଥା ଗ୍ରାମୀଣ କ୍ୟାମ୍ପସର ଭିତ୍ତିପ୍ରସ୍ତର ପଡ଼ିଥିଲା । ଲକ୍ଷ୍ୟ ଥିଲା ୩ ବର୍ଷ ମଧ୍ୟରେ କ୍ୟାମ୍ପସର ବିଲଡିଂ ନିର୍ମାଣ କାର୍ଯ୍ୟ ଶେଷ ହେବ । ୨୦୨୧-୨୨ ଶିକ୍ଷାବର୍ଷରୁ ସ୍ଥାୟୀ କ୍ୟାମ୍ପସରେ ପଢ଼ିବେ ଛାତ୍ରଛାତ୍ରୀ । ସେପର୍ଯ୍ୟନ୍ତ ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ କ୍ୟାମ୍ପସରେ ଗ୍ରାମୀଣ କ୍ୟାମ୍ପସ ଚାଲିବ ବୋଲି ନିଷ୍ପତ୍ତି ହୋଇଥିଲା । ଏମିତିକି ୨୦୧୮ ମେ' ମାସରେ ଭିଡିଓ କନ୍ ?ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ କ୍ୟାମ୍ପସର ଶୁଭ ଦେଇଥିଲେ । ସ୍ଥାୟୀ କ୍ୟାମ୍ପସରେ ପାଠପଢ଼ା ହେବା ପୂର୍ବରୁ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ସେଲ୍ଫ ଫାଇନାନ୍ସ ମୋଡ୍‌ରେ ଏଠାରେ ଚାଲିଥିବା ୪ଟି ବିଭାଗକୁ ବନ୍ଦ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର କ୍ୟାମ୍ପସ ୨୦୨୨-୨୩ ଶିକ୍ଷାବର୍ଷରେ ବନ୍ଦ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ସ୍ୱାବଲମ୍ବୀ କରାଇବା ସହ ସେମାନଙ୍କ ଭବିଷ୍ୟତ ଗଢ଼ିବା ଲକ୍ଷ୍ୟ ନେଇ ଏଠାରେ ଗୋଟିଏ ପରେ ଗୋଟିଏ ସେଲ୍ଫ ଫାଇନାନ୍ସ କୋର୍ସ ଖୋଲିଥିଲା । ପର୍ଯ୍ୟାୟକ୍ରମେ ଏଠାରେ ବିଏସ୍‌ସି ନର୍ସିଂ, ମାଷ୍ଟର ଅଫ୍ ସୋସିଆଲ୍ ୱାର୍କ, ମାଷ୍ଟର ଇନ୍ ପବ୍ଲିକ ହେଲ୍‌ଥ, ଏମ୍‌ବିଏ ଇନ୍ ରୁରାଲ ମ୍ୟାନେଜ୍‌ମେଣ୍ଟ ପାଠ୍ୟକ୍ରମ ଖୋଲା ଯାଇଥିଲା । କମ୍ ଖର୍ଚ୍ଚରେ ନିଯୁକ୍ତି ସୁଯୋଗ ମିଳୁଥିବା ପାଠ୍ୟକ୍ରମରେ ଶିକ୍ଷା ଗ୍ରହଣ କରିପାରୁ ନ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ମାତ୍ର ରାଜଭବନ ପକ୍ଷରୁ ସେଲ୍ଫ ଫାଇନାନ୍ସ ପାଠ୍ୟକ୍ରମ ଉପରେ କଟକଣା ଲଗାଯିବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦ୍ୱିତୀୟ କ୍ୟାମ୍ପସରେ ଥିବା ସମସ୍ତ ୪ଟି ପାଠ୍ୟକ୍ରମ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ପ୍ରାୟ ୧୫୦ ଛାତ୍ରଛାତ୍ରୀ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ଗ୍ରହଣ କରିବାକୁ ବଞ୍ଚିତ ହୋଇଛନ୍ତି ଏବଂ ଚଢ଼ା ଦରରେ ଘରୋଇ ଶିକ୍ଷାନୁଷ୍ଠାନରେ ଏବେ ସେମାନଙ୍କୁ ପଢ଼ିବାକୁ ହେବ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଇତି ମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପୂର୍ଣ୍ଣାଙ୍ଗ ରୂପ ନେଇପାରି ନାହିଁ । ପୂର୍ବତନ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ କାର୍ଯ୍ୟକାଳର ସାଢ଼େ ୩ ବର୍ଷ ମଧ୍ୟରେ ଏଠାରେ ଇଟା ଖଣ୍ଡେ ବି ପଡ଼ି ନ ଥିଲା । ବରଂ ବର୍ତମାନର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ସମୟରେ ବିଲଡିଂ ନିର୍ମାଣ ଦିଗରେ ପଦ ?କ୍ଷେପ ନିଆଯିବା ସହ ପାଚେରି ବୁଲା କାର୍ଯ୍ୟ ବି ଶେଷ ହୋଇଛି । ହେଲେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଏବେ ବି ୪ଟି ବିଭାଗର ଛାତ୍ରଛାତ୍ରୀ ଦୁଇଟି କ୍ୟାମ୍ପସରେ ଭାଗ ଭାଗ ହୋଇ ପଢୁଛନ୍ତି । ଅଧେ ଭୁବନେଶ୍ୱରସ୍ଥିତ ମୁଖ୍ୟ କ୍ୟାମ୍ପସରେ ଏବଂ ଆଉ ଅଧେ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସରେ ଶିକ୍ଷା ଗ୍ରହଣ କରୁଛନ୍ତି । ନର୍ସିଂ ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ନେଇ କିଛି ମାସ ତଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା ।

# ଗୋପାଳପୁର ବନ୍ଦରର ବିକାଶ ତଥା ବିସ୍ତାର ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଗୋପାଳପୁର ବନ୍ଦରର ବିକାଶ ଓ ବିସ୍ତାର ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଗୋପାଳପୁର ବନ୍ଦର ଲିମିଟେଡ୍ ମଧ୍ୟରେ ଆଜି ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ସମ୍ମିଳନୀ କକ୍ଷରେ ମନ୍ତ୍ରୀ ପଦ୍ମନାଭ ବେହେରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଉପସ୍ଥିତିରେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଓ ବାଣିଜ୍ୟ ଓ ପରିବହନ ବିଭାଗ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଗଞ୍ଜାମ ଜିଲ୍ଲାର ଅର୍ଜ୍ଜୀପାଲୀଠାରେ ଅବସ୍ଥିତ ଗୋପାଳପୁର ବନ୍ଦର ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହୋଇ ଆସୁଥିଲା । ଏହାକୁ ଏକ ସବୁଦିନିଆ ବନ୍ଦରରେ ବିକଶିତ ଓ ସଂପ୍ରସାରିତ କରିବା ପାଇଁ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ମାଧ୍ୟମରେ ୨୦୦୬ ମସିହା ସେପେଟମ୍ବର ୧୪ ତାରିଖରେ ସରକାରୀ-ବେସରକାରୀ ଭାଗୀଦାରି(ପିପିପି) ମୋଡ୍ ରେ ମେସର୍ସ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସ୍‌ଏଲ୍) ଦ୍ୱାରା ପରିଚାଳିତ ବନ୍ଦର ପରିଚାଳନା ସଂସ୍ଥା ତଥା ଗୋପାଳପୁର ପୋର୍ଟ ଲିମିଟେଡ୍ ସହିତ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା, ଯାହାଫଳରେ ଋତୁକାଳୀନ ବନ୍ଦରରୁ ଏକ ସବୁଦିନିଆ ବନ୍ଦରରେ ରୂପାନ୍ତରିତ ହୋଇପାରିଛି । ସମୟ କ୍ରମେ ୨୦୧୭ ମସିହା ଜାନୁଆରୀ ୧୮ ତାରିଖରେ ଗୋପାଳପୁର ବନ୍ଦର ପରିଚାଳନା ସଂସ୍ଥାରେ ମେସର୍ସ ଶପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା. ଲିଃ. (ଏସ୍‌ପିଏମ୍‌ଏଲ୍)ର ଯୋଗଦାନ ଏବଂ ଅଂଶଧନ ପରିବର୍ତ୍ତନ ଯୋଗୁ ଏସ୍‌ପିଏମ୍‌ଏଲ୍ ଦ୍ୱାରା ସଂଖ୍ୟାଗରିଷ୍ଠ ଅଂଶଧନ ହାସଲ ଏବଂ ବନ୍ଦର ପରିଚାଳନା କ୍ଷମତା ମେସର୍ସ ଓଡ଼ିଶା ଷ୍ଟିଭେଡୋର୍ସ ଲିମିଟେଡ୍ (ଓଏସ୍‌ଏଲ୍)ରୁ ମେସର୍ସ ଶପୋର୍ଜୀ ପାଲୋଞ୍ଜି ପୋର୍ଟ ମେଣ୍ଟେନାନ୍ସ ପ୍ରା. ଲିଃ.କୁ ସ୍ଥାନାନ୍ତରିତ ହୋଇଛି । ଏହି ବନ୍ଦର ପରିଚାଳନା କ୍ଷମତା ସ୍ଥାନାନ୍ତରଣ ଯୋଗୁଁ ଗୋପାଳପୁର ବନ୍ଦର ସହ ସଂଶୋଧିତ ରିହାତି ଚୁକ୍ତିନାମା ସ୍ୱାକ୍ଷର କରିବା ଆବଶ୍ୟକ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ପ୍ରକାଶ କରିଛନ୍ତି । ପ୍ରକାଶ ଥାଉ କି, ଏହି ରିହାତି ଚୁକ୍ତିନାମା ସ୍ୱାକ୍ଷର ପାଇଁ ୦୭/୧୨/୨୦୨୧ରେ ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ ବୈଠକରେ ଏହା ଅନୁମୋଦନ ଲାଭ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସଂଜୟ ମିଶ୍ର, ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନା ରାଉଳ, ଗୋପାଳପୁର ବନ୍ଦର ସି.ଇ.ଓ କ୍ୟାପ୍‌ଟେନ୍ ସନ୍ଦୀପ ଅଗ୍ରୱାଲ୍, ବନ୍ଦର ଉପଦେଷ୍ଟା ଅରବିନ୍ଦ ପାଣିଗ୍ରାହୀ, କର୍ପୋରେଟ୍ ଆଫୟାର୍ସ ଉପସଭାପତି ଡ. ଜଗଦୀଶ ଚନ୍ଦ୍ର ରାଉତ, ପରିଚାଳକ ରତିରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ସେଲଫ୍ ଫାଇନାନ୍‌ସିଙ୍ଗ୍ କୋର୍ସ ବନ୍ଦ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଲା ଏଆଇଏସ୍‌ଏଫ୍

ଭୁବନେଶ୍ୱର,୨୪ ମଇ - ରାଜ୍ୟର ପ୍ରମୁଖ ତିନିଟି ବିଶ୍ୱବିଦ୍ୟାଳୟରେ ସେଲ୍ଫ ଫାଇନାନ୍‌ସିଙ୍ଗ୍ କୋର୍ସ ବନ୍ଦ କରିବା ନିଷ୍ପତ୍ତି ବିରୁଦ୍ଧରେ ଏ.ଆଇ.ଏସ୍.ଏଫ୍. ରାଜ୍ୟ ଯୁଗ୍ମ ସମ୍ପାଦକ ବିବେକ କୃଷ୍ଣଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଆବଶ୍ୟକୀୟ ପାଠ୍ୟ ଭିତ୍ତିଭୂମି, ପ୍ରଫେସର, ଆସୋସିଏସଟ୍ ପ୍ରଫେସର, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ନଥିବାରୁ ସେଲଫ୍ ଫାଇନାନ୍‌ସିଙ୍ଗ୍ କୋର୍ସ ପାଠ୍ୟକ୍ରମରେ ଥିବା ଆସନ ସଂଖ୍ୟାର ଶତକଡ଼ା ୮୦ଭାଗ ହ୍ରାସ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗଭୀର ନୈରାଶ୍ୟ ଦେଖାଦେଇଛି । ଏହାର ସୁଯୋଗ ନେଇ ଘରୋଇ ବିଶ୍ୱବିଦ୍ୟାଳୟମାନେ ଚାହିଦା ଥିବା ଏହି ପାଠ୍ୟକ୍ରମର ଦେୟକୁ ଅଧିକ ମାତ୍ରାରେ ବୃଦ୍ଧି କଲେଣି। ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କ ଉପରେ ନିର୍ଭରଶୀଳ ଥିବା ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରର ମେଧାବୀ ଛାତ୍ରଛାତ୍ରୀମାନେ ଚାହିଦା ଥିବା ପାଠ୍ୟକ୍ରମ ଯଥା- ଡାଟା ସାଇନ୍ସ, ଏମ୍‌ଟେକ୍ କମ୍ପ୍ୟୁଟର ସାଇନ୍ସ, ରିମୋର୍ଟ ସେନ୍‌ସିଙ୍ଗ ଓ ଅନ୍ୟାନ୍ୟ ଚାହିଦା ଥିବା ପାଠ୍ୟକ୍ରମରେ କଟ୍‌ଅପ୍ ମାର୍କ ୮୦%ରୁ ଅଧିକ ରହୁଥିବାରୁ ଏଥିରେ ମେଧାବୀ ଛାତ୍ରଛାତ୍ରୀମାନେ ସୁଯୋଗ ପାଉଥିଲେ । ଆଜି ଏ.ଆଇ.ଏସ୍.ଏଫ୍. ରାଜ୍ୟ କମିଟିର ପ୍ରତିନିଧି ଦଳଜ୍ୟପାଳ ପ୍ରଫେସର ଗଣେଶିଲାଲ୍‌ଙ୍କୁ ସାକ୍ଷାତ କରି ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ଚଳାଇ ଆସିଥିବା ସେଲଫ୍ ଫାଇନାନ୍‌ସିଙ୍ଗ୍ ପାଠ୍ୟକ୍ରମକୁ ଦେୟମୁକ୍ତ ଓ ନିୟମିତ ପାଠ୍ୟକ୍ରମରେ ପରିଣତ କରିବା ପାଇଁ ଦୃଢ ଦାବି ଉପସ୍ଥାପନ କରିଛନ୍ତି । ଏହି ଦାବିପତ୍ର ଗ୍ରହଣ କରି ପ୍ରଫେସର ଗଣେଶୀ ଲାଲ୍ ଛାତ୍ର ସମାଜର ଉଦ୍‌ବେଗକୁ ଗୁରୁତ୍ୱ ପ୍ରଦାନ କରିବା ସହ ସରକାର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଓ ସରକାରୀ ଶିକ୍ଷା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ଥିବାରୁ ଛାତ୍ରସଂଘର ଏହି ଦାବି ଉପରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ଏ.ଆଇ.ଏସ୍.ଏଫ୍. ରାଜ୍ୟ ଯୁଗ୍ମ ସମ୍ପାଦକ ବିବେକ କୃଷ୍ଣ, ମନୋଜ କୁମାର କର ଓ ସୌମ୍ୟରଂଜନ ପୃଷ୍ଟି ଥିବା ବେଳେ 'ଶିକ୍ଷା ବଞ୍ଚାଅ-ଓଡ଼ିଶା ବଞ୍ଚଅ ଅଭିଯାନ'ର ଉପଦେଷ୍ଟା ଜୟନ୍ତ ଦାସ ଉପସ୍ଥିତ ଥିଲେ । ଛାତ୍ର ପ୍ରତିନିଧିମାନେ ସମାଜର ଭବିଷ୍ୟତ ଶିକ୍ଷାନବିଷଙ୍କ ଭବିଷ୍ୟତ ସମ୍ପର୍କରେ ମହାମହିମ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି ।

# ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ ଉଦଯାପିତ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି।

ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବରେ ଓଡ଼ିଶାର ୧୩ ପ୍ରକାରର ଆଦିମ ଜନଜାତିଙ୍କର ନୃତ୍ୟ ପରିବେଷଣ କରାଯାଇଥିଲା। ଆଜି ଦ୍ୱିତୀୟ ଦିବସରେ ଲାଞ୍ଜିଆ ସଉରାଙ୍କ ବେଣ୍ଟନୃତ୍ୟ ପରିବେଷିତ ହୋଇଥିଲା । ଏହି ନୃତ୍ୟରେ ପୁରୁଷ ଓ ମହିଳାମାନେ ଏକତ୍ର ବାଦ୍ୟ ଓ ସଂଗୀତର ତାଳେ ତାଳେ ନୃତ୍ୟ କରିଥିଲେ । ଲୋଧା ଜନଜାତିଙ୍କ ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ରହିଛି । ଆଜି ଏହି ଝୁମର ନୃତ୍ୟରେ କଳାକାରମାନେ ଝୁମ୍-ଝୁମ୍ ଶବ୍ଦ କରି ଅତି ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଡଙ୍ଗରିଆ କନ୍ଧମାନଙ୍କର ଧାଙ୍ଗଡ଼ା-ଧାଙ୍ଗଡ଼ୀ ନୃତ୍ୟ, ଜୁଆଙ୍ଗ ଜନଜାତିଙ୍କ ଚାଙ୍ଗୁ ନୃତ୍ୟ, ପାଉଡ଼ି ଭୂୟାଁଙ୍କର ବିସ୍‌ରୀ ନୃତ୍ୟ, କୁଟିଆ କନ୍ଧଙ୍କ ଧାଙ୍ଗଡ଼ା-ଧାଙ୍ଗଡ଼ୀ ନୃତ୍ୟ, ଚନ୍ଦ୍ରଗିରିର ସଉରା ଜନଜାତିଙ୍କର ଚଇତି ନୃତ୍ୟ ପରିବେଷିତ ହୋଇଥିଲା । ପ୍ରତ୍ୟେକ ଜନଜାତି ନିଜସ୍ୱ ନୃତ୍ୟ, ସଂଗୀତ, ବାଦ୍ୟ, ପାରମ୍ପରିକ ସାଜସଜ୍ଜାରେ ନୃତ୍ୟ ପରିବେଷଣ କରିଥିଲେ ।

ନୃତ୍ୟ ଶେଷରେ ଆଜି କଳାକାରମାନଙ୍କୁ ସ୍ମୃତିଫଳକ ଓ ପ୍ରମାଣପତ୍ର ପ୍ରଦାନପୂର୍ବକ ସମ୍ମାନିତ କରାଯାଇଥିଲା ।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୩ ଯୋଡା ଟ୍ରେନ ବାତିଲ୍

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ପରିସୀମା ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, ପୂର୍ବ ତଟ ରେଳପଥରୁ ଛାଡୁଥିବା ଏବଂ ଯାତ୍ରା ସମାପ୍ତ କରୁଥିବା ତିନି ଯୋଡ଼ା ଦୂରଗାମୀ ଟ୍ରେନକୁ ଆଉ ଏକ ମାସ ପାଇଁ ବାତିଲ କରିବାକୁ ନିଷ୍ପତି ନିଆଯାଇଛି। ଭୁବନେଶ୍ୱର ଠାରୁ ପ୍ରତ୍ୟକ ସୋମବାର ଏବଂ ଗୁରୁବାର ଦିନ ଛାଡୁଥିବା ୧୨୮୮୦ ଭୁବନେଶ୍ୱର-ମୁମ୍ବାଇ ଏଲଟିଟି ଏକ୍ସପ୍ରେସ ଜୁନ୍ ୨୩ ପର୍ଯ୍ୟନ୍ତ ବାତିଲ ରହିବାକୁ ଥିବାବେଳେ ମୁମ୍ବାଇ ଏଲଟିଟିରୁ ପ୍ରତ୍ୟେକ ବୁଧବାର ଏବଂ ଶନିବାର ଦିନ ଛାଡୁଥିବା ୧୨୮୭୯ ମୁମ୍ବାଇ ଏଲଟିଟି- ଭୁବନେଶ୍ୱର ଏକ୍ସପ୍ରେସ ଜୁନ୍ ୧୮ ପର୍ଯ୍ୟନ୍ତ ବାତିଲ ରହିବ। ସେହିପରି ପୁରୀ ଠାରୁ ପ୍ରତ୍ୟକ ମଙ୍ଗଳବାର ଛାଡୁଥିବା ୨୨୮୬୬ ପୁରୀ-ମୁମ୍ବାଇ ଏଲଟିଟି ଏକ୍ସପ୍ରେସ ଜୁନ୍ ୨୧ ପର୍ଯ୍ୟନ୍ତ ଏବଂ ମୁମ୍ବାଇ ଏଲଟିଟିରୁ ପ୍ରତ୍ୟେକ ଗୁରୁବାର ଛାଡୁଥିବା ୨୨୮୬୫ ମୁମ୍ବାଇ ଏଲଟିଟି-ପୁରୀ ଏକ୍ସପ୍ରେସ ଜୁନ୍ ୨୩ ପର୍ଯ୍ୟନ୍ତ ବାତିଲ ରହିବ । ବିଶାଖାପାଟନମ୍ ରୁ ପ୍ରତ୍ୟେକ ରବିବାର ଦିନ ଛାଡୁଥିବା ୨୨୮୪୭ ବିଶାଖାପାଟନମ୍-ମୁମ୍ବାଇ ଏଲଟିଟି ଏକ୍ସପ୍ରେସ ଜୁନ୍ ୧୯ ପର୍ଯ୍ୟନ୍ତ ଏବଂ ମୁମ୍ବାଇ ଏଲଟିଟିରୁ ପ୍ରତ୍ୟେକ ମଙ୍ଗଳବାର ଦିନ ଛାଡୁଥିବା ୨୨୮୪୮ ମୁମ୍ବାଇ ଏଲଟିଟି-ବିଶାଖାପାଟନମ୍ ଏକ୍ସପ୍ରେସ ଜୁନ୍ ୨୧ ପର୍ଯ୍ୟନ୍ତ ବାତିଲ୍ ରହିବ । ସେହିଭଳି ପୂର୍ବତଟ ରେଳପଥ ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳ ମଧ୍ୟରେ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଟ୍ରାକ ରକ୍ଷଣାବେକ୍ଷଣ ସହିତ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ୬ ଟି ଟ୍ରେନ୍ ମଇ ୨୮ ଓ ୨୯ ତାରିଖ ପାଇଁ ବାତିଲ କରାଯାଅଛି । ଏହି ଟ୍ରେନ୍ ଗୁଡିକ ହେଉଛି ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଣ୍ଟର ସିଟି ଏକ୍ସପ୍ରେସ , ୨୨୮୨୦/୨୨୮୧୯ ବିଶାଖାପାଟନମ୍-ଭୁବନେଶ୍ୱର-ବିଶାଖାପାଟନମ୍ ଇଣ୍ଟର ସିଟି ଏକ୍ସପ୍ରେସ୍ ,୧୮୫୩୨/୧୮୫୩୧ ବିଶାଖାପାଟନମ୍-ପଲାସା-ବିଶାଖାପାଟନମ୍ ଏକ୍ସପ୍ରେସ୍, ୦୮୫୪୬/୦୮୫୪୫ ବିଶାଖାପାଟନମ୍-କୋରାପୁଟ-ବିଶାଖାପାଟନମ୍ ପାସେଞ୍ଜର ସ୍ପେଶାଲ , ୧୮୪୧୭/୧୮୪୧୮ ପୁରୀ-ଗୁଣୁପୁର-ପୁରୀ ଏକ୍ସପ୍ରେସ ଏବଂ ୦୮୪୨୮/୦୮୪୨୭ ପୁରୀ-ଅନୁଗୁଳ-ପୁରୀ ପାସେଞ୍ଜର ସ୍ପେଶାଲ ।

# ବିଜୁଳିକାଟକୁ ନେଇ ଟାଟା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୫/୦୫ (ନି.ପ୍ର): ପ୍ରବଳ ଗରମ, ଅସହ୍ୟ ଗୁଳୁଗୁଳି ଓ କାଳ ବୈଶାଖୀକୁ ନେଇ ବିଜୁଳିର ଲୁଚକାଳି ଖେଳ ଓଡ଼ିଶାରେ ଲାଗି ରହିଛି। ମୁଖ୍ୟ ଶାସନ ସଚିବ ଓ ଶକ୍ତି ବିଭାଗ ସଚିବଙ୍କ ସମେତ ବହୁ ସରକାରୀ ପଦାଧିକାରୀ ବିଜୁଳିକାଟକୁ ନେଇ ଟାଟା କମ୍ପାନୀକୁ ତାଗିଦା କରିଥିଲେ ସୁଦ୍ଧା ଏବଂ ବିଜୁଳି କାଟ ନ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କେବଳ ଘୋଷଣାନାମାରେ ରହିଛି । ଏଭଳିକି ନିଜେ ବିଧାନସଭାର ବାଚସ୍ପତି ଶକ୍ତି ବିଭାଗ ଷ୍ଟାଡିଂ କମିଟି ବୈଠକରେ ବିଜୁଳିକାଟକୁ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲା ବେଳେ ରାଜ୍ୟବାସୀ କିନ୍ତୁ ବିଜୁଳିକାଟରୁ ମୁକ୍ତ ହୋଇପାରିନାହାନ୍ତି। ସାମାନ୍ୟ ପବନଟିକେ ହେଲେ କିମ୍ବା ଝିପି ଝିପି ବର୍ଷା ଆରମ୍ଭ ହେଲେ ଟାଟା କମ୍ପାନୀ ପକ୍ଷରୁ ତୁରନ୍ତ ବିଜୁଳି କାଟି ଦିଆଯାଉଛି। ଗତକାଲି ରାଜଧାନୀରେ ହୋଇଥିବା କାଳ ବୈଶାଖୀ ଝଡ଼ବର୍ଷାରୁ ଏହା ସ୍ପଷ୍ଟ ହୋଇଯାଇଛି। ଝଡ଼ବର୍ଷା ପରେ ମଙ୍ଗଳବାର ସକାଳ ୧୧ ଟା ପର୍ଯ୍ୟନ୍ତ ବିଜୁଳି କାଟ୍ ଜାରି ରହିଥିଲା। ଟାଟା କମ୍ପାନୀର ଏହି ମନମାନୀ ବିରୁଦ୍ଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମାଜବାଦି ପାର୍ଟି ରାଜ୍ୟ ସଭାପତି ରବି ବେହେରା ମୁଖ୍ୟ ଶାସନ ସଚିବଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ବିଜୁଳି ସମସ୍ୟାକୁ ନେଇ ଶ୍ରୀ ବେହେରା ଆଜି ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ରଙ୍କୁ ଏକ ଚିଠି ଲେଖି ଟାଟା କମ୍ପାନୀ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ମହାନଦୀର ଉଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ , ଛତିଶଗଡ ଓ ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ମହାନଦୀ ବଂଚାଅ ଆନ୍ଦୋଳନର ଚିଠି

ଭୁବନେଶ୍ୱର,୨୫/୦୫ (ନି.ପ୍ର): ମହାନଦୀର ଉଦ୍ଧାର ପାଇଁ ଆଜି ଦେଶର ପ୍ରଧାନମନ୍ତ୍ରୀ ତଥା ଉଭୟ ଓଡ଼ିଶା ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଙ୍କୁ ଚିଠି ଲେଖିଛି ମହାନଦୀ ବଞ୍ଚାଅ ଆନ୍ଦୋଳନ । ଜଳପୁରୁଷ ରାଜେନ୍ଦ୍ର ସିଂଙ୍କ ସମେତ ମହାନଦୀ ବଞ୍ଚାଅ ଆନ୍ଦୋଳନର ରାଜ୍ୟ ନେତୃତ୍ୱ ମାନେ ଏହି ଚିଠି ଲେଖିଛନ୍ତି । ଚିଠିରେ କଲମା ବ୍ୟାରେଜ୍ ରୁ ଛତିଶଗଡ ଓଡ଼ିଶା ପଟକୁ ଆଦୌ ପାଣି ନଛାଡିବା କୁ ଦୁର୍ଭାଗ୍ୟ ଜଣକଉଲ୍ଲେଖ କରାଯାଇଛି। ପ୍ରତ୍ୟେକଟି ନଦୀ ର ପ୍ରାକୃତିକ ପ୍ରବାହ ଆବଶ୍ୟକତା କୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ଗୁରୁତ୍ୱ ଦିଆ ଯାଇଛି । ପ୍ରବାହ ବିନା ନଦୀ, ନଦୀ ନୁହଁ । ସେଥିପାଇଁ କୌଣସି ନଦୀରେ ଜଳ ବିକାଶ ପ୍ରକଳ୍ପ କଲାବେଳେ ନଦୀର ସର୍ବନିମ୍ନ ଜଳ ପ୍ରବାହ ଯେମିତି ଅକ୍ଷୁର୍ଣ୍ଣ ରହେ ସେଥି ପ୍ରତି ଗୁରୁତ୍ୱ ଦେବାପାଇଁ ଆଇନରେ ବ୍ୟବସ୍ଥା କରାଯାଇଛି । ପ୍ରଧାମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ଲିଖିତ ଚିଠିରେ ମହାନଦୀ କୁ ବଞ୍ଚାଇ ରଖିବା ପାଇଁ ତାଙ୍କର ହସ୍ତକ୍ଷେପ ଲୋଡା ଯାଇଛି । ଛତିଶଗଡ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଲିଖିତ ଚିଠିରେ କଲମା ବ୍ୟରେଜର ୫ ଟି ଗେଟ୍ କୁ ତୁରନ୍ତ ଖୋଲିବା ପାଇଁ ଅନୁରୋଧ କରାଯିବା ସହିତ ତାଙ୍କ ସହ ସାକ୍ଷାତ ପାଇଁ ସମୟ ମଗା ଯାଇଛି । ସେହିପରି ଓଡ଼ିଶା ମୁଖ୍ୟମନ୍ତ୍ରୀ ଙ୍କୁ ଚିଠିରେ ରାଜ୍ୟ ସରକାର ମହାନଦୀର ଜୀବନ ପ୍ରତି ଗୁରୁତ୍ୱ ନଦେବାକୁ କଡା ସମାଲୋଚନା କରାଯିବା ସହିତ ଛତିଶଗଡ ମୁଖ୍ୟମନ୍ତ୍ରୀ ଙ୍କ ସହିତ ତୁରନ୍ତ କଥାବାର୍ତା କରି କଲମକ୍ଷ ବ୍ୟାରେଜ ର ଗେଟ ଖୋଲିବା ପାଇଁ ଅନୁରୋଧ କରାଯାଇଛି ।

# ଅନଲାଇନ ବ୍ୟବସ୍ଥାକୁ ପ୍ରତ୍ୟାହର କରାଯାଉ : କେନ୍ଦ୍ରୀୟ ଶ୍ରମିକ ସଂଗଠନ

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଅନଲାଇନ୍ ଜରିଆରେ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ ଓ ସହାୟତା ପ୍ରଦାନକୁ ବିରୋଧ କରି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ପକ୍ଷରୁ ଶ୍ରମ ବିଭାଗ ପ୍ରମୁଖ ସଚିବଙ୍କୁ ୮ ଦଫା ସମ୍ବଳିତ ଦାବି ପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କ ତରଫରୁ କୁହାଯାଇଛି ଯେ ଅନଲାଇନ ମାଧ୍ୟମରେ ଅଧିକାଂଶ ନିର୍ମାଣ ଶ୍ରମିକମାନଙ୍କୁ ସେମାନଙ୍କ ସହୟତା ରାଶିରୁ ବଞ୍ଚିତ କରିବାକୁ ରାଜ୍ୟ ସରକାରଙ୍କ ଏହା ଏକ ହୀନ ପ୍ରୟାସ। ପ୍ରଯୁକ୍ତି ବିଦ୍ୟା ନାମରେ ଶ୍ରମିକମାନଙ୍କ ଉପରେ ଏ ପ୍ରକାର ଅତ୍ୟାଚାରରୁ ନିବୃତ୍ତ ରହିବା ପାଇଁ ସରକାରଙ୍କୁ ଦାବି କରାଯାଇଛି। ବୋର୍ଡ଼ର ତୃଟିପୂର୍ଣ୍ଣ ନିତି ଓ ସ୍ଥାନୀୟ ଜିଲ୍ଲା ଦପ୍ତରରେ ଆବଶ୍ୟକୀୟ କର୍ମଚାରୀ ଓ ଭିତ୍ତିଭୂମି ଅଭାବରୁ ହଜାର ହଜାର ଶ୍ରମିକ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି କ୍ଷୋଭ ପ୍ରକାଶ କରାଯାଇଛି। ମୃତ୍ୟୁ ସହାୟତାକୁ ୬ ମାସ ମଧ୍ୟରେ ଦେବାକୁ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ଠିକ୍ ସମୟରେ ମିଳିପାରୁ ନାହିଁ। ସରକାର ଏହି ଅନଲାଇନ୍ ପଦ୍ଧତି ଆପଣାଇଲେ ଶ୍ରମିକ ସଂଗଠନଗୁଡ଼ିକର ମାନ୍ୟତା ହରାଇବେ ଓ ଶ୍ରମିକ ସଂଗଠନମାନଙ୍କର ଅଧିକାର ଛଡ଼ାଇ ନେବା ଲାଗି ସରକାରଙ୍କ ଏହା ଏକ ଷଡ଼ଯନ୍ତ୍ର ବୋଲି କୁହାଯାଇଛି। ସରକାର ଅନଲାଇନ ବ୍ୟବସ୍ଥା ସହିତ ଅଫ୍‌ଲାଇନ ବ୍ୟବସ୍ଥା କରିବା, କରୋନା ଯୋଗୁ ବିଦ୍ୟାଳୟ ବନ୍ଦ ଥିବା ଯୋଗୁ ମାର୍କସିଟି ଆସିନାହିଁ ଓ ସେଥିଲାଗି ନୂତନ ନିର୍ଦ୍ଦେଶ ଦେବା ସହ ପଞ୍ଚାୟତ ଅଫିସ୍ ଓ ମୁନିସିପାଲିଟିରେ ପଡ଼ିରହିଥିବା ୧୬୦ କୋଟି ଟଙ୍କାର କରୋନା ସହାୟତା ରାଶିକୁ ତୁରନ୍ତ ଫେରାଇ ଆଣିବାକୁ ଗୁରୁତ୍ୱ ଦିଆଯାଇଛି। ସରକାର ପ୍ରଯୁକ୍ତି ବିଦ୍ୟା ନାମରେ ସାଧାରଣ, ଅର୍ଦ୍ଧଶିକ୍ଷିତ ଓ ମୋବାଇଲ ବ୍ୟବହାର କରୁନଥିବା ଶ୍ରମିକମାନଙ୍କ ଉପରେ ଅନଲାଇନ ବ୍ୟବସ୍ଥାକୁ ବୋଝ ନକରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନମାନେ ଦାବି କରିଛନ୍ତି।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦର ସିବିଆଇ ତଦନ୍ତ ହେଉ : ବିଜୟ ମହାପାତ୍ର

ଭୁବନେଶ୍ୱର,୨୫/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଚାଲିଥିବା ବେଆଇନ ନିର୍ମାଣ କାମର ପ୍ରଥମ ଅଭିଯୁକ୍ତ ଏଏସ୍‌ଆଇ(ଭାରତୀୟ ପ୍ରତ୍ନତତ୍ୱ ବିଭାଗ) ଡିଜି। ଏଏସ୍‌ଆଇ ଡିଜି କଣ୍ଡିସନାଲ ପରମିସନ ଦେଇ ପ୍ରଥମ ଭୁଲ କରିଛନ୍ତି। ଜିଲ୍ଲା ପ୍ରଶାସନ ଶ୍ରୀମନ୍ଦିର ପ୍ରତି ସବୁଠୁ ବେଶି ଦାୟିତ୍ୱହୀନ ହୋଇ କାମ କରୁଛି। ସିବିଆଇ ତଦନ୍ତ ହେଲେ ଏ ସମସ୍ତେ ବନ୍ଧା ହେବେ। କେନ୍ଦ୍ର ସରକାର ତୁରନ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କ୍ଷେତ୍ରରେ ସିବିଆଇ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରିଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର। ତାଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଠିକ ଯେମିତି ଗତବର୍ଷ ସେପଟ୍ମେର ମାସରେ ଗୁଜୁରାଟ ଗାନ୍ଧିନଗର ସ୍ଥିତ ଏକ ମସଜିଦ ପାଖରେ ଚାଲିଥିବା ଖନନ କାର୍ଯ୍ୟ ନେଇ ଏଏସ୍‌ଆଇ ମିଛ ଅନୁମତି ଦେଇ ଧରାପଡ଼ିଥିଲା, ଏଠି ସେମିତି ଶ୍ରୀମନ୍ଦିର କ୍ଷେତ୍ରରେ ମଧ୍ୟ ତଦନ୍ତ ହେଲେ ସବୁ ଧରାପଡ଼ିବେ। ସିବିଆଇ ଏହି ମାମଲାର ତଦନ୍ତ କରି ଏଏସ୍‌ଆଇ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବାନ୍ଧିଥିଲା। ସେଠାରେ ଆମସାର ଆକ୍ଟର ୨୦ଏ ସେକ୍ସନ ପାଳନ ହୋଇ ନ ଥିଲା।

# ଭୁବନେଶ୍ୱର ଠାରେ ଜାତୀୟ ଖଣିଜ କଂଗ୍ରେସ ଏବଂ କୋଇଲା ବାଷ୍ପୀକରଣ କାରଖାନା ଗସ୍ତ ଆୟୋଜନ କରିବ କୋଇଲା ମନ୍ତ୍ରଣାଳୟ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୭ ଓ ୨୮ ତାରିଖରେ ଭୁବନେଶ୍ୱର ଓ ଅନୁଗୁଳ ଠାରେ ଜାତୀୟ ଖଣିଜ କଂଗ୍ରେସ ଏବଂ କୋଇଲା ବାଷ୍ପୀକରଣ କାରଖାନା ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଖଣିଜ କଂଗ୍ରେସ କାର୍ଯ୍ୟକ୍ରମକୁ କୋଇଲା ସଚିବ ତଥା ବିଶ୍ୱ ଖଣିଜ କଂଗ୍ରେସର ଭାରତୀୟ ଜାତୀୟ କମିଟି (ଆଇଏନସି ଡବ୍ଲୁଏମସି)ର ଅଧ୍ୟକ୍ଷ ଡକ୍ଟର ଅନୀଲ କୁମାର ଜୈନ ଉଦଘାଟନ କରିବେ । ଜେଏସପିଏଲର ଅଧ୍ୟକ୍ଷ ନବୀନ ଜିନ୍ଦଲ, ସିଆଇଏଲ, ଏନଏଲସିଆଇଏଲର ନିର୍ଦ୍ଦେଶକଗଣଙ୍କ ଭଳି ଶିଳ୍ପ ବିଶେଷଜ୍ଞଙ୍କ ସମେତ ବିଏଚଇଏଲ, ଇଆଇଏଲ, ସିଆଇଏମଏଫଆର, ଏୟାର ପ୍ରଡକ୍ଟର ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିବେ । ଏହି କଂଗ୍ରେସରେ ସିଆଇଏଲ ଏବଂ ଏହାର ସହାୟକ କମ୍ପାନୀ, ବିଏଚଇଏଲ, ଏସସିସିଏଲ, ଏନଏଲସିଆଇଏଲ, ହିଣ୍ଡାଲକୋ, ବେଦାନ୍ତ, ଏଚସିଏଲ, ନାଲକୋ, ଟାଟା ଷ୍ଟିଲ, ଜେଏସପିଏଲ, ଇପିଆଇଆରଓସି, ଗେନ୍ୱେଲ୍, ଇଆଇଏଲ, ଏସଟିଏମ କନଷ୍ଟ୍ରକ୍ସନ, ସୀନାଟା ବାୟୋ, ଏୟାର ପ୍ରଡକ୍ଟ ଏବଂ ଅନ୍ୟାନ୍ୟ ୨୦ରୁ ଅଧିକ କମ୍ପାନୀର ବିଶେଷଜ୍ଞମାନେ ମଧ୍ୟ ଏହି କଂଗ୍ରେସରେ ଅଂଶଗ୍ରହଣ କରିବେ । ମେ ୨୮ ତାରିଖ ୨୦୨୨ରେ ପେସାଦାରମାନେ ଅନୁଗୁଳସ୍ଥିତ କୋଇଲା ବାଷ୍ପୀକରଣ କାରଖାନା ପରିଦର୍ଶନ କରିବେ । ଏହା ଭାରତରେ ସେମାନଙ୍କୁ କୋଇଲା ବାଷ୍ପୀକରଣ କାରଖାନା ପ୍ରତିଷ୍ଠା କରିବା ଲାଗି ପ୍ରାରମ୍ଭିକ ଜ୍ଞାନ ଦେବାରେ ସହାୟକ ହେବ । ବାଷ୍ପୀକରଣ କାରଖାନା ପରିଚାଳନା ସମ୍ପର୍କରେ ମଧ୍ୟ ସେମାନେ ଜ୍ଞାନ ଆହରଣ କରିପାରିବେ । କେନ୍ଦ୍ର ସରକାର ପ୍ରଯୁକ୍ତିର ଉପଯୋଗ ଏବଂ କୋଇଲା ବାଷ୍ପୀକରଣ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଏହି ସଂକଳ୍ପକୁ ସାକାର କରିବା ଲାଗି, କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ କୋଇଲା ବାଷ୍ପୀକରଣ ମିଶନ ପାଇଁ ଦସ୍ତାବିଜ ଉନ୍ମୋଚନ କରାଯାଇଛି । ଅନୁରୂପ ଭାବେ ଅଂଶୀଦାରମାନଙ୍କ ସହିତ ବ୍ୟାପକ ବିଚାର ବିମର୍ଶ ପରେ ବିଗତ ୬ ମାସ ମଧ୍ୟରେ କୋଇଲାରୁ ହାଇଡ୍ରୋଜେନ ଓ ପ୍ରଯୁକ୍ତିର ବ୍ୟବହାର ନିମନ୍ତେ ରୋଡମ୍ୟାପ ପ୍ରସ୍ତୁତ କରାଯାଇଛି । ଆଇଏନସି ଡବ୍ଲୁଏମସି ଦ୍ୱାରା ଜାତୀୟ ଖଣିଜ କଂଗ୍ରେସ ଆୟୋଜନ କରାଯାଉଛି । ଏହାର ମୂଳ ଲକ୍ଷ୍ୟ ହେଉଛି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିଚାର ବିମର୍ଶ, ଆଲୋଚନା, ମତ ବିନିମୟ କରିବା । ଫଳରେ ଉପଯୁକ୍ତ ଭାବେ ନିର୍ଦ୍ଧାରିତ ହୋଇଥିବା ଏସବୁ ପ୍ରସଙ୍ଗର ସମାଧାନ ପାଇଁ ମାର୍ଗ ଓ ମାଧ୍ୟମ ମିଳିପାରିବ । ବିଶ୍ୱ ଖଣିଜ କଂଗ୍ରେସର ଭାରତୀୟ ଜାତୀୟ କମିଟି (ଆଇଏନସି ଡବ୍ଲୁଏମସି) ମିଳିତ ଜାତିସଂଘ ଅନୁବନ୍ଧିତ ଏକ ସଂଗଠନ ବିଶ୍ୱ ଖଣିଜ କଂଗ୍ରେସର ମାନ୍ୟତାପ୍ରାପ୍ତ ସଂଗଠନ ଭାବେ ଖ୍ୟାତି ଲାଭ କରିଛି । ଭାରତୀୟ ଖଣିଜ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରି ଖଣିଜ ଖନନ ଓ ଖଣିଜ କ୍ଷେତ୍ରର ବିକାଶକୁ ପ୍ରୋତ୍ସାହନ ଓ ଅଭିବୃଦ୍ଧି ଲକ୍ଷ୍ୟ ନେଇ ଏହି ସଂଗଠନ କାର୍ଯ୍ୟ କରିଥାଏ । କେନ୍ଦ୍ର କ୍ୟାବିନେଟଙ୍କ ଅନୁମୋଦନ ଲାଭ କରିବା ପରେ ଏହି ସଂଗଠନ ସୋସାଇଟିଜ୍ ରେଜିଷ୍ଟ୍ରେସନ ଆଇନ ଅଧୀନରେ ୨୦୧୬ରେ ପଞ୍ଜିକୃତ ହୋଇଛି । କୋଇଲା ମନ୍ତ୍ରଣାଳୟ ଏହାର ପୃଷ୍ଠପୋଷକ ଥିବା ବେଳେ କୋଇଲା ସଚିବ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି । ଶକ୍ତି, ଇସ୍ପାତ ଓ ଖଣି ସଚିବ ସଂଗଠନର ସହଅଧ୍ୟକ୍ଷ ରହିଛନ୍ତି । ବିଭିନ୍ନ ଶିକ୍ଷାନୁଷ୍ଠାନ ବ୍ୟତୀତ, ଖଣିଜ କ୍ଷେତ୍ରରେ ନିୟୋଜିତ ପେସାଦାରମାନେ ଏହି ସମିତିର ସଚିବ ଅଛନ୍ତି ଏବଂ ସିଆଇଏଲର ଅଧ୍ୟକ୍ଷ ସଦସ୍ୟ ସଚିବ ଭାବେ କାର୍ଯ୍ୟ କରିଥାନ୍ତି । କୋଭିଡ ପରେ, ୨୦୨୧ରେ ଏହାର କାର୍ଯ୍ୟକଳାପରେ ସଂଶୋଧନ ଅଣାଯାଇଛି ଏବଂ ସେବେଠାରୁ ସମିତି ଦ୍ୱାରା ପ୍ରଥମ ଥର ପାଇଁ ଏତେ ବଡ଼ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ନବ ଓଡିଶାର ବିନ୍ଧାଣୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ମାଲ୍ୟାର୍ପଣ କରିଥିଲେ । ଶ୍ରୀ ମହାନ୍ତି କହିଥିଲେ ଯେ, ପାରଳା ମହାରାଜା ସେ ସମୟରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ସେହିପରି ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ପ୍ରମୁଖ ମାଲ୍ୟାର୍ପଣ କରି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଟ୍ରକ ଚାପାରେ ଟ୍ରକ ହେଲପରର ମୃତ୍ୟୁ



ବସ୍ତା, ୨୫/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବାହାର୍ଦା ବଜାରରେ ଥିବା ସିମେଣ୍ଟ ଗୋଦାମ ରେ ଟ୍ରକ ପାର୍କିଂ କରୁଥିବା ବେଳେ ଦୁର୍ଘଟଣା ଘଟି ହେଲ୍ପର ର ମୃତ୍ୟୁ , ଘଟିଛି । ସୂଚନାରୁ ପ୍ରକାଶ ସିମେଣ୍ଟ ଗୋଦାମ ରେ ଟ୍ରକ ଟିକୁ ପାର୍କିଂ କରୁଥିବା ସମୟରେ ଡ୍ରାଇଭରଙ୍କ ଅସାବଧାନତା ବଶତଃ ଟ୍ରକ ପଛ ପଟେ ଛିଡା ହୋଇଥିବା ହେଲ୍ପର ଉପର କୁ ଟ୍ରକ ଟି ଚଢିଯାଇଥିଲା , ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡାକ୍ତରଖାନା କୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ଘଟଣା ଟ୍ରକ ର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ବସ୍ତା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ କୁ ଜବତ କରି ତଦନ୍ତ ଜାରି ରଖିଛି । ତେବେ ମୃତ ହେଲପର ଜଣକ ରୁପ୍ସା ଥାନା ଅନ୍ତର୍ଗତ ଚକପୋଡାଡିହା ଗ୍ରାମ ର ରତିକାନ୍ତ ଜେନା ବୋଲି ଜଣା ପଡିଛି ।

## ରେଳବାଇର ବିଚିତ୍ର ନିୟମ : ଗଲାବେଳେ ମିଳୁଛି ଟିକେଟ ଆସିବା ବେଳେ ନାହିଁ

ଜଳେଶ୍ୱର, ୨୫/୫(ନି.ପ୍ର): ଭାରତୀୟ ରେଳବାଇର ବିଚିତ୍ର ନିତୀ ଯୋଗୁଁ ଜନସାଧାରଣ ହଇରାଣ ହରକତ ହେଉଛନ୍ତି । ଏଥିନେଇ କେତେକ ଅଭିଯୋଗ ଦକ୍ଷିଣପୂର୍ବ ରେଳପଥର ପ୍ରବନ୍ଧକଙ୍କ ନିକଟକୁ ପଠାଯାଇଛି । ଓଡିଶାର ଭୁବନେଶ୍ୱରରୁ ଆନନ୍ଦ ବିହାର ଯାଉଥିବା ୧୨୮୧୯ ଓଡିଶା ସମ୍ପର୍କକ୍ରାନ୍ତି ସୁପର'ଫାଷ୍ଟ ଟ୍ରେନ୍ର ଅଣସଂରକ୍ଷିତ ଟିକଟ ମିଳୁଥିବା ବେଳେ ସେହି ଗାଡିର ୧୨୮୨୦ ଆପ୍ରେ ଅଣସଂରକ୍ଷିତ ଟିକଟ ଦିଆଯାଉନାହିଁ । ଲୋକେ ଗୋଟିଏ ପଟେ ଅଣସଂରକ୍ଷିତ ଟିକଟ ଷ୍ଟେସନରୁ ପାଇପାରୁଥିବା ବେଳେ ଅନ୍ୟ ପଟ ଟିକଟ୍ ଅନ୍ଲାଇନ୍ରେ କରିବାକୁ ବାଧ୍ୟ ହେଉଛନ୍ତି । ସେହିପରି ୧୮୪୭୭ ପୁରୀ-ରିଷିକେଶ କଳିଙ୍ଗ ଉତ୍କଳ ଏକ୍ସପ୍ରେସର ଜଳେଶ୍ୱର ଠାରେ ରହଣି ନଥିବା ବେଳେ ୧୪୪୭୮ ରିଷିକେଶ-ପୁରୀ ଟ୍ରେନ୍ର ଜଳେଶ୍ୱର ଠାରେ ରହଣି ରହିଛି । ଏଭଳି ଘଟଣାଯୋଗୁଁ ଉକ୍ତ ଟ୍ରେନ୍ର ଯାତ୍ରୀମାନେ ହଇରାଣ ହରକତ ହେଉଛନ୍ତି । ଜଳେଶ୍ୱରଠାରେ ଟ୍ରେନ୍ ଅଟକୁନଥିବାରୁ ଏଥିରେ ଯିବାକୁ ଥିବା ଶହ ଶହ ଯାତ୍ରୀମାନେ ୫୦କି.ମି. ଦୂର ବାଲେଶ୍ୱର କିମ୍ବା ହିଜିଲି ଯାଇ ବିଳମ୍ବିତ ରାତିରେ ହଇରାଣ ହେଉଛନ୍ତି । ଏ ସମ୍ପର୍କରେ ଆଇନ୍ଜିବୀ ଗଣେଶଚନ୍ଦ୍ର ମାଇତିଙ୍କ ନେତୃତ୍ୱରେ କେତେକ ବ୍ୟକ୍ତି ଦକ୍ଷିଣପୂର୍ବ ରେଳପଥର ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ନିଯୁକ୍ତି ମେଳା ଆୟୋଜିତ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଭିନ୍ନକ୍ଷମ ମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ), ଭୁବନେଶ୍ୱର, ରୋଜଗାର ମହାନିର୍ଦ୍ଦେଶାଳୟ (ଡିଜିଇ), ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ, ଭାରତ ସରକାର ଦ୍ୱାରା ଏକ ଛୋଟ ନିଯୁକ୍ତି ମେଳାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ସମସ୍ତ ପ୍ରାର୍ଥୀ ମାନେ (ଉଭୟ ଭିନ୍ନକ୍ଷମ ଏବଂ ଅଣ ଭିନ୍ନକ୍ଷମ) ଏନ.ସି.ଏସ.ସି.ଡି.ଏ କାର୍ଯ୍ୟାଳୟ ପରିସରରେ ଏହି ନିଯୁକ୍ତି ମେଳାରେ ଭାଗ ନେଇଥିଲେ । ଏଥିରେ ଚଳନ ଶକ୍ତି ବାଧିତ ଭିନ୍ନକ୍ଷମମାନଙ୍କ ପାଇଁ ପଦବୀ ଥିଲା । ଏହି କାର୍ଯ୍ୟକ୍ରମ ସୁଜିତ କୁମାର ସାହୁ, ସହକାରୀ ନିର୍ଦ୍ଦେଶକ, ଶ୍ରୀମତୀ ମିନତୀ ପଟ୍ଟନାୟକ, କର୍ମଶାଳା ତତ୍ତ୍ୱାବଧକ ଏବଂ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ସଫଳ ହୋଇଛି । ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରରୁ ଯଥା ଲଜିଷ୍ଟିକ, ନର୍ସିଂ, ମାର୍କେଟିଙ୍ଗ, ଅଟୋ ମୋବାଇଲ, ଟେଲି କଲର ଆଦି ପ୍ରାୟ ୨୫୦ ରୁ ଅଧିକ ପଦବୀ ପାଇଁ ବିଭିନ୍ନ କମ୍ପାନି ମାନେ ଯୋଗଦେଇଛନ୍ତି । ଏହି ନିଯୁକ୍ତି ମେଳାରେ ପ୍ରାୟ ୫୮ ରୁ ଉର୍ଦ୍ଧ୍ୱ ପ୍ରାର୍ଥୀମାନେ ଯୋଗ ଦେଇଥିଲେ । ସେଥି ମଧ୍ୟରୁ ୨୫ ଜଣ ପ୍ରାର୍ଥୀ ସର୍ଟଲିଷ୍ଟ ହୋଇଛନ୍ତି । ଏନସିଏସସିଡିଏର ସହକାରୀ ନିର୍ଦ୍ଦେଶକ ସୁଜିତ କୁମାର ସାହୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ନିଯୁକ୍ତିଦାତାଙ୍କୁ ଧନ୍ୟବାଦ ଜଣାଇବା ସହ ସେମାନଙ୍କ ସଂଗଠନ ପାଇଁ ଅଧିକରୁ ଅଧିକ ପିଡବ୍ଲୁଡି ନିଯୁକ୍ତି ପାଇଁ ଉତ୍ସାହିତ କରିଥିଲେ । ପ୍ରତ୍ୟେକ ସଂଗଠନରେ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ନିଶ୍ଚିତ କରିବାକୁ ଏହି କେନ୍ଦ୍ର ଦ୍ୱାରା ଆୟୋଜିତ ହେବାକୁ ଥିବା ଭବିଷ୍ୟତର ଚାକିରି ମେଳାରେ ଅଂଶଗ୍ରହଣ କରିବାକୁ ଶ୍ରୀ ସାହୁ ସେମାନଙ୍କୁ ଅନୁରୋଧ କରିଥିଲେ ।

## ବର୍ଦ୍ଧିତ ଦରମାରୁ ବଞ୍ଚିତ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ଧାରଣା

ବାଲେଶ୍ୱର,୨୫/୦୫ (ନି.ପ୍ର): ବର୍ଦ୍ଧିତ ଦରମା (ଏମଏସଇପି)ର ବକେୟା ରାଶି ପ୍ରଦାନ ଦାବିରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନ, ସଦର ବ୍ଲକ ଶାଖା ପକ୍ଷରୁ ବୁଧବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ପ୍ରମୋଦ କୁମାର ପାଢ଼ୀ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଶିକ୍ଷକନେତା ସଞ୍ଜୟ ମଣ୍ଡଳ, ରାମଚନ୍ଦ୍ର ସିଂ, ନିରଞ୍ଜନ ଗିରି, ମନୋଜ କୁମାର ମାଝୀ, ରାକେଶ ହାଁସଦା ପ୍ରମୁଖ ଶିକ୍ଷକ ନେତାମାନେ ଯୋଗଦେଇ ଶିକ୍ଷକ ଶିକ୍ଷୟତ୍ରୀଙ୍କ ନ୍ୟାଯ୍ୟ ପ୍ରାପ୍ୟ ପ୍ରଦାନରେ ସଦର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉଦାସୀନତାର ତୀବ୍ର ସମାଲୋଚନା କରିଥିଲେ । ସେମାନଙ୍କ ଅଭିଯୋଗ ଅନୁସାରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଚାକିରୀ କାଳ ୩୦ ବର୍ଷ ପୂରିବା ପରେ ସେମାନଙ୍କୁ ଏକ ବର୍ଦ୍ଧିତ ଦରମା ମିଳିବା ନେଇ ସରକାରୀ ନିର୍ଦ୍ଦେଶ ରହିଛି । ବାଲେଶ୍ୱର ଜିଲ୍ଲାରେ ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରାଥମିକ ଶିକ୍ଷକମାନେ ଏହି ୩୦ ବର୍ଷୀୟ ବର୍ଦ୍ଧିତ ଦରମା ପାଇ ସାରିଥିବା ବେଳେ କେବଳ ସଦର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ପ୍ରିୟାପ୍ରୀତି ତୋଷଣ ଓ ଟାଳଟୁଳ ନୀତି ଯୋଗୁ ୨୦୧୬ ମସିହାରୁ ଯୋଗ୍ୟ ଶିକ୍ଷକମାନେ ଅଦ୍ୟାବଧି ଏହି ରାଶି ପାଇବାରେ ବଞ୍ଚିତ ହୋଇ ଚାଲିଛନ୍ତି । ବ୍ଲକ ଶିକ୍ଷା ବିଭାଗର ଅବହେଳା ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ କମ ଦରମା ପାଉଥିବା ବେଳେ ଓ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବି ପେନସନ ପ୍ରଦାନ କରାଯାଉଛି । ଏନେଇ ଶିକ୍ଷକ ସଂଘ ପକ୍ଷରୁ ସଦର ବ୍ଲକ ଶିକ୍ଷାଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେ ଜାଣିଶୁଣି ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନଥିବା ଶିକ୍ଷକ ନେତାମାନେ ଆରୋପ ଉଠାଇଛନ୍ତି । ବର୍ଦ୍ଧିତ ବେତନ ପାଇବା ପାଇଁ ସଦର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୮୦ରୁ ଅଧିକ ଯୋଗ୍ୟ ଶିକ୍ଷକ ଥିବାବେଳେ କେଉଁ ନୀତିରେ ମାତ୍ର ୮ ଜଣଙ୍କ ବେତନ ବୃଦ୍ଧି କରାଯାଇଛି ବୋଲି ବକ୍ତାମାନେ ପ୍ରଶ୍ନ କରିଥିଲେ । ଅନ୍ୟମାନଙ୍କୁ କେଉଁ କାରଣ ପାଇଁ ଏଥିରୁ ବଞ୍ଚିତ କରାଯାଇଛି, ସେନେଇ ସଂଘ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଛି । ସଦର ବ୍ଲକ ଶିକ୍ଷାଧିକାରୀଙ୍କ ଖାମଖିଆଲି କାର୍ଯ୍ୟଧାରା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ଶିକ୍ଷକ ନେତାମାନେ ଚେତାବନୀ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ପାଇଁ ମହାନଦୀ କେବଳ ନିର୍ବାଚନୀ ପ୍ରସଙ୍ଗ: ବିଜେପି

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଗତ ସାଧାରଣ ନିର୍ବାଚନ ପୂର୍ବରୁ ୨୦୧୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ସୁଖସୁଡା ଗ୍ରାମକୁ ଯାଇ "ମହାନଦୀ ମୋ ମାଁ ଏବଂ ଆବଶ୍ୟକ ପଡିଲେ ନିଜ ଜୀବନ ଉତ୍ସର୍ଗ କରିବି" ବୋଲି ବଡ ପାଟିରେ ଘୋଷଣା କରିଥିଲେ । କିନ୍ତୁ ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ଏବେ ଶୁଖିଲା ପଡ଼ିଛି । ମହାନଦୀର ସୁରକ୍ଷା ଓ ବର୍ଷାଜଳ ସଂରକ୍ଷଣ ଲାଗି ୭ଟି ବ୍ୟାରେଜର କରିବାର ମିଛ ପ୍ରତିଶ୍ରୁତି ଦେଇଥିବା ରାଜ୍ୟ ସରକାର ବର୍ତ୍ତମାନ ଯାଏଁ ବ୍ୟାରେଜ ନିର୍ମାଣ ଲାଗି ଜାଗା ଚିହ୍ନଟ କରିବାରେ ବିଫଳ ହୋଇଛନ୍ତି । ୫ ବର୍ଷ ପୂର୍ବେ ଏକଦା ମହାନଦୀକୁ ନେଇ ନିର୍ବାଚନ ପ୍ରସଙ୍ଗ କରିଥିବା ମୁଖ୍ୟମନ୍ତ୍ରୀ ଏବଂ ଏହି ପ୍ରସଙ୍ଗରେ ରାଜରାସ୍ତାରେ ଛିଡା ହୋଇ, ହାତରେ ମାଠିଆ ଧରି ମାନବଶୃଙ୍ଖଳ ଜରିଆରେ ଡ୍ରାମାବାଜି କରୁଥିବା ଶାସକ ବିଜେଡିର ନେତୃବୃନ୍ଦ ଆଜି ମହାନଦୀ ପ୍ରସଙ୍ଗରେ ମୌନ ସାଜିଛନ୍ତି ବୋଲି ପୂର୍ବତନ ବିଧାୟକ ତଥା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି । ନିର୍ବାଚନ ସରିବା ସହିତ ଶାସକ ବିଜେଡିର ଡ୍ରାମାବାଜି ମଧ୍ୟ ସରିଗଲା । ମହାନଦୀ ପ୍ରସଙ୍ଗରେ ବିଜେଡିର ମନ୍ତ୍ରୀ, ବିଧାୟକ ତଥା ସ୍ଥାନୀୟ ନେତୃବୃନ୍ଦଙ୍କ କୌଣସି ପ୍ରତିକ୍ରିୟା ନାହିଁ, ବରଂ ଅସମ୍ବେଦନଶୀଳ ହୋଇପଡିଛନ୍ତି । ଅଣମୌସୁମୀ ସମୟରେ ମହାନଦୀ ଶୁଷ୍କ ଥିବା କାରଣରୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳବାସୀଙ୍କ ଅବସ୍ଥା ଅବର୍ଣ୍ଣନୀୟ । ଚାଷୀକୁଳ ପାଣି ନପାଇବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଏବଂ ମରୁଡି ସ୍ଥିତି ସୃଷ୍ଟି ହୋଇଛି । ଶୁଷ୍କ ପଡିଥିବା ମହାନଦୀ ଅବବାହିକା ଅଂଚଳବାସୀଙ୍କ ପାଇଁ ଶାସକ ବିଜେଡିର କୌଣସି ଚିନ୍ତା ନାହିଁ, କିନ୍ତୁ ନିର୍ବାଚନରେ ଭୋଟ ହାତେଇବା ପାଇଁ ମାଳ ମାଳ ମନ୍ତ୍ରୀ, ବିଧାୟକ ଓ ନେତାଗଣ ଆଜି ଡେରା ପକାଇଛନ୍ତି । ବ୍ରଜରାଜନଗର ନିର୍ବାଚନମଣ୍ଡଳୀବାସୀଙ୍କୁ ଚଳିତ ବର୍ଷର ମରୁଡି ସହାୟତା କେବେ ମିଳିବ ? ଲଖନପୁର ବ୍ଲକର ପନିପରିବା ଚାଷୀଙ୍କ ପାଇଁ ମଣ୍ଡି ଓ ଶିତଳଭଣ୍ଡାର କେବେ ନିର୍ମାଣ ହେବ ? ବୁଡି ଅଂଚଳ ଏବଂ ଡିପ ବୋରୱେଲର ସହାୟତାରେ ଚାଷ କରିଥିବା ଧାନ କେଉଁଠି ବିକ୍ରି କରିବେ ? ଅଭାବୀ ବିକ୍ରିର ଶିକାର ଏହି ଅଂଚଳର ଚାଷୀମାନେ ହୋଇ କମ୍ ମୂଲ୍ୟରେ ପଡୋଶୀ ଛତିଶଗଡକୁ ଧାନ ବିକ୍ରି କରୁଛନ୍ତି । ପ୍ରକୃତ ମୂଲ୍ୟ ଦେଇ ଚାଷୀର କଷ୍ଟ ଉପାର୍ଜିତ ଧାନକୁ କିଣିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ସମୟ ନଥିବାବେଳେ ରାଜ୍ୟ କୃଷିମନ୍ତ୍ରୀ ଦଳୀୟ ପ୍ରଚାରରେ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳରେ ଡେରା ପକାଇବା ଅତ୍ୟନ୍ତ ଲଜ୍ଜାଜନକ । ଦଳୀୟ ସ୍ୱାର୍ଥ ପରିବର୍ତେ ଜନତାଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ରାଜ୍ୟ କୃଷିମନ୍ତ୍ରୀ ପ୍ରଥମେ ଚାଷୀଙ୍କ ପାଖରେ ପଡି ରହିଥିବା ଧାନକୁ କିଣିବାର ପ୍ରୟାସ କରନ୍ତୁ, ନହେଲେ ଅଂଚଳବାସୀ ଏହାର ଉଚିତ୍ ଜବାବ୍ ଦେବେ ବୋଲି ଶ୍ରୀ ପୁରୋହିତ କହିଛନ୍ତି । ପ୍ରତିଶୃତି ଦେଇଥିବା ମହାନଦୀ ଓଡ଼ିଶାର ଜୀବନ ରେଖା ନୁହେଁ ବରଂ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଭୋଟରେଖା । ଆସନ୍ତା କାଲି ସେହି ସୁଖାସୁଡା ଗ୍ରାମରୁ ବିଜେପି କାର୍ଯ୍ୟକର୍ତାମାନେ ମହାନଦୀ, ଜଳସେଚନ ଏବଂ ଚାଷ ସଂପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଶାସକ ବିଜେଡିକୁ ଜବାବ୍ ମାଗିବେ ବୋଲି ଶ୍ରୀ ପୁରୋହିତ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜାତିଗତ ଜନଗଣନା ପାଇଁ ....

ଅନୁସୂଚିତ ଜାତି ଓ ଜନଜାତି ମାନେ ସୁବିଧା ସୁଯୋଗ ପାଉଛନ୍ତି । ସେମାନଙ୍କ ଭଳି ଅନ୍ୟ ପଛୁଆ ବର୍ଗମାନେ ପାଇବା ଉଚିତ ବୋଲି ସେ କହିଛନ୍ତି । ମହାରାଷ୍ଟ୍ରର ପଞ୍ଚାୟତ ନିର୍ବାଚନରେ ଓବିସିମାନଙ୍କ ପାଇଁ ସଂରକ୍ଷଣ ଦାବି ଉଠିବା ପରେ ପାୱାର ଏହା କହିଛନ୍ତି । ଚଳିତ ବର୍ଷ ମହାରାଷ୍ଟ୍ରରେ ପଞ୍ଚାୟତ ନିର୍ବାଚନ ରହିଛି । ପୂର୍ବରୁ ମହାରାଷ୍ଟ୍ର ସରକାର ଗଠନ କରିଥିବା ରାଜ୍ୟ ପଛୁଆ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟକୁ ଆଧାର କରି ପ୍ରସ୍ତାବିତ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ । ଏହି ଆବେଦନରେ ପଛୁଆ ବର୍ଗଙ୍କ ପାଇଁ ପଞ୍ଚାୟତ ନିର୍ବାଚନରେ ଆସନ ସଂରକ୍ଷଣ ପାଇଁ ଦାବି ୨୭ ପ୍ରତିଶତ ଦାବି କରାଯାଥିଲା । ତେବେ ଜାତିଗତ ଜନଗଣନା ହେଲେ ପ୍ରକୃତ ପଛୁଆବର୍ଗଙ୍କ ସଂଖ୍ୟା ସାମ୍ନାକୁ ଆସିବ ବୋଲି ପାୱାର କହିଛନ୍ତି । ଏହି ରିପୋର୍ଟ ଆଧାରରେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ପଛୁଆ ବର୍ଗ ନ୍ୟାୟ ପାଇପାରିବେ । ପାୱାର କହିଛନ୍ତି ଯେ, ବିଜେପିର ସହଯୋଗୀ ଥାଇ ମଧ୍ୟ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜାତିଗତ ଜନଗଣନା ପାଇଁ ଦାବି କରିଛନ୍ତି । କିନ୍ତୁ ବିଜେପି ଏହା କରିବାକୁ ଚାହୁଁ ନାହିଁ । ଆରଏସଏସ ନେତା ଜାତିଗତ ଜନଗଣନାକୁ ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି ।

### ଆମେରିକାରେ ବଢୁଛି ଗନ କଲଚର....

ହୋଇଛି । ସୁଚନା ଅନୁସାରେ, ଜଣେ ବନ୍ଧୁକ ଧାରୀ ଯୁବକ ଅଚାନକ ସ୍କୁଲ ଭିତରେ ପ୍ରବେସ କରିଥିଲା । ଏବଂ କେହି କିଛି ବୁଝିବା ପୁର୍ବରୁ ଆଖିବୁଜା ଗୁଳି ଚାଳନା କରିଥିଲା । ଜୀବନ ବଂଚାଇବାକୁ ଯାଇ ଭୟରେ ସ୍କୁଲର ଛାତ୍ରଛାତ୍ରୀମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ । ଘଟଣାରେ ଅନେକ ଗୁରୁତର ଆହତ ହୋଇଥିବା ମଧ୍ୟ କୁହାଯାଉଛି । ଖୋଦ ରାଷ୍ଟ୍ରପତି ବାଇଡେନ ଘଟଣାକୁ ନେଇ କଡା ବୟାନ ଦେଇଛନ୍ତି । ବାଇଡେନ କହିଛନ୍ତି, ଏହା ଏକ ନରସଂହାର । ଏବଂ ଏଥିରେ ଅନେକ ନୀରିହ ଲୋକଙ୍କ ମୃତ୍ୟୁ ହୋଇଛି । ଆମେରିକା ନାଗରୀକ ମାନେ ଗନ କଲଚର ବିରୁଦ୍ଧରେ ସ୍ୱର ଉତଳନ କରିବା ଜରୁରୀ । ସେହିପରି ୪ ଦିନିଆ ରାଷ୍ଟ୍ରିୟ ଶୋକ ଘୋଷଣା କରିଛନ୍ତି ରାଷ୍ଟ୍ରପତି ବାଇଡେନ । ତେବେ ଗନ କଲଚରକୁ ନେଇ ବର୍ତମାନ ଆମେରିକାରେ ଚର୍ଚ୍ଚା ଯୋର ଧରିଛି । ଆମେରିକୀୟ ସମ୍ବିଧାନ ନାଗରୀକଙ୍କୁ ବନ୍ଧୁକ ରଖିବାର ଅଧିକାର ଦେଇଛି । ଆମେରିକାରେ ଦୋକାନ ମାନଙ୍କରେ ଅତି ସହଜରେ ବନ୍ଧୁକ ଉପଲବ୍ଧ ହୋଇଥାଏ । ଆମେରିକାର ଏକ ତୃତୀୟାଂଶ ନାଗରୀକଙ୍କ ବନ୍ଧୁକ ବ୍ୟବହାର କରଥୁବା ନେଇ ମଧ୍ୟ ନ୍ୟାସନାଲ ଗନ ଭାଉଲେଂସ ମେମୋରିଆଲର ତଥ୍ୟରୁ ଜଣାପଡିଛି ।

### ଶସ୍ତା ହେବ ଖାଇବା ତେଲ....

ନିଷ୍ପତ୍ତି ନେଇଛନ୍ତି । ଏହାଦ୍ୱାରା ଭାରତୀୟ ବଜାରରେ ଶସ୍ତା ହେବ ସୋୟାବିନ୍ ଓ ସୂର୍ଯ୍ୟମୁଖି ତେଲ । ବାର୍ଷିକ ୨୦ ଲକ୍ଷ ମେଟ୍ରିକ ଟନ ଲେଖାଏ ଅଶୋଧିତ ସୋୟାବିନ ଓ ସୂର୍ଯ୍ୟମୁଖି ତେଲ ଉପରୁ ଶୁଳ୍କମୁକ୍ତ ଆମଦାନୀକୁ ଅନୁମତି ଦେଇଛନ୍ତି କେନ୍ଦ୍ର ସରକାର । ଆଜିଠାରୁ ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ । ଖାଇବା ତେଲର ଅହେତୁକ ଦାମ୍ ବୃଦ୍ଧିକୁ ଦେଖି କେନ୍ଦ୍ର ଟିକସ ଛାଡ଼ ପାଇଁ ନିଷ୍ପତ୍ତି ନେଇଛି । ୟୁକ୍ରେନ ଏବଂ ରୁଷିଆରୁ ଭାରତ ନିଜ ଆବଶ୍ୟକତାର ପ୍ରାୟ ୯୦% ତେଲ ଆମଦାନୀ କରିଥାଏ । ରୁଷ-ୟୁକ୍ରେନ୍ ଯୁଦ୍ଧ ପାଇଁ ଗତ ଦୁଇମାସ ଧରି ଭାରତୀୟ କମ୍ପାନୀ ସୂର୍ଯ୍ୟମୁଖୀ ତେଲ ଆମଦାନୀ କରିବା ପାଇଁ ନୂତନ ଦେଶ ଏବଂ ବଜାର ଖୋଜୁଥିଲେ । ଯୁଦ୍ଧ ଯୋଗୁ ଖାଇବା ତେଲ ଆମଦାନୀ ପ୍ରଭାବିତ ହୋଇଥିବାରୁ ଦର ବଢ଼ି ଲୋକଙ୍କୁ ଅତିଷ୍ଠ କରିଛି । ହେଲେ ଏବେ ସେଥିରୁ ସାମାନ୍ୟ ଆଶ୍ୱସ୍ତି ମିଳିବା ଆଶା ସଞ୍ଚାର ହୋଇଛି ।

### ରୁଷ ପ୍ରତିରକ୍ଷାମନ୍ତ୍ରୀଙ୍କ....

ଘୋଷଣା କରୁଛି । ଯାହା ଫଳରେ ସାଧାରଣ ନାଗରୀକ ମାନବୀୟ ଦ୍ୱାରା ଆକ୍ରମଣ ସ୍ଥଳରୁ ଉଦ୍ଧାର ହୋଇ ପାରୁଛନ୍ତି । ମାସ ଧରି ଯୁଦ୍ଧ ଜାରି ରହିଥିବାବେଳେ ଆମେରିକାର ବିଶିଷ୍ଟ ନିବେଶକ ଜର୍ଜ ସୋରୋସ ଯୁଦ୍ଧକୁ ନେଇ ବଡ ବୟାନ ରଖିଛନ୍ତି । ଏହି ଯୁଦ୍ଧ କ୍ରମଶ ତୃତୀୟ ବିଶ୍ୱଯୁଦ୍ଧର ରୂପ ନେଇପାରେ ଓ ଯଦି ଏହା ସତ ହୁଏ ତେବେ ପୂରା ବିଶ୍ୱ ପାଇଁ ଏହା ବଡ ବିପତ୍ତି ଆଣିବ । ଯୁଦ୍ଧ ବାବଦରେ ପୁଟିନ ଚୀନକୁ ପୂର୍ବରୁ ସୂଚନା ଦେଇଥିବା ମଧ୍ୟ ସେ ଦାବି କରିଛନ୍ତି । ଗୋଟେ ପଟେ ୟୁକ୍ରେନ ପାଖରୁ ହତିଆର ସରି ଆସୁଥିବାବେଳେ ଅନ୍ୟପଟେ ଆମେରିକାର ଶକ୍ତିଶାଳୀ ଏମ ଟ୍ରିପଲ ସେଭେନକୁ ଧ୍ୱଂସ କରିଛି ପୁଟିନଙ୍କ ଜିଆଂଟ ଏସ-୧୫୨ । ରୁଷ ସହ ଲଢ଼ିବା ପାଇଁ ଆମେରିକା କିଛି ଦିନ ପୂର୍ବରୁ ଏହି ଶକ୍ତିଶାଳୀ ଯୁଦ୍ଧାସ୍ତ୍ର ୟୁକ୍ରେନକୁ ଦେଇଥିଲା ।ଏବେ ସମସ୍ତଙ୍କ ନଜର ଆଗକୁ ଜେଲେନସ୍କିଙ୍କ ନୂଆ ରଣନୀତି କଣ ହେବ ?

### ଉତ୍ତରପ୍ରଦେଶ ରାଜନୀତିରେ.....

କରି ଆସୁଥିଲେ ସିବଲ । କିଛି ଦିନ ପୂର୍ବରୁ ଜି-୨୩ ନାମରେ ଏକ ଗୋଷ୍ଠି ତିଆରି କରି କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱ ଓ ସଂଗଠନର ସମ୍ପୂର୍ଣ୍ଣ ପରିବର୍ତନ ପାଇଁ ମଧ୍ୟ ସେ ଦାବି କରିଥିଲେ । ଦଳକୁ ଟାର୍ଗେଟ କରି କହିଥିଲେ କି ଘର ଭିତରେ କଂଗ୍ରେସ ନୁହେଁ ବଂର ଦଳ ସମସ୍ତଙ୍କ ହେବା ଦରକାର ।କିଛି ଦିନ ଧରି ଅସନ୍ତୁଷ୍ଟ ରହିବା ପରେ ସିବଲ କଂଗ୍ରେସ ଛାଡି ଏବେ ସପା ସହ ରାଜନୈତିକ ଜୀବନରେ ନୂଆ ଇନିଂସ ଆରମ୍ଭ କରିଛନ୍ତି । ଗୋଟିଏ ପରେ ଗୋଟିଏ ବରିଷ୍ଠ ନେତା କଂଗ୍ରେସ ନେତୃତ୍ୱକୁ ନା ପସନ୍ଦ କରି ଦଳ ଛାଡିବା ଦଳ ପାଇଁ ଚିନ୍ତାର କାରଣ ପାଲଟିଛି ।

## ବିଧାନସଭାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧଦିବସ ପାଳିତ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଓଡ଼ିଶା ବିଧାନସଭା ପରିସରରେ ଓଡ଼ିଶାର ବରପୁତ୍ର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ବୁଧବାର ପୂର୍ବାହ୍ନରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ରଜନୀକାନ୍ତ ସିଂହ, ରାଜ୍ୟ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର ପ୍ରମୁଖ ପାରଳା ମହାରାଜାଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଭାଷାଭିତିକ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପାରଳା ମହାରାଜାଙ୍କ ଅବଦାନ ଅତୁଳନୀୟ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସେ ଜଣେ ମୁଖ୍ୟ ପୁରୋଧା ଥିଲେ । ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ରାଜ୍ୟର ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ପାଇଁ ସେ ଅନେକ ଉତମ ପଦକ୍ଷେପ ଗ୍ରହଣ କରିଥିଲେ । ରାଜାଙ୍କ ଜନ୍ମ ପ୍ରଜାମାନଙ୍କ ସେବା ପାଇଁ ବୋଲି ସେ କହୁଥିଲେ । ଏହି ବାକ୍ୟରୁ ସେ ଜଣେ ଅତ୍ୟନ୍ତ ପ୍ରଜାବତ୍ସଳ ରାଜା ଥିଲେ ବୋଲି ସ୍ପଷ୍ଟ ପ୍ରମାଣିତ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି ।

## ରାସ୍ତା ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ଜଳେଶ୍ୱର, ୨୫/୫ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ଶିଖର ପଂଚାୟତର ସେହି ଗାଁର ଯୁବକ ପ୍ରମୋଦ ଗିରି ଓରଫ ପିଲୁ (୪୩) ଗତ୨୪ ତାରିଖରେ ସେ ୬୦ନଂ ଜାତୀୟ ରାଜପଥରେ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ସୁବର୍ଣ୍ଣରେଖା ନଦୀପୋଲ ଉପରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ତୁରନ୍ତ ତାଙ୍କୁ ପ୍ରଥମେ ବସ୍ତା ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସଂଧ୍ୟାରେ ଅବସ୍ଥା ଗରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବା ସମୟରେ ସେ ମୃତ୍ୟୁବରଣ କରିଛନ୍ତି । ସେ ଜଳେଶ୍ୱର ଅଂଚଳର ବିଭିନ୍ନ ପ୍ରତିଷ୍ଠାନ ସହିତ ଜଡିତ ଥିବା ବେଳେ ମୁଥୁଡ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଥିଲେ । ତାଙ୍କର ଏକମାନ ନାବଳିକା କନ୍ୟା, ଅସହାୟ ସ୍ତ୍ରୀ ଓ ବୃଦ୍ଧା ମା'କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି । ସେ ଜଣେ ମେଳାପି ଓ ମିଷ୍ଟ ଭାଷୀ ହୋଇଥିବାରୁ ଆଜି ତାଙ୍କ ଅକାଳବିୟୋଗରେ ସୁବର୍ଣ୍ଣରେଖା ନଦୀକୂଳରେ ଶେଷ କୃତ୍ୟ ବେଳେ କମ୍ପାନୀର ବହୁ କର୍ମଚାରୀ ଓ ଗ୍ରାମବାସୀ ଅଶୃଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ମହମ୍ମଦନଗରପାଟଣା ଭାଟିସାହିକୁ ନାହିଁ ରାସ୍ତା : ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାରଙ୍କ ସମୀକ୍ଷା

ଜଳେଶ୍ୱର, ୨୫/୫ (ନି.ପ୍ର): ଏକବିଂଶ ଶତାବ୍ଦୀରେ ଏମିତିବି ରାସ୍ତା ଅଛି ଯେଉଁ ଗାଁକୁ ରାସ୍ତାଟିଏ ନାହିଁ । ବାସ କରୁଥିବା ପ୍ରାୟ ୪ଶହ ଆଦିବାସୀ ଦୀର୍ଘପଥ ଅତିକ୍ରମ କରି ମୁଖ୍ୟ ରାସ୍ତା, ସରକାରୀ କାର୍ଯ୍ୟାଳୟ, ପଂଚାୟତ ଅଫିସ୍, ଗ୍ରାମ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାତାୟାତ କରୁଛନ୍ତି । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମହମ୍ମଦନଗରପାଟଣା ପଂଚାୟତର ଭାଟିସାହିକୁ ନ ଦେଖିଲେ ସାଧାରଣଭାବେ ବୁଝି ହେବନାହିଁ । ଏହା ଜଳେଶ୍ୱରପୁର -ତରିବତପୁର ଗାଁର ଅଂଶ ବିଶେଷ । ଏଠାକୁ ଯାତାୟାତଲାଗି ଦକ୍ଷିଣପୂର୍ବ ରେଳପଥହିଁ ଏକମାତ୍ର ବାଧକ । ତେଣୁ ସେ ଅଂଚଳର ଲୋକେ ଦୁଃଖ ଭୋଗୁଥିବାରୁ ତତ୍କାଳୀନ ସାଂସଦ ଖାରବେଳ ସ୍ୱାଇଁ ୨୦୦୨ ମସିହାରେ ତାଙ୍କ ହାତପାଣ୍ଠିରୁ ଅର୍ଥ ଯୋଗାଇ ଜଗୁଆଳି ବିହିନ ରେଳ ଲେଭେଲ କ୍ରସିଂ ପ୍ରତିଷ୍ଠା ସହିତ ରାସ୍ତା ଓ ପୋଲ ନିର୍ମାଣ କରିଥିଲେ । କିନ୍ତୁ ଏବେ ଏହି ରେଳ ରାସ୍ତାର ୩ୟ ଲାଇନ୍ ନିର୍ମାଣ ହେଉଥିବାରୁ ଏହି ରାସ୍ତାଟି ସଂପୂର୍ଣ୍ଣ ବନ୍ଦ ହୋଇ ଯାଇଛି । ଏ ସମ୍ପର୍କରେ ସରପଂଚ ଅରୁଣ କୁମାର ସେନାପତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଅଳ୍ପଦିନ ମଧ୍ୟରେ ଭାଟିସାହିକୁ ଯାତାୟାତଲାଗି ରାସ୍ତା ନିର୍ମାଣ ହୋଇ ପରିବ ବୋଲି ତହସିଲଦାର ଆଶା ବ୍ୟକ୍ତି କରିଛନ୍ତି ।

# କଳିଙ୍ଗା ଘାଟି ବସ୍ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): କଳିଙ୍ଗା ଘାଟିଠାରେ ଗତକାଲି ରାତିରେ ଘଟିଥିବା ବସ ଦୁର୍ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ପଶ୍ଚିମବଙ୍ଗରୁ ଆସିଥିବା ଏହି ପର୍ଯ୍ୟଟକ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବସ୍ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଆମେ ଅତୀତରେ ଦେଖିଛୁ ଅନ୍ୟ ରାଜ୍ୟରୁ ଆସୁଥିବା ବସଗୁଡ଼ିକ କଳିଙ୍ଗା ଘାଟିରେ ଏପରି ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ଲମ୍ବା ଘାଟିରେ ଗାଡ଼ି ଚଳାଇବାରେ ସମ୍ପୃକ୍ତ ଡ୍ରାଇଭରମାନଙ୍କର ଅଭିଜ୍ଞତା ନାହିଁ । ତେଣୁ ବାହାରା ରାଜ୍ୟରୁ ଆସୁଥିବା ବସଗୁଡ଼ିକ ପାଇଁ ରାଜ୍ୟ ସରକାର ଖୁବଶୀଘ୍ର ପରାମର୍ଶ ଜାରି କରିବେ । ସେମାନେ ଏହି ଘାଟି ବାଟରେ ନଆସି ଅନ୍ୟ ବାଟରେ ଯିବାକୁ ପରାମର୍ଶ ଦିଆଯିବ । ଅପରପକ୍ଷରେ ପଶ୍ଚିମବଙ୍ଗ ସରକାର ମଧ୍ୟ ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ପଠାଇ ରାଜ୍ୟ ସରକାରଙ୍କ ସହାୟତାରେ ଆହତ ଯାତ୍ରୀଙ୍କ ଚିକିତ୍ସା ବ୍ୟବସ୍ଥାକୁ ତଦାରଖ କରୁଥିବା ଜଣାପଡ଼ିଛି । ପଶ୍ଚିମବଙ୍ଗ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ସଚିବ ଓ ଉଦୟନାରାୟଣପୁର ବିଧାୟକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ଓଡ଼ିଶା ଆସିଛି । ସୂଚନା ଥାଉକି, ପଶ୍ଚିମବଙ୍ଗର ହାୱଡ଼ା ଉଦୟନାରାୟଣପୁର ଥାନା ଅଂଚଳରୁ ୭୭ ଜଣ ଯାତ୍ରୀ ଜଣଙ୍କୁ ନେଇ ଏକ ବସ୍ ପିକନିକ ପାଇଁ ଦାରିଙ୍ଗବାଡି ଆସିଥିଲା । ଗତକାଲି ରାତିରେ କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡିରୁ ପିକନିକ୍ ସାରି ୭୭ ଜଣ ଯାତ୍ରୀଙ୍କୁ ନେଇ କଳିଙ୍ଗାଘାଟି ଦେଇ ଫେରୁଥିବା ବେଳେ ଘାଟି ତଳ ଅଂଚଳର ଦୁର୍ଗାପ୍ରସାଦ ଠାରେ ବସଟିର ବ୍ରେକ ପାଇପ ଫାଟିଯିବା ହେତୁ ଭାରସାମ୍ୟ ହରାଇ ବସଟି ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଓଲଟି ଯାଇଥିଲା । ଯାହାଫଳରେ ଏହି ଦୁଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩୦ ରୁ ଅଧିକ ଜଣ ଗୁରୁତର ହୋଇଛନ୍ତି । ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୬ଜଣ ବ୍ୟକ୍ତିଙ୍କ ଚିହ୍ନଟ ହୋଇଛି ।

## ମେ ୩୦ରୁ ଜୀ ସାର୍ଥକରେ ଆସୁଛି ଏକ ଭିନ୍ନ ଧରଣର ରିୟାଲିଟି ଶୋ 'ଦିଦି ନମ୍ବର ୱାନ'

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଓଡ଼ିଆ ମନୋରଞ୍ଜନ କ୍ଷେତ୍ରରେ ପୁଣି ଏକ ମାଇଲଷ୍ଟୋନ ତିଆରି କରିବାକୁ ଯାଉଛି ଜୀ ସାର୍ଥକ । ମହିଳାମାନଙ୍କ ପାଇଁ ଚ୍ୟାନେଲ ତରଫରୁ ପ୍ରସ୍ତୁତ ହୋଇଛି ନୂଆ ମନୋରଞ୍ଜନ କାର୍ଯ୍ୟକ୍ରମ ଯାହାର ନାଁ ରହିଛି 'ଦିଦି ନମ୍ବର ୱାନ୍' । ଆସନ୍ତା ମେ ୩୦ ତାରିଖରୁ ଏହାର ପ୍ରସାରଣ ହେବାକୁ ଥିବା ବେଳେ ଓଡ଼ିଆ ଟେଲିଭିଜନ ପରଦାର ଲୋକପ୍ରିୟ ଅଭିନେତ୍ରୀ ଲିପି ମହାପାତ୍ର ଏହି ଶୋ'ର ହୋଷ୍ଟ କରିବେ । ପ୍ରତି ସୋମବାରରୁ ଶନିବାର ସଂଧ୍ୟା ୫ଟାରେ 'ଦିଦି ନମ୍ବର ୱାନ୍' ର ପ୍ରସାରଣ ସମୟ ରଖା ଯାଇଛି । ସେହିପରି ରବିବାର ରାତି ୮ :୩୦ରେ ଏହି କାର୍ଯ୍ୟକ୍ରମର ସ୍ପେସିଆଲ ଏପିସୋଡ ପ୍ରସାରଣ ହେବ ବୋଲି ଚ୍ୟାନେଲ ତରଫରୁ ସୂଚନା ଦିଆଯାଇଛି । ଓଡ଼ିଆ ପରିବାରର ଗୁଣବତୀ, ବୁଦ୍ଧିମତୀ ଓ କଳାବତୀ ମହିଳାମାନେ ଦିଦି ନମ୍ବର ୱାନ୍‌ରେ ନିଜ ଅନ୍ତର୍ନିହିତ ଗୁଣକୁ ଦେଖାଇ




ନିଜର ଏକ ସ୍ୱତନ୍ତ୍ର ପରିଚୟ ପାଇପାରିବେ । ବିଭିନ୍ନ ପ୍ରକାର ଖେଳ ମାଧ୍ୟମରେ ପ୍ରତିଯୋଗୀମାନେ ଭାଗ ନେଇ ନିଜର ବୁଦ୍ଧିକୁ ଦେଖେଇପାରିବେ ଏବଂ ତା ସହିତ ବହୁତସାରା ଏକ୍ସାଇଟିଙ୍ଗ ଗିଫ୍ଟ ଜିତିବାର ସୁଯୋଗ ପାଇପାରିବେ । ଏହାର ଅଡିସନ ଓଡ଼ିଶାର ବିଭିନ୍ନ ସହରରେ ଆରମ୍ଭ ହୋଇଯାଇଛି । ମନୋରଞ୍ଜନ ଦୁନିଆରେ ପ୍ରଥମ ଥର ପାଇଁ ଏଭଳି ଏକ ଶୋ'ର ପରିକଳ୍ପନା କରିଛି ଜୀ ସାର୍ଥକ । ସବୁବେଳେ ଓଡ଼ିଆ କଳା ଓ ସଂସ୍କୃତି ସହ ଦର୍ଶକଙ୍କ ରୁଚିକୁ ଗୁରୁତ୍ୱ ଦେଇ ଆସୁଥିବା ଜୀ ସାର୍ଥକ ଏଥର ମହିଳାମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ଆଲବମ ଓ ଟେଲିଭିଜନ ପରଦାରେ ଘରେ ଘରେ ପରିଚିତ ଅଭିନେତ୍ରୀ ଲିପି ମହାପାତ୍ର ଏହି ଶୋ'ରେ ହୋଷ୍ଟ କରିବେ । ଶହେରୁ ଅଧିକ ଆଲବମରେ ଲିପି ନାୟିକା ଭାବରେ ଅଭିନୟ କରିଛନ୍ତି । ମେଘରେ ମେଘ ଠାରୁ ନେଇ ଜାଇଫୁଲ ଯାଏଁ ଶହେରୁ ଅଧିକ ହିଟ୍ ମ୍ୟୁଜିକ ଭିଡିଓ ଦେଇଛନ୍ତି ଲିପି । ସେହିଭଳି ଟେଲି ସିରିୟଲ ମାଧ୍ୟମରେ ଲିପି ଓଡ଼ିଆ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଛନ୍ତି । ଏବେ 'ଦିଦି ନମ୍ବର ୱାନ'ରେ ହୋଷ୍ଟ ହୋଇ ମହିଳାମାନଙ୍କୁ ସେମାନଙ୍କର ଅନ୍ତର୍ନିହିତ ଗୁଣକୁ ଦେଖାଇବାରେ ଉତ୍ସାହିତ କରିବେ ଲିପି । ବିଭିନ୍ନ ଶୋ ମାଧ୍ୟମରେ ବାରମ୍ବାର ହିଟ୍ ଦେଉଥିବା ଜୀ- ସାର୍ଥକର 'ଦିଦି ନମ୍ବର ୱାନ୍' ଶୋ' ବି ଏଥର ଓଡ଼ିଆ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେବ ବୋଲି ଚ୍ୟାନେଲ୍ ପକ୍ଷରୁ କୁହାଯାଇଛି ।

## ବାଲେଶ୍ୱରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା

ବାଲେଶ୍ୱର,୨୫/୦୫ (ନି.ପ୍ର): ବାଲେଶ୍ୱର ଗସ୍ତ ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆରଡିସି) ଡ. ସୁରେଶ ଚନ୍ଦ୍ର ଦଳାଇ ଗୁରୁବାର ଜିଲା କଲେକ୍ଟୋରେଟର ବିଭିନ୍ନ ଅନୁବିଭାଗ ଏବଂ କାର୍ଯ୍ୟାଳୟର ନିୟମିତ କାର୍ଯ୍ୟପ୍ରଣାଳୀ ଅନୁଧ୍ୟାନ ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆରଡିସି ଡ. ଦଳାଇ ବିଭାଗୀୟ କାର୍ଯ୍ୟାବଳୀ ଓ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟ ଓ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ବିଭାଗୀୟ ସମୀକ୍ଷା କାର୍ଯ୍ୟରେ ସେ ରାଜସ୍ୱ ଆଦାୟ, ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି, ସରକାରୀ ପ୍ରକଳ୍ପ ଓ ଯୋଜନାର କାର୍ଯ୍ୟକାରିତା ସମ୍ବନ୍ଧରେ ଅଧିକାରୀମାନଙ୍କୁ ପଚାରି ବୁଝିଥିଲେ । ବିଶେଷ କରି ରାଜସ୍ୱ, ଅବକାରୀ, ପରିବହନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଅଧିକାରୀମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ । ସେହିପରି ଜଳାଶୟରୁ ଘରବାରି କିସମକୁ ପରିବର୍ତ୍ତିତ ହୋଇଥିବା ଜିଲାର ବିଭିନ୍ନ ଜମିର ସ୍ଥିତି ସମ୍ପର୍କରେ ସେ ଜିଲାପାଳ, ଅତିରିକ୍ତ ଜିଲାପାଳ, ତହସିଲଦାର, ସହରାଞ୍ଚଳ ନିର୍ବାହୀ ଅଧିକାରୀ ଓ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ ସଦଭାବନା ସଭାଗୃହରେ ଆରଡିସିଙ୍କ ଦ୍ୱାରା ଏକ କ୍ୟାମ୍ପ କୋର୍ଟ ମଧ୍ୟ ଆୟୋଜିତ ହୋଇଥିଲା । ତେବେ ଉନ୍ନୟନମୂଳକ ପ୍ରକଳ୍ପ କାମସବୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଆରଡିସି ଡ.ଦଳାଇ ନିର୍ଦ୍ଦେଶ ଦେଇଥିଲେ ।

## ୨୭ରେ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ ତେଲେଙ୍ଗାନା ଆଦିବାସୀ କଲ୍ୟାଣ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ତେଲେଙ୍ଗାନାର ଆଦିବାସୀ କଲ୍ୟାଣ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସତ୍ୟବତୀ ରାଠୋର ଏକ ଅଧିକାରୀ ଦଳ ସହ ଆସନ୍ତା ୨୭ ତାରିଖରେ ୨ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ସର୍ବୋତ୍କୃଷ୍ଟ ପଦକ୍ଷେପଗୁଡ଼ିକୁ ସେ ଅନୁଧ୍ୟାନ କରିବେ । ବିଶେଷ କରି ନାବେଟ୍ - କ୍ୟୁସିଆଇ ସହଭାଗିତାରେ ଡିସେମ୍ବର ୨୦୧୯ରୁ କାର୍ଯ୍ୟକାରୀ କରାଯାଉଥିବା ମିଶନ ସୁବିଦ୍ୟା କାର୍ଯ୍ୟକ୍ରମକୁ ସେ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ବିଭାଗ ଦ୍ୱାରା ପରିଚାଳିତ ଏସ୍‌ଏସ୍‌ଡି ଛାତ୍ରାବାସଗୁଡ଼ିକର ମୂଲ୍ୟାଙ୍କନ ଓ ବେଞ୍ଚମାର୍କ ସ୍ଥାପନ ଏହି ମିଶନ ସୁବିଦ୍ୟା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ । ଛାତ୍ରାବାସଗୁଡ଼ିକର ପରିଚାଳନା ପଦ୍ଧତିର ମାନକ ନିର୍ଦ୍ଧାରଣ କରିବା ଓ ମୌଳିକ ସେବାଗୁଡ଼ିକରେ ଉନ୍ନତି ଆଣିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଆବାସିକ ଛାତ୍ରାବାସଗୁଡ଼ିକର ସଂଚାଳନ ବ୍ୟବସ୍ଥା ଓ ପରିଚାଳନା, ସ୍ୱାସ୍ଥ୍ୟ ଓ ପୁଷ୍ଟି, ସୁରକ୍ଷା, ମାନବସମ୍ବଳ, ମୌଳିକ ସେବା ଓ ମନୋରଞ୍ଜନ ଏବଂ ଗୁଣାତ୍ମକ ସୁବିଧାସୁଯୋଗର ବ୍ୟବସ୍ଥା ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ସେ ବୁଲି ଦେଖିବେ । ପ୍ରତ୍ୟେକ ଛାତ୍ରାବାସକୁ ପ୍ରଦତ୍ତ ସୁବିଧାସୁଯୋଗ ଆଧାରରେ ଫାଇନାଲ୍ ଗ୍ରେଡ୍ ପ୍ରଦାନ ବ୍ୟବସ୍ଥା ଓ ଆଇଏସ୍‌ଓ-୯୦୦୧ ୨୦୧୫ ସାର୍ଟିଫିକେଟ୍ ପାଇବା ପାଇଁ ଏସବୁ ହଷ୍ଟେଲଗୁଡ଼ିକୁ ପ୍ରସ୍ତୁତ କରିବା ବ୍ୟବସ୍ଥାକୁ ଅନୁଧ୍ୟାନ କରିବା ମଧ ତେଲେଙ୍ଗାନା ଦଳର ଉଦ୍ଦେଶ୍ୟ । ବହୁଭାଷୀ ଶିକ୍ଷା ପଦ୍ଧତି 'ସଂହତି' ଦ୍ୱାରା ଜନଜାତି ବିଦ୍ୟାର୍ଥୀମାନଙ୍କର ଭାଷା ଅସୁବିଧାକୁ ଦୂର କରାଯାଇଥିବା ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀମତୀ ରାଠୋର ଏହି ପଦ୍ଧତିକୁ ମଧ ଅନୁଧ୍ୟାନ କରିବେ । ପ୍ରାୟ ୧୪୦୭ ପ୍ରାଇମେରୀ ସ୍କୁଲରେ ପଢୁଥିବା ଦେଢ଼ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ସହ ବହୁଭାଷୀ ଶିକ୍ଷା ପଦ୍ଧତି ଫଳପ୍ରଦ ଶିକ୍ଷାଦାନରେ ସହାୟକ ହୋଇପାରିଛି । ତେଲେଙ୍ଗାନାରୁ ପରିଦର୍ଶନରେ ଆସୁଥିବା ମନ୍ତ୍ରୀ ଶ୍ରୀମତୀ ରାଠୋର ଓ ଅଧିକାରୀ ଦଳ ଆଦିମ ଜନଜାତି ଅଞ୍ଚଳଗୁଡ଼ିକରେ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ସହ ଜନଜାତିମାନଙ୍କ ଜୀବନଜୀବିକାର ଉନ୍ନତିକଳ୍ପେ ସାମୂହିକ ଭାବେ ନିଆଯାଇଥିବା ବିଭିନ୍ନ ପଦକ୍ଷେପଗୁଡ଼ିକୁ ମଧ ବୁଲି-ଦେଖିବାର କାର୍ଯ୍ୟକ୍ରମ ରହିଛି ।

## ମନି ଲଣ୍ଡରିଂ ମାମଲାରେ ଇଡ଼ି ମୁମ୍ବାଇର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ କଲା

ମୁମ୍ବାଇ, ୨୫/୦୫ (ନି.ପ୍ର): ମାଫିଆ ଡନ୍ ଦାଉଦ୍ ଇବ୍ରାହିମ ମନି ଲଣ୍ଡରିଂ ମାମଲାର ଯାଂଚ କରି ଏନଫୋର୍ସମେଂଟ ନିର୍ଦ୍ଦେଶାଳୟ (ଇଡ଼ି) ମୁମ୍ବାଇର ଏକ ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ଅର୍ଥ ହେରଫେର ମାମଲାର ତଦନ୍ତରେ ମନ୍ତ୍ରୀ ନବାବ ମଲ୍ଲିକଙ୍କ ପରିବାର ସହଯୋଗ କରୁନାହାଁନ୍ତି ବୋଲି ଚାର୍ଜସିଟ୍‌ରେ କୋର୍ଟକୁ କହିଛନ୍ତି । ତାଙ୍କ ପତ୍ନୀ ଏବଂ ଦୁଇ ପିଲାଙ୍କୁ ପଚରାଉଚୁରା ପାଇଁ ଡକାଯାଇଥିଲା, କିନ୍ତୁ ସେ ହାଜର ହୋଇନଥିଲେ । ମୁମ୍ବାଇର ସ୍ୱତନ୍ତ୍ର ଅଦାଲତରେ ଉପସ୍ଥାପିତ ହୋଇଥିବା ଚାର୍ଜସିଟରେ ଇଡ଼ି କହିଛି ଯେ ନବାବ ମଲ୍ଲିକଙ୍କ ପତ୍ନୀ ମହଂଜବୀନଙ୍କୁ ଦୁଇଥର ଏବଂ ପୁଅ ଫରାଜ ମଲ୍ଲିକଙ୍କୁ ପାଂଚ ଥର ଡକାଯାଇଥିଲା । କିନ୍ତୁ ସେମାନଙ୍କ ମଧ୍ୟରୁ କେହି ପଚରାଉଚୁରା ପାଇଁ ଆସି ନାହାଁନ୍ତି ।

## କୁଜଙ୍ଗ ମହୋତ୍ସବରେ ମୋଗଲ ତାମ୍‌ସା ଉଚ୍ଚ ପ୍ରଶଂଶିତ




ଭଦ୍ରକ, ୨୫/୦୫ (ନି.ପ୍ର): କୁଜଙ୍ଗ ମହୋତ୍ସବ ଆନୁକୁଲ୍ୟରେ ବଂଶୀବଲ୍ଲଭ ସାହିତ୍ୟ ସଂସ୍କୃତି ପରିଷଦ, ଗରଦପୁର, ଭଦ୍ରକ ଦ୍ୱାରା ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ନିର୍ଦ୍ଦେଶନା ଓ ପ୍ରଦ୍ୟୋତନ ସୁଆରଙ୍କ ସହ ନିର୍ଦ୍ଦେଶନାରେ ମୋଗଲ ତାମ୍‌ସା ଅଭିନୀତ ହୋଇ ବେଶ୍ ଉଚ୍ଚ ପ୍ରଶଂଶିତ ହୋଇଅଛି । ଅଭିନୟରେ କବି ବିଜୟ ବହଳୀ, ସରୋଜ ସିଂ, ପ୍ରଦ୍ୟୋତନ ସୁଆର, ଜଗନ୍ନାଥ ମହାରାଜ, ପିନାକ ପଣ୍ଡା, ପୀତବାସ ବହଳୀ, ନିହାର ସିଂ,ରଞ୍ଜନ ମହାନ୍ତି, ଅଶୋକ ସାହୁ, ପହଲ୍ଲାଦ ଦାସ, ଶିବୁନ ଅଗସ୍ତି,ସରୋଜ ମହାପାତ୍ର ଏବଂ ନାରୀ ଚରିତ୍ରରେ କସ୍ତୁରୀ ପଣ୍ଡା, ଲିପ୍ସା ଚୌଧୁରୀ, ଦିପ୍ତିମୟୀ ମଣ୍ଡଳ, ସଂଗୀତରେ ସଂଗୀତ ଗୁରୁ ସୁରେନ୍ଦ୍ର ଗାହାଣ, କଣ୍ଠରେ ମିନତୀ ବାରିକ, ବାଦ୍ୟରେ ସତ୍ୟବ୍ରତ ଚକ୍ରବରତି, ଉଦୟ ବେହେରା, ମହୁରୀ ବାଦ୍ୟରେ ବାବୁ ମଣ୍ଡଳ, ଗୋପାଳ ମଣ୍ଡଳ ଓ ରୂପ ସଜ୍ଜାରେ କେଶବ ଓ ରାଜଆଦି ଅଂଶ ଗ୍ରହଣ କରିଥିଲେ । କୁଜଙ୍ଗ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସୌମ୍ୟ ଶ୍ରୀ ପାଣିଗ୍ରାହୀଙ୍କ ମଂଚ ସଂଚାଳନରେ ଏହା ଅନୁଷ୍ଠିତ ହୋଇଥିଲା ।

## ଗୋଟିଏ ଦିନରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୯୦ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ଜଣେ ହେଲେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୧୨୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୪ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ସଂଗରୋଧରୁ ଓ ୧ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧, କଟକ ଜିଲ୍ଲାରୁ ୧ ତଥା ସମ୍ବଲପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଷ୍ଟେଟ ପୁଲରୁ ଓ ଅବଶିଷ୍ଟ ୨୭ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ଭିକାରୀ ବଳଙ୍କ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଆ ଭକ୍ତି ସଙ୍ଗୀତ ବିଶାରଦ, ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି । ଭଜନ, ଜଣାଣ ଏବଂ ଚଉପଦୀ, ଛାନ୍ଦ, ଚମ୍ପୂ ଆଦି ଗାନ ସହ ଜଗନ୍ନାଥ ସଂସ୍କୃତିର ପ୍ରସାର କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ । ତାଙ୍କ ସୁମଧୁର କଣ୍ଠ ଓ ଭାବପୂର୍ଣ୍ଣ ଭକ୍ତି ସଂଗୀତ ଶ୍ରୋତାଙ୍କ ହୃଦୟରେ ତାଙ୍କୁ ସର୍ବଦା ସ୍ୱତନ୍ତ୍ର କରି ରଖିବ ।

## ଆଗରପଡ଼ା ବଜାରରେ କୋଟପା ଚଢ଼ଉ

ଭଦ୍ରକ, ୨୫/୦୫ (ନି.ପ୍ର): ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କୋଟପା ଆଇନ୍ କାର୍ଯ୍ୟାନ୍ୱୟନ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଧରପଗଡ଼ କାର୍ଯ୍ୟକ୍ରମ ଜାରି ରହିଛି । ପୂର୍ବ ପ୍ରସ୍ତୁତ ଯୋଜନା ଅନୁଯାୟୀ ଆଜି ଆଗରପଡ଼ା ବଜାରରେ ଦୋକାନ ମାନଙ୍କରେ ଚଢ଼ଉ କରାଯାଇ ବିକ୍ରିୟ କରାଯାଉଥିବା ନିଷିଦ୍ଧ ତମାଖୁ ଜାତୀୟ ଗୁଟଖା ସିଗାରେଟ୍ ଆଦି ଜବତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ୧୯ ଜଣ ଆଇନ୍ ଉଲଂଘନକାରୀଙ୍କ ଠାରୁ ୩ ହଜାର ୬ଶହ ଟଙ୍କା ଜୋରିମାନା ବାବଦ



ଆଦାୟ କରାଯାଇଛି । ଏହି ଧରପଗଡ଼ ସ୍କ୍ୱାଡ଼ରେ ଆଗରପଡ଼ା ପୋଲିସ ସବ୍‌ଇନିସ୍‌ପେକ୍ଟର, ଅବକାରୀ ନିରୀକ୍ଷକ, ଏପିଡ଼େମୋଲୋଜିଷ୍ଟ ଡା କାଶୀନାଥ ପଣ୍ଡା, ଅଣ ସଂକ୍ରାମକ ରୋଗର ସହକାରୀ ପରିଚାଳକ ଦୀପକ କୁମାର ରାଉତ ଓ ସଂପୃକ୍ତ ବିଭାଗୀୟ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ୬୦ନଂ ଜାତୀୟ ରାଜପଥରେ ପୁଣି ନକଲି ଏମ୍‌ଭିଆଇ ଦୌରାତ୍ମ୍ୟ

ଜଳେଶ୍ୱର, ୨୫/୦୫ (ନି.ପ୍ର): ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜା ନିକଟବର୍ତ୍ତୀ ଅଂଚଳରେ ବାରମ୍ବାର ନକଲି ଏମ୍‌ଭିଆଇ, ନକଲି ଆର୍‌ଟିଓ, ନକଲି ସୋଶାଲ ସ୍କ୍ୱାର୍ଡ ପରିଚୟ ଦେଇ ଓଡିଶା ଭିତରକୁ ପ୍ରବେଶ କରୁଥିବା ଗାଡି ମାନଙ୍କରୁ ମୋଟା ଅଂକର ଅର୍ଥ ରୋଜଗାର କରି ଆସୁଛନ୍ତି । କିନ୍ତୁ ନାଁକୁ ମାତ୍ର କେବେ କେବେ ସେମାନଙ୍କ ମଧ୍ୟରୁ କାହାକୁ ଗିରଫ କରାଯାଇଥାଏ । ଏପରି ଘଟଣା ଲକ୍ଷ୍ମଣନାଥ ଟୋଲ ପ୍ଲାଜା ନିକଟରେ ବାରମ୍ବାର ଘଟୁଥିବାରୁ ତାହା ସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି । ନିଜକୁ ଏମ୍‌ଭିଆଇ ବୋଲାଉଥିବା ପଶ୍ଚିମବଂଗର ସୋନାକଣି ଆଚଳର ବାୟା ଓରଫ ଓରିନ୍ଦମ ମହାନ୍ତି ଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି । ଅରିନ୍ଦମ ଗତବର୍ଷ ତୀର୍ଥଯାତ୍ରୀବସ୍ ଲୁଟ ଘଟଣାରେ ତାର ୩ ସହଯୋଗୀ ସହିତ ଗିରଫ ହୋଇଥିବା ବେଳେ ଘଟଣା କିଛିଦିନ ପରେ ଜେଲରୁ ମୁକୁଳି ପୁଣି ସେହି କାର୍ଯ୍ୟରେ ଲିପ୍ତ ରହିଛି । ଏଭଳି କେତେକ ଯୁବକ ଟୋଲଗେଟ ନିକଟବର୍ତ୍ତୀ ଅଂଚଳରେ ଘରଭଡା କରି ରହିବା ସହିତ ବିଭିନ୍ନ ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ସେମାନେ କେତେକ ପ୍ରଶାସନୀକ ଅଧିକାରୀଙ୍କୁ ହାତକରି ବ୍ୟାପକ ଛିନ୍‌ତାଇ, ଲୁଟ୍ କିମ୍ବା ନିଜକୁ କୌଣସି ପଦାଧିକାରୀର ପରିଚୟ ଦେଇ ବ୍ୟାପକ ଚାନ୍ଦା ଆଦାୟ କରୁଛନ୍ତି । ପୁଲିସ୍ ଜାଣିଶୁଣି ବିଶେଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଜଣାଯାଇଛି । ଟୋଲପ୍ଲଜାର ୨ଶହ ମିଟର ଦୂରରେ ରହିଥିଲେ ମଧ୍ୟ ଅପରାଧିମାନେ ଖାଲମଖୁଲା ଅପରାଧ କରୁଥିବାରୁ ସେଠାରେ ଏକ ଫାଣ୍ଡି ପ୍ରତିଷ୍ଠା କରିବା ଲାଗି ଦାବି ହେଉଛି ।

## ଅଭିଭାବକମାନଙ୍କର ସରକାରୀ ସ୍କୁଲ ପ୍ରତି ଆଗ୍ରହ ବଢ଼ିଛି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୫/୦୫ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟଠାରେ ଆଭାସୀ ମାଧ୍ୟମରେ ଆୟୋଜିତ ହେଉଥିବା ସ୍କୁଲ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପ୍ରଶିକ୍ଷଣ ଏବଂ ଦିଗ୍‌ଦର୍ଶନ କର୍ମଶାଳାରେ ଯୋଗଦାନ କରି ଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ବର୍ତ୍ତମାନ ଅଭିଭାବକମାନେ ସରକାରୀ ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ଦୀର୍ଘ ଦୁଇବର୍ଷ ଧରି କରୋନା ମହାମାରୀ ଯୋଗୁଁ ପିଲାମାନଙ୍କ ପ୍ରତ୍ୟକ୍ଷ ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି ହୋଇଛି । ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ କୋମଳମତି ଶିଶୁମାନଙ୍କୁ ଶିକ୍ଷାଦାନ କରିବା ସମୟରେ ଶିକ୍ଷକଶିକ୍ଷୟିତ୍ରୀମାନେ ଅଧିକ ଯତ୍ନବାନ ହେବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଥିଲେ ।

## ୯ ନମ୍ବର ୱାର୍ଡ଼ର ୨ରାସ୍ତା ନବୀକରଣ ପ୍ରକଳ୍ପ ଶିଳାନ୍ୟାସ

ବାଲେଶ୍ୱର,୨୫/୦୫ (ନି.ପ୍ର): ବାଲେଶ୍ୱର ପୌର ପରିଷଦ ଗଠନ ପରେ ଏବେ ସ୍ଥାନୀୟ ସମସ୍ୟା ତଥା ରାସ୍ତାଘାଟ ନିର୍ମାଣ ଓ ଡ୍ରେନ ବ୍ୟବସ୍ଥା ଉନ୍ନତିକରଣକୁ ଗୁରୁତ୍ୱ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ ପୌରପାଳିକା ଅନ୍ତର୍ଗତ ୯ନମ୍ବର ୱାର୍ଡ ରେ ଦୁଇଟି ରାସ୍ତାର ଆଜି ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି ।କରାଯାଇଛି । ପୌରାଧ୍ୟକ୍ଷା ସବିତା ସାହୁ ଦୁଇ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିବା ସହ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ କାଉନସିଲର ସଞ୍ଜୀବ ଦାସ ଏଥିରେ ଉପସ୍ଥିତ ରହି ନିର୍ବାଚନ ସମୟରେ ୱାର୍ଡ଼ବାସିନ୍ଦାଙ୍କ ପକ୍ଷରୁ ଥିବା ବିଭିନ୍ନ ଦାବି ଅନୁସାରେ ଏବେ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରିତାକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବା କହିଥିଲେ । ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟର



ଗୁଣବତା ରକ୍ଷା ସାଙ୍ଗକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ପାଇଁ ସେ ପ୍ରଚେଷ୍ଟା କରିବେ ବୋଲି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ପ୍ରଧାନ, ସନ୍ତୋଷ କୁମାର ସିଂ, ନିରଞ୍ଜନ କୁମାର କର, ସନ୍ତୋଷ ସାହୁ, ପିଂଟୁ ପାଣିଗ୍ରାହୀ, ସୁବ୍ରତ କର, ଶରତ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ପୌରାଧକ୍ଷା ଓ ସ୍ଥାନୀୟ କାଉନସିଲରଙ୍କୁ କୃତଜ୍ଞତା ଜଣାଇଥିଲେ । ୯ନଂ ୱାର୍ଡରେ ଗମନାଗମନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ପୂରଣ ହେବାକୁ ଯାଉଥିବା ବେଳେ ଆଗାମୀ ଦିନରେ ମଧ ଅନ୍ୟାନ୍ୟ ସମସ୍ୟା ସମାଧାନ ହେବ ବୋଲି ସେମାନେ ଆଶାପ୍ରକାଶ କରିଥିଲେ । ୯ନଂ ୱାର୍ଡ ଅନ୍ତର୍ଗତ ପଢୁଆଁପଦା ଅଂଚଳର ପିଡବ୍ଲୁଡି କଲୋନୀ ପାର୍ଶ୍ୱ ଡକ୍ଟର ବିଜୟ ପଣ୍ଡାଙ୍କ ଘର ଠାରୁ ଫାଲଗୁନୀ ମହାପାତ୍ରଙ୍କ ଘର ପର୍ଯ୍ୟନ୍ତ ୨୬୫ ମିଟର ଲମ୍ବର ପିଚୁ ରାସ୍ତା ସହ ନାଳ ନିର୍ମାଣ ପାଇଁ ୧୦ଲକ୍ଷ ୯୬ହଜାର ୭୯୮ ଟଙ୍କା ଏବଂ ପ୍ରଗତିନଗରର ନିହାରିକା ମହାନ୍ତିଙ୍କ ଘର ଠାରୁ ବ୍ରଜମୋହନ ଦାସଙ୍କ ଘର ଦେଇ ମଧୁମିତା ପ୍ରଧାନଙ୍କ ଘର ପର୍ଯ୍ୟନ୍ତ ୧୩୫ ମିଟର ଲମ୍ବର କଂକ୍ରିଟ ରାସ୍ତା ସହ ନାଳ ନିର୍ମାଣ ପାଇଁ ୧୪ ଲକ୍ଷ ୫୩ହଜାର ୬୦୦ ଟଙ୍କା ମଞ୍ଜୁର କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି । ପୌରପାଳିକା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ବେହେରା, ଯୁବ ସଂଗଠନ ଭାଗବତ ସାହୁ, କାଉନସିଲର ଦେବାଶିଷ ସିଂ, ସତ୍ୟେନ୍ଦ୍ର ଦାସ, ତରୁଣ ରାଉତ, ଜିତେନ୍ଦ୍ର ଦାସ, ବାଦଲ କୁମାର ବେହେରା, ଶେଖ ଦିଲଦାର ହୁସେନ ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ସମବାୟ ସମିତିରେ ଧାନ ମଣ୍ଡି ଖୋଲିଲା

ବସ୍ତା, ୨୫/୦୫ (ନି.ପ୍ର): ବସ୍ତା ବ୍ଲକ ଅଞ୍ଚଳରେ ବହୁ ବାଧାବିଘ୍ନ ସତ୍ତ୍ୱେ ଚାଷକରି ଚାଷୀ ବହୁ କଷ୍ଟରେ ଧାନ ଅମଳ କରିଛନ୍ତି ।ମାତ୍ର ମଣ୍ଡି ଖୋଲାଯାଇ ନଥିବାରୁ ଗୁଜୁରାଣ ଓ ଋଣ ପରିଶୋଧ କରିବା ପାଇଁ ଦଲାଲଙ୍କୁ କମ ଦାମରେ ବିକ୍ରୀ କରିବାକୁ ବାଧ ହେଉଥିଲେ ।ଆଜି ପୂଜକ ଈଶ୍ୱର ବଲ୍ଲଭ ଦାସ ପୂଜା ଅର୍ଚ୍ଚନା କରିବା ପରେ ବସ୍ତା ବ୍ଲକର ନଟାକଟା ପଞ୍ଚାୟତ ସ୍ଥିତ ଅମର୍ଦାରୋଡ ସମବାୟ ସମିତିର ପୂର୍ବତନ ସମିତି ସଭାପତି ମଦନ



ମୋହନ ପାଳ ଧାନମଣ୍ଡି ଉଦଘାଟନ କରିଥିଲେ ।ସମବାୟ ସମିତିର ସଂପାଦକ ନିରଞ୍ଜନ ପାତ୍ର ପୌରହିତରେ ବାଲେଶ୍ୱର ଆର.ଆମ.ସି ଗୋବିନ୍ଦ ଚନ୍ଦ୍ର ଜୀ, ଶିରିଶ ମହାପାତ୍ର, ରବିନ୍ଦ୍ର କୁମାର ଶୁର, ନିଶିକାନ୍ତ ପରିଡା, ନିରଞ୍ଜନ ପାତ୍ର, ଅଚ୍ୟୁତା ନନ୍ଦ ଦାସ, ଚିରଞ୍ଜନ ସାହୁ,ଭଗିରଥ ପରିଡା, ଅନିଲ କୁମାର ସାହୁ, ମିଳାର ବାସୁଦେବ ରାଇସ ମିଲ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Managing & Executive Editor : Srustidhar Parida
❐ Editor: Sairindhree Sahoo